# ବିବାହ ଏବଂ ଛାଡ଼ପତ୍ର

ଆସନ୍ତୁ ଆମେମାନେ ବର୍ତ୍ତମାନ ପ୍ରାର୍ଥନାର ଏକ କ୍ଷଣ ନିମନ୍ତେ ନିଜର ମସ୍ତକଗୁଡିକୁ ନତ କରିବା । ପରମ ଅନୁଗ୍ରହକାରୀ ପିତା, ଆମେ ଆଜି ସକାଳରେ ଏହି ପ୍ରେକ୍ଷାଳୟରେ ରହିପାରିବାର ଏବଂ ଏହି ଦିନର ଫଳାଫଳକୁ ସମ୍ମୁଖିନ ହେବାର ଏହି ସୌଭାଗ୍ୟ ହେତୁ, ତୁମକୁ ଧନ୍ୟବାଦ ଦେଉଅଛୁ । ମାତ୍ର ଆମେ ଜାଣି ନାହୁଁ ଯେ ଏହି ଦିନଟି କଅଣ ଧାରଣ କରିଛି, କିନ୍ତୁ ଆମେ ଜାଣୁ ଯେ ଏହି ଦିନଟିକୁ କିଏ ଧାରଣ କରିଅଛନ୍ତି । ଏଣୁ ଆମେ ପ୍ରାର୍ଥନା କରୁଛୁ ଯେ ଯିଏ ଆଜି ଏବଂ ଆସନ୍ତାକାଲି, ଓ ସମସ୍ତ ଅନନ୍ତତାକୁ ଧାରଣ କରିଅଛନ୍ତି, ଆଜି ଆମମାନଙ୍କୁ ଆଶୀର୍ବାଦ କରିବେ ଯେତେବେଳେକି ଆମେମାନେ ତାହାଙ୍କ ନାମରେ ଏକତ୍ର ହୋଇଅଛୁ, ଯେପରିକି ଆମେ ଏହା ଅଧିକ ଉତ୍ତମ ଭାବେ ଜାଣିପାରୁ ଯେ ତାହାଙ୍କର ସେବା କରିବା ନିମନ୍ତେ କିପରି ରହିବାକୁ ଅଛି । ପିତା, ଏହାହିଁ ଆମର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଅଟେ । ପରମେଶ୍ୱର, ଯିଏକି ଆମର ହୃଦୟଗୁଡିକୁ ଜାଣନ୍ତି, ଜାଣିଛନ୍ତି ଯେ ଏହା ସତ୍ୟ ଅଟେ । ଆମେମାନେ ନିଜ ନିଜକୁ ତୁମଠାରେ, ପୁଣି ଦିନର ସେହି—ସେହି ଆଗକୁ ଥିବା ବିଷୟ ସହିତ, ତୁମର ସେବା ନିମନ୍ତେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସମର୍ପଣ କରୁଅଛୁ । ଆମେନ୍ ।

2 ବସି ଯାଆନ୍ତୁ । (ଧନ୍ୟବାଦ । ଏଠାରେ ଆଉ ଗୋଟିଏ ଅଛି ।)

3 ସୁପ୍ରଭାତ, ଦୃଶ୍ୟମାନ ଦର୍ଶକବୃନ୍ଦ ଏବଂ ପୁଣି ସମଗ୍ର ଦେଶରେ ରହିଥିବା ଅଦୃଶ୍ୟମାନ ଦର୍ଶକବୃନ୍ଦ ଯେଉଁଠାରେକି ଆମେମାନେ ଆଜି ସକାଳେ ସଂଯୋଗରେ ଅଛୁ । ଏହା ମୋତେ ଆଜି ସକାଳେ ଏଠାକୁ ଆସି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ କହିବା ଏକ ବଡ଼ ସୌଭାଗ୍ୟ ପ୍ରଦାନ କରିଥାଏ । ଦୃଶ୍ୟମାନ ଦର୍ଶକବୃନ୍ଦଙ୍କ ପାଇଁ, ଏହା ପ୍ରକୃତରେ ଟିକେ ଦ୍ୱନ୍ଦ୍ୱପୂର୍ଣ୍ଣ ଅଟେ, କାରଣ ଠିକ୍ ମୋ ସମ୍ମୁଖରେ ପରଦାଗୁଡିକ ରହିଛି, ତା'ପରେ ମୋତେ ଡାହାଣ ଏବଂ ବାମ ଦୁଇ ପାର୍ଶ୍ୱକୁ କଥା କହିବାକୁ ଅଛି । ଏବଂ ଅଦୃଶ୍ୟମାନ ଦର୍ଶକବୃନ୍ଦଙ୍କ ପାଇଁ, ମୋର ଡାହାଣ ପାର୍ଶ୍ୱରେ ପ୍ରେକ୍ଷାଳୟ ଅଛି, ଏବଂ ମୋର ବାମ ପାର୍ଶ୍ୱରେ ବ୍ୟାୟାମଶାଳା ଅଛି; ଏବଂ ମୁଁ ଭୂମି ଉପରେ ଛିଡ଼ା ହୋଇଅଛି, ପୁଣି ପରଦାଗୁଡିକ ମଝିରେ ଖୋଲା ଥାଇ, ମୋର ଡାହାଣ ହାତ ଏବଂ ବାମ ହାତ ଦୁଇ ଭାଗ କରିଛି । ଏବଂ ଆମର ଆଜି ସକାଳେ, ପ୍ରେକ୍ଷାଳୟ ଦେଇ, ପୁଣି ବ୍ୟାୟାମଶାଳାରେ ମଧ୍ୟ, ସମ୍ପୂର୍ଣ୍ଣ ଭିଡ ରହିଛି, ଆଉ ଏଇଟଥ୍ ଏବଂ ପେନ୍ ଷ୍ଟ୍ରିଟରେ ଥିବା ଗୀର୍ଜା, ସେହି ଗୀର୍ଜା ଘର ମଧ୍ୟ ପରିପୂର୍ଣ୍ଣ ଅଟେ । ଏବଂ ଗହଳି ଥିବା ସ୍ଥାନମାନଙ୍କରେ, ସେହି ଟେଲିଫୋନ୍ ବ୍ୟବସ୍ଥା ଏହାକୁ ଅନ୍ୟ ସ୍ଥାନମାନଙ୍କୁ ନେଇଯାଉଅଛି ।

4 ପ୍ରଭୁଙ୍କଠାରେ ଆମର ଏକ ଅଦ୍ଭୁତ ସମୟ ରହିଥିଲା, ଏବଂ ଆମେମାନେ ଆଜି ସକାଳେ ଏହି ସେବା ପାଇଁ ଅତ୍ୟଧିକ ଆଶା ସହିତରେ ରହିଛୁ । ଏବଂ ବର୍ତ୍ତମାନ ଆଜି ରାତ୍ରି ଏହି ଚାରି ଦିନର ଅଭିଯାନର ସମାପନ ସମୟ ହୋଇଥିବାରୁ, କାହିଁକି, ଆମେ ନିଶ୍ଚିତ

ଭାବରେ ସମସ୍ତଙ୍କୁ, ଯେଉଁମାନେ ବି ପାରନ୍ତି, ଏଠାରେ ରହିବା ପାଇଁ ନିମନ୍ତ୍ରଣ କରୁ । ଆମେ ଭରସା କରୁଛୁ ଯେ ପ୍ରଭୁ ଆଜି ରାତି କିଛି ଗୋଟିଏ ଅତ୍ୟଧିକ ଅସାଧାରଣ କାର୍ଯ୍ୟ କରିବା ଦ୍ୱାରା ଆମମାନଙ୍କୁ ଏକ ମହାନ ଚରମୋତ୍କର୍ଷ ପ୍ରଦାନ କରିବେ, ଏପରି ମାତ୍ରାରେ ଯେ ସେ ସମସ୍ତ ରୋଗୀମାନଙ୍କୁ ସୁସ୍ଥ କରିବେ ଓ ମହାନ ବିଷୟମାନଙ୍କୁ ସାଧନ କରିବେ ଯାହା ସେ ସାଧାରଣତଃ କରିଥାନ୍ତି । ଆଉ ଆମେମାନେ ସନ୍ଧ୍ୟା ପାଇଁ ବହୁତ ଆଶା ସହିତରେ ଅଛୁ । ଜନସାଧାରଣଙ୍କୁ ଆନ୍ତରିକତାର ସହିତ ନିମନ୍ତ୍ରଣ କରାଯାଇଛି, ପ୍ରତ୍ୟେକ ଜଣଙ୍କୁ, ପ୍ରତ୍ୟେକ ନାମଧାରୀ ସଂସ୍ଥାର ପ୍ରତ୍ୟେକ ମଣ୍ଡଳୀକୁ । ଆପଣଙ୍କୁ ଏପରିକି ଖ୍ରୀଷ୍ଟିଆନ ମଧ୍ୟ ହେବାର ପ୍ରୟୋଜନ ନାହିଁ; ଆମ୍ଭେମାନେ ନିଶ୍ଚିତରେ ପାପୀମାନଙ୍କୁ ଭିତରକୁ ଆସିବା ପାଇଁ, ଓ ଆମ୍ଭମାନଙ୍କ ସହିତରେ ବସିବା ପାଇଁ ଆହ୍ୱାନ କରୁଛୁ । ଏବଂ ଆମ୍ଭେମାନେ ସେମାନଙ୍କୁ ଏହା ଶିଖାଇବା ପାଇଁ ଆମର ଯଥାସମ୍ଭବ ଚେଷ୍ଟା କରୁଛୁ ଯେ ପ୍ରଭୁଙ୍କ ମାର୍ଗ କଅଣ ଅଟେ, ଯେପରିକି ଆମେ ବଞ୍ଚିରହିବା ।

5 ବର୍ତ୍ତମାନ ମୁଁ ଆଶା କରେ ଯେ ଦର୍ଶକବୃନ୍ଦ ଅଧୀର ହେବେ ନାହିଁ । ଏବଂ ମୁଁ ପରମେଶ୍ୱରଙ୍କ ଉପରେ ଭରସା କରେ ଯେ ମୁଁ ଅଧୀର ହୁଏ ନାହିଁ, ଯେହେତୁ ମୋର ଏକ ଜବରଦସ୍ତ ରାତ୍ରି ରହିଥିଲା, ବହୁତ କଷ୍ଟରେ ଥିଲି । କାରଣ ମୁଁ ହୃଦୟଙ୍ଗମ କରୁଛି ଯେ ଆଜି ସକାଳେ ମୁଁ ଯାହାସବୁ ବିଷୟ କହିବି ତାହା ସବୁ ବିଚାର ଦିନରେ ମୋ ବିରୁଦ୍ଧରେ ଧରାଯିବ, ଆଉ ମୁଁ—ମୁଁ ଶୋଇପାରି ନାହିଁ, ଏବଂ ମୁଁ ଜାଣେ ଯଦି ମୁଁ ସେସବୁ କୁହେ ନାହିଁ ତାହାହେଲେ ବିଚାର ଦିନରେ ଏହାକୁ ମୋ ବିରୁଦ୍ଧରେ ଧରାଯିବ । ତେଣୁ ତାହା ଏହାକୁ କଠିନ କରିଦିଏ, ଆପଣ ଏହାକୁ ବ୍ୟାଖ୍ୟା କରିପାରନ୍ତି ନାହିଁ ।

6 ଆଉ ତେବେ ଆଜି ସକାଳେ ସେହି ମହାନ ବିଷୟ ଅଟେ ଯାହାକି ଆମେ *ବିବାହ ଏବଂ ଛାଡପତ୍ର* ଉପରେ ଆଲୋଚନା କରିବା । ଏବଂ ସେହି କାରଣ ଯେ ମୁଁ ଏହାକୁ ରବିବାର ଶିକ୍ଷାରେ ନେଲି, ଯେ ଏହା ଉପରେ ଉପଦେଶ ପ୍ରଚାର କରିବା ପରିବର୍ତ୍ତେ, ଆମେ ଏହି ବିଷୟରେ ଆଲୋଚନା କରିପାରିବା ଏବଂ ଆମର ସମୟକୁ ନେଇପାରିବା । ଏହା ଶାସ୍ତ୍ରରୁ ଏକ ଶିକ୍ଷା ଅଟେ ।

7 ଆଉ ମୁଁ—ମୁଁ ଏହା କହିବାକୁ ଚାହେଁ ଯେ, ଯଦି କୌଣସି ସେବକ କିଅବା ସେବକଗଣ, କୌଣସି ସ୍ଥାନର, ଏହି ଟେପ୍ ଯଦି କେବେ ସେମାନଙ୍କ ହାତରେ ପଡ଼େ, ଯଦି ଆମେ ଏହି ଟେପ୍‌କୁ ପ୍ରସାରିତ କରିବା…ମୁଁ ଜାଣେ ନାହିଁ ଯେ ମଣ୍ଡଳୀ ଏହା ବିଷୟରେ କଅଣ କରିବେ । ମୁଁ ଭାଇ ଫ୍ରେଡଙ୍କୁ କହିବି ଯେ ସେ ଏହି ଟେପ୍‌କୁ ପ୍ରସାରିତ କରିବା ପୂର୍ବରୁ ମଣ୍ଡଳୀ ବୋର୍ଡ ସହିତ ଦେଖା କରିବେ । ଏବଂ ସମଗ୍ର ଦେଶରେ ଥିବା ଆପଣ ଲୋକମାନେ, ଯେଉଁମାନେଙ୍କ ପାଖରେ ଟେପ୍ ରେକର୍ଡର୍ ବ୍ୟବସ୍ଥା ରହିଛି, ଦୟାକରି ଟେପ୍ ବାହାରେ ଦେବେ ନାହିଁ ଯେପର୍ଯ୍ୟନ୍ତକି ଆପଣ ଏହା ବିଷୟରେ ଭାଇ ସୋଥମ୍ୟାନ୍‌ଙ୍କଠାରୁ ଖବର ନ ପାଇଯାଆନ୍ତି ।

8 ତେବେ, ଆଉ ଯଦି ଏହାକୁ ମୁକ୍ତ କରି ଦିଆଯାଏ, ଏବଂ ମୋର କୌଣସି ସେବକ ବନ୍ଧୁମାନେ, କିମ୍ବା କୌଣସି ଖ୍ରୀଷ୍ଟିଆନ କୌଣସି ସ୍ଥାନରେ, ଯିଏକି ଏହି ବିଷୟଗୁଡିକ ଉପରେ ଯାହା ବିଷୟରେ ମୁଁ କହୁଅଛି ଅସହମତ ହୁଅନ୍ତି, ମୁଁ—ମୁଁ ବିଶ୍ୱାସ କରେ ଯେ ଆପଣ ଏହାକୁ ସମାଲୋଚନା କରିବେ ନାହିଁ। ଯଦି ଆପଣ ଏହାକୁ ସେହିପରି ଭାବରେ ବୁଝନ୍ତି ନାହିଁ ଯେପରିକି ମୁଁ ଏହାକୁ ଶିକ୍ଷା ଦିଏ, ତେବେ, ଆପଣଙ୍କର ଏକ ସେବକ ଭାବରେ, ଏକ ମେଷପାଳକ ଭାବରେ, ତାହା କରିବାର ଏକ ଅଧିକାର ଅଛି। ଏବଂ ଆପଣ ଯାହାକିଛି ବିଶ୍ୱାସ କରନ୍ତି ମୁଁ ତାହାର ସମ୍ମାନ କରେ।

9 ଏବଂ ଏହା ଉପରେ ବିଚାରଧାରାର ଦୁଇଟି ମହାନ ବିଦ୍ୟାଳୟ ଅଛି। ଆଉ ଯଦି ଦୁଇଟି ପ୍ରଶ୍ନ ଅଛି, ତେବେ ତାହା ମଧ୍ୟରୁ ଗୋଟିଏ ଠିକ୍ ହେବା ଆବଶ୍ୟକ, କିମ୍ବା ତାହା ମଧ୍ୟରୁ ଗୋଟିଏ ହେଲେ ସୁଦ୍ଧା ଠିକ୍ ନୁହେଁ। ତେଣୁ ଆମେ ଆଜି ସକାଳେ, ଏହାର ସମାଧାନ ପାଇଁ, ପରମେଶ୍ୱରଙ୍କ ବାକ୍ୟକୁ ଦେଖିବା ପାଇଁ ଚେଷ୍ଟା କରିବାକୁ ଯାଉଅଛୁ। ମୋ ପାଇଁ, ଯଦି ଏହା ଏକ ବାଇବଲ ପ୍ରଶ୍ନ ଅଟେ, ତାହାହେଲେ ନିଶ୍ଚିତ ଭାବରେ ବାଇବଲରେ ଏହାର ଉତ୍ତର ରହିଅଛି।

10 ଆଉ ବର୍ତ୍ତମାନ ଏହା ପୂର୍ବେକି ଆମର ଏହି ବିଷୟଗୁଡିକ ରୁହେ, ଏହି ବିଷୟକୁ ଆରମ୍ଭ କରୁ, ବରଂ, ମୁଁ ବାକ୍ୟ ଉପରେ ପ୍ରାର୍ଥନା କରିବା ପୂର୍ବରୁ, ମୁଁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଜଣାଇବାକୁ ଚାହେଁ, ଯେ ମୁଁ…ଆପଣ ଖ୍ରୀଷ୍ଟିୟାନମାନେ ବିଶେଷକରି, ଯେ ମୁଁ ଇଚ୍ଛା କରେ… ମୁଁ—ମୁଁ ଚାହେଁ ଯେ ଆପଣମାନେ ଆଜି ସକାଳେ ମୋ ପାଇଁ ପ୍ରାର୍ଥନା କରନ୍ତୁ। ଏବଂ ଆଜି ସକାଳେ ଶୁଣୁଥିବା ଅଦୃଶ୍ୟ ଦର୍ଶକବୃନ୍ଦଙ୍କ ମଧ୍ୟରେ ସମସ୍ତେ, ମୋ ପାଇଁ ପ୍ରାର୍ଥନା କରନ୍ତୁ, କାରଣ ମୁଁ ବିଶ୍ୱସ୍ତ ଏବଂ ସଚ୍ଚୋଟ ହେବାକୁ ଚାହେଁ।

11 ତେବେ ଆମେମାନେ ଏହି ବିବୃତ୍ତି ଦେବାରେ, ଏହା ଅନୁଭବ କରୁ, ଯେ କେହି ଜଣେ, ଯଦି ଏହା କେବଳ ଜଣେ ବ୍ୟକ୍ତି ହୋଇଥାନ୍ତୁ, ଏହାକୁ ଏପରି ଭାବରେ ଧରି ରହିଥିବେ ଯେପରିକି ଏହା ଜୀବନ ଏବଂ ମୃତ୍ୟୁ ମଧ୍ୟରେ ସେହି ବିଷୟ ଅଟେ। ଏଠାରେ ଆପଣମାନଙ୍କ ମଧ୍ୟରୁ ଅନେକେ ଅଛନ୍ତି ଯିଏକି ବିଶ୍ୱାସ କରି ଚାଲିଯିବେ। ଅବଶ୍ୟ, ଆପଣମାନଙ୍କ ମଧ୍ୟରୁ ଅନେକେ, ବୋଧହୁଏ, ତାହା କରିବେ ନାହିଁ। ମାତ୍ର ମୁଁ ଜାଣେ, ମୋର ସେବାକାର୍ଯ୍ୟରେ, ଏପରି କିଛି ଲୋକମାନେ ଅଛନ୍ତି ଯେଉଁମାନେକି ମୋ କଥା ଶୁଣିବାକୁ ଆସନ୍ତି, ଏବଂ ମୋତେ ଯାହା କହିବାକୁ ଥାଏ ତାହା ଶୁଣନ୍ତି; ବିଭିନ୍ନ ସ୍ଥାନରୁ, ତେବେ, ସେମାନେ ଆଜି ସକାଳେ ଠିକ ଏହିଠାରେ ବସିଛନ୍ତି, ଆନ୍ତର୍ଜାତୀୟ ସ୍ତରରେ, ଯୁକ୍ତରାଷ୍ଟ୍ରରୁ, କାନାଡାରୁ, ଏବଂ ସମୁଦ୍ରର ପାରି ବିଭିନ୍ନ ସ୍ଥାନରୁ। ଏବଂ ଆପଣ ସେହି ଚାପକୁ କଳ୍ପନା କରିପାରୁଥିବେ ଯାହାକି ଏହା ଆପଣଙ୍କ ଉପରେ ପକାଇଥାଏ, ଏହା ଜାଣିବାକୁ ଯେ ସେହି ମନୁଷ୍ୟର ଅନନ୍ତ ଗନ୍ତବ୍ୟସ୍ଥଳ ଆପଣଙ୍କ ହାତରେ ରହିଛି, 'କାରଣ ଆପଣ ଯାହା କହନ୍ତି ସେ ତାହାକୁ ଧରି ରହିବାକୁ ଯାଉଅଛି। ଏଣୁ

ପରମେଶ୍ୱର ତାହା ପାଇଁ ମୋତେ ଉତ୍ତରଦାୟୀ କରିବେ, ଏବଂ ମୁଁ ଯଥା ସମ୍ଭବ ନିଷ୍ଠାପରତାର ସହ ଏହା ନିକଟକୁ ଯିବାକୁ ଚାହେଁ ।

12 ବର୍ତ୍ତମାନ ମୁଁ—ମୁଁ ଆମ ଭଉଣୀମାନଙ୍କୁ ପଚାରେ । ଏବଂ ମୁଁ ମୋର କିଛି ଶବ୍ଦଗୁଡିକୁ ପରିବର୍ତ୍ତନ କଲି ଯେପରିକି ମୁଁ ଏହା ସେମାନଙ୍କ ସମ୍ମୁଖରେ କହିପାରିବି । ଆଜି ସକାଳେ, ବିଲି ତାର ପକେଟରେ ସେଠାରେ, ଏପରି କିଛି ବିଷୟମାନ ରଖିଛି, ଯାହାକି ଏକ—ଏକ ମିଶ୍ରିତ ଜନତା ସମ୍ମୁଖରେ କୁହା ଯାଇପାରେ ନାହିଁ । ଏବଂ କେତେକ ବିଷୟ ଯାହାକି ମୁଁ ବୋଧହୁଏ କହିବି, ଆପଣମାନଙ୍କୁ ତାହା ବୁଝିବାକୁ ହେବ । ଆପଣମାନେ ଏହାକୁ ଏପରି ଭାବରେ ନିଅନ୍ତୁ ଯେପରିକି ନିଜ ଭାଇଠାରୁ—ଠାରୁ ନେଉଛନ୍ତି, ସର୍ବୋତ୍କୃଷ୍ଟ ଭାବରେ ଯାହା ମୁଁ ଜାଣେ । ଆପଣ ଜଣେ ଡାକ୍ତରଙ୍କ କାର୍ଯ୍ୟାଳୟରେ ବସି ତାଙ୍କ କଥା ଶୁଣନ୍ତି, ତାଙ୍କୁ ତ ଆପଣଙ୍କୁ ବହୁତ ସ୍ପଷ୍ଟ ଶବ୍ଦରେ କହିବାକୁ ହୁଏ । ଏବଂ ଆପଣମାନଙ୍କ ମଧ୍ୟରୁ କେତେକ ଯୁବା ମହିଳାମାନେ ଏବଂ ଯୁବା ଲୋକମାନେ, ମୁଁ ଚାହେଁ ନାହିଁ ଯେ ଆପଣ କିଛି ଭୁଲ ଧାରଣା ନିଅନ୍ତୁ । ମୁଁ ଚାହେଁ ଯେ ଆପଣମାନେ ବିଶ୍ୱାସ କରନ୍ତୁ, ଏବଂ କେବଳ ସ୍ଥିର ଭାବରେ ବସି ରହିଥାନ୍ତୁ । ମନେରଖନ୍ତୁ ଯେ, ସତ୍ୟକୁ ସତ୍ୟ ଭାବରେ ହିଁ ବ୍ୟକ୍ତ କରିବାକୁ ଅଛି ।

13 ଏବଂ, ବର୍ତ୍ତମାନ, ଏଥିରେ କୌଣସି ସନ୍ଦେହ ନାହିଁ ମାତ୍ର ଆପଣମାନଙ୍କ ମଧ୍ୟରୁ ଅନେକେ ସେଥିରେ ଅସହମତ ହେବେ ଯାହା କୁହାଯିବାକୁ ଅଛି, କିନ୍ତୁ ମୁଁ ଆପଣମାନଙ୍କ ପାଖରେ ଏହାକୁ ବାଇବଲ ଦ୍ୱାରା ପ୍ରମାଣ କରିବାକୁ ଚାହେଁ । ଆଉ ତା'ପରେ ମୁଁ ବିଶ୍ୱାସ କରେ ଯେ, ଯଦି ଆପଣମାନେ କେବଳ ଆଦର ସହକାରେ ରହିବେ ଏବଂ ଶୁଣିବେ, ତାହାହେଲେ ଆପଣ ସେହି ବିଷୟର ଏକ ଭଲ ବୁଝାମଣା ଏବଂ ଧାରଣା ପ୍ରାପ୍ତ ହେବେ ଯେଉଁ ବିଷୟକୁ ମୁଁ ଏତେ ସମୟ ଧରି, ପ୍ରହାର କରି ଆସୁଛି । ମୁଁ ବିଶ୍ୱାସ କରେ ଯେ ଏହା ତାହାକୁ ବ୍ୟାଖ୍ୟା କରିବ, ଏବଂ ମୁଁ ଭରସା କରେ ଯେ ଏହା ତାହା କରିବ ।

14 ବର୍ତ୍ତମାନ ଆମକୁ ଏହା ଉପରେ, ଅଳ୍ପ ଟିକିଏ ଲମ୍ବା, ଦେଢ଼ ଘଣ୍ଟା ଖଣ୍ଡେ, କିମ୍ବା ବୋଧହୁଏ ତାହାଠୁ ଅଧିକ ସମୟ ଲାଗି ଯାଇପାରେ । କେତେ ସମୟ ଲାଗିବ ମୁଁ ଜାଣେ ନାହିଁ ।

15 ଏବଂ ବର୍ତ୍ତମାନ ପୁଣିଥରେ, ମୁଁ କହିବାକୁ ଚାହେଁ ଯେ, ଏହି ସମୟରେ, ଯେ, ଏହା ଜାଣି ଯେ ଲୋକମାନେ ଆପଣଙ୍କର କଥାକୁ ଧରି ରଖନ୍ତି; ସେମାନେ ସେମାନଙ୍କର ପାଳକଙ୍କ ପ୍ରତି, ତାହା କରିଥାନ୍ତି । ଏବଂ, ଅବଶ୍ୟ, ମୁଁ ଜଣେ ପାଳକ ରହିଛି ।

16 ଏବଂ ସେମାନେ ଜଣେ ପାଳକଙ୍କ କଥାକୁ ଧରି ରଖନ୍ତି, ଠିକ ଯେପରିକି ଏହା ମୃତ୍ୟୁ ଏବଂ ଜୀବନ ମଧ୍ୟରେ ରହିଥିଲା । ସେମାନେ ସେମାନଙ୍କର ଯାଜକଙ୍କର କଥାକୁ ଧରି ରଖନ୍ତି, ଠିକ ଯେପରିକି ଏହା ମୃତ୍ୟୁ ଏବଂ ଜୀବନ ଥିଲା । ଏବଂ ଅବଶ୍ୟ, ସେହି ପାଳକ, ବୋଧହୁଏ ସେ ସମସ୍ତ ବିଷୟ ସହିତ ଯେ ତାହାକୁ କିପରି କରିବାକୁ ଅଛି ଏହା ଜାଣି, ସେ ନିଜର ଲୋକମାନଙ୍କୁ ସେହିପରି ଶିକ୍ଷା ଦେଉଛନ୍ତି ଠିକ ଯେପରିକି ସେ ସେମିନାରୀରେ ଶିକ୍ଷା ପାଇଥିଲେ; ଏଥିରେ କୌଣସି ସନ୍ଦେହ ନାହିଁ ବରଂ ଯାହା ସେହି ଯାଜକ, ମଧ୍ୟ, ବିଭିନ୍ନ ଧର୍ମରେ ସେମାନଙ୍କର

ଯାଜକ ରହିଥାନ୍ତି । ଅବଶ୍ୟ, ସେହି ପାଳକ ପ୍ରକୃତରେ ଜଣେ ଯାଜକ ଅଟନ୍ତି; ଏହା ଏକ ମଧ୍ୟସ୍ଥି ଅଟନ୍ତି । ଏଣୁ, ଯଦି ସେହି ଯାଜକ, ସେହି ସମସ୍ତ ବିଷୟରେ ଯେଉଁଥିରେକି ସେ ନିଜର, ସେମିନାରୀ ଏବଂ ମଠମାନଙ୍କରେ ଶିକ୍ଷାଲାଭ କରିଛନ୍ତି, ଗଭୀର ନିଷ୍ଠାର ସହ ସେହି ବ୍ୟକ୍ତି ଅବିକଳ ଭାବେ ଠିକ ତାହାହିଁ କହୁଛନ୍ତି ଯାହା ତାଙ୍କୁ ଶିଖା ଯାଇଅଛି ।

17 ତେବେ, ତାହାହେଲେ, ମୋର କୌଣସି ସେମିନାରୀ ଅଭିଜ୍ଞତା କିମ୍ବା ମଠ ଅଭିଜ୍ଞତା ନାହିଁ, ଏବଂ ଏହା ବିରୁଦ୍ଧରେ ଆଦୌ କିଛି ନାହିଁ, ମାତ୍ର ମୋର ଏକ ଅତ୍ୟନ୍ତ ବିଚିତ୍ର ଜୀବନ ରହିଛି ।

18 ମୁଁ ଯେତେବେଳେ ଏକ ଛୋଟ ପିଲା ଥିଲି ସେତେବେଳେ ମୋତେ ଡକାଯାଇଥିଲା । ଏବଂ ଏଥିରେ ମୋତେ ଏକ ଦୃଶ୍ୟମାନ, ଶ୍ରବଣଯୋଗ୍ୟ ଚିହ୍ନ ଦିଆଗଲା, ସାତ ବର୍ଷ ବୟସରେ, ଏକ—ଏକ ଅଗ୍ନିସ୍ତମ୍ଭ ଏକ ବୁଦାରେ ଝୁଲି ରହିଥିଲା, ଠିକ୍ ଏଠାରେ ଉଟିକା ପାଇକଠାରେ । ମୋ ବାପା ଶ୍ରୀ ଓ.ଏଚ.ୱାଥେନ୍ ପାଇଁ କାମ କରୁଥିଲେ ଯିଏକି ଅଳ୍ପ କିଛି ଦିନ ହେଲା ମୃତ୍ୟୁବରଣ କଲେ । ଏବଂ ଆପଣ ପୁସ୍ତକ ପଢ଼ିଛନ୍ତି, ଆପଣ କାହାଣୀ ଜାଣିଛନ୍ତି । ଏବଂ ସେହି ସମୟଠାରୁ...ତଳେ ନଦୀ କୂଳରେ ତାହାପରେ ଏହା ଲୋକମାନଙ୍କ ଆଗରେ ଦୃଶ୍ୟମାନ ହେଲା । ଏବଂ ବର୍ତ୍ତମାନ ତ ଏହାର ଫଟୋଚିତ୍ର ଅନେକ ଥର, ନିଆ ଯାଇଅଛି, ଏବଂ ଏହା ୱାଶିଂଟନ୍, ଡିସିରେ, ଧାର୍ମିକ କଳାର ପ୍ରକୋଷ୍ଠରେ, ରଚନାସ୍ୱତ୍ୱ ଭାବରେ ଟଙ୍ଗା ହୋଇଛି, ଏକମାତ୍ର ଅଲୌକିକ ଜୀବ ରୂପେ ଯାହାରକି କେବେ ଫଟୋ ତୋଳା ହୋଇଅଛି ବୋଲି ବୈଜ୍ଞାନିକ ଭାବରେ ପ୍ରମାଣିତ ହୋଇଥିଲା; ସମାନ ଅଗ୍ନିସ୍ତମ୍ଭ, ଅବିକଳ ସେହି ସମାନ ରୂପରେ ଏବଂ ପ୍ରତ୍ୟେକ ଉପାୟରେ ତାହା, ଯାହାକି ଇସ୍ରାଏଲକୁ ମିସରରୁ ବାହାର କରି ଆଣିଥିଲା । ମୁଁ ବିଶ୍ୱାସ କରେ ଯେ ଏହା ଯୀଶୁ ଖ୍ରୀଷ୍ଟ ଆତ୍ମା ରୂପରେ, ପରମେଶ୍ୱରଙ୍କ ପୁତ୍ରତ୍ୱରେ ଅଟନ୍ତି ।

19 କାରଣ ପ୍ରଥମେ ଯେତେବେଳେ ସେ ଆସିଲେ ତାହାଙ୍କୁ "ମନୁଷ୍ୟପୁତ୍ର" ଡକାଗଲା, ବର୍ତ୍ତମାନ ତାହାଙ୍କୁ "ପରମେଶ୍ୱରଙ୍କ ପୁତ୍ର" ଡକାଯାଏ, ସହସ୍ରାବ୍ଦୀରେ ସେ "ଦାଉଦଙ୍କ ପୁତ୍ର" ହେବେ । ସେ ମନୁଷ୍ୟପୁତ୍ର, ଜଣେ ଭବିଷ୍ୟଦ୍‌ବକ୍ତା ରୂପରେ ଆସିଲେ, ଯେପରି ତାହାଙ୍କ ବିଷୟରେ କୁହାଯାଇଥିଲା; ବର୍ତ୍ତମାନ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ଅଲୌକିକରେ; ସେହି ମହାନ ସହସ୍ରାବ୍ଦୀରେ ଯାହାକି ଆଗମନ କରିବାକୁ ଅଛି, ସେ ଦାଉଦଙ୍କ ପୁତ୍ର ହେବେ, ଦାଉଦଙ୍କ ସିଂହାସନରେ ବସିବେ । ଯେପରିକି ସମସ୍ତ ବାଇବଲ ପାଠକ ଜାଣନ୍ତି ଯେ ତାହା ପରମେଶ୍ୱରଙ୍କ ସହିତରେ, ଦାଉଦଙ୍କ ପ୍ରତି ଏକ ଈଶ୍ୱରୀୟ ପ୍ରତିଜ୍ଞା ଅଟେ, ଯେ ସେ ତାହାଙ୍କର ପୁତ୍ରଙ୍କୁ ତାହାଙ୍କର ସିଂହାସନରେ ସ୍ଥାପନ କରିବା ପାଇଁ ଉତ୍ଥାପନ କରିବେ ।

20 ପୁଣି ତେବେ ଏକ ଅଦ୍ଭୁତ, ବିଚିତ୍ର ସେବାକାର୍ଯ୍ୟରେ, ମୋତେ "ପରମେଶ୍ୱର" ଠାରୁ ନେଇ "ଏକ ଶୟତାନ" ସବୁକିଛି କୁହା ଯାଇଅଛି । ଏବଂ ତାହା, ଏହା କେବଳ ସର୍ବଦା ସେହିଭଳି ହିଁ ରହିଆସିଛି ।

21 ତାହାହିଁ ଥିଲା ଯାହାକି କ୍ୟାଥୋଲିକ୍ ମଣ୍ଡଳୀର ଏହି ଆର୍କବିଶପ୍ ମୋତେ ଅନ୍ୟ ଏକ ରାତ୍ରିରେ ସେଠାରେ ତଳେ କହିଥିଲେ, ଆଲୋଚନାଟି ଥିଲା, ଯେ ସେ କହିଲେ, “ଭାଇ ବ୍ରାନହାମ୍, ବାପ୍ତିଜକ ଯୋହନ ନିଜକୁ ଶାସ୍ତ୍ରରେ ସ୍ପଷ୍ଟ ଭାବରେ ପରିଚିତ କରାଇଥିଲେ, ଯେପରିକି ଭବିଷ୍ୟଦ୍‌ବକ୍ତା ଯିଶାଇୟଙ୍କ ଦ୍ୱାରା କୁହାଯାଇଥିଲା।” ସେ କହିଲେ, “ତୁମର ସେବାକାର୍ଯ୍ୟଟି ସ୍ପଷ୍ଟ ଭାବରେ ମଣ୍ଡଳୀରେ ପରିଚିତ ଅଟେ।” ସେ କହିଲେ, “ଲୁଥରାନ୍‌ମାନେ ବାଇବଲରେ ଅଛନ୍ତି।” ସେ କହିଲେ, “ଲୁଥରାନ୍‌ମାନେ ଲୁଥରଙ୍କୁ ଜାଣିଥିଲେ। ୱେସଲିୟମାନେ ୱେସଲିଙ୍କୁ ଜାଣନ୍ତି। ମାତ୍ର ପେଣ୍ଟିକଷ୍ଟାଲମାନଙ୍କ ବିଷୟରେ କଅଣ?” କହିଲେ, “ସେମାନେ ଦରାଣ୍ଡି ହେଉଛନ୍ତି। ସେମାନେ କେଉଁଠାକୁ ଯିବେ ଜାଣି ନାହାଁନ୍ତି।”

ଏବଂ ମୁଁ କହିଲି, “ମହାଶୟ, ମୁଁ ଏହା ପ୍ରଶଂସା କରେ।”

22 ଏବଂ ସେହି ସମୟରେ ଆତ୍ମା ସେହି ମହିଳାଙ୍କ ଉପରେ ଅବତରଣ କଲେ, ମୋତେ କେବେ ଦେଖି ନ ଥିଲେ, ତାଙ୍କ ପତ୍ନୀ ଥିଲେ...ଏବଂ ସେହି ସମାନ କଥା କହିଲେ ଏବଂ ଚିହ୍ନଟ କଲେ।

23 ତେବେ, ସତ କହିବାକୁ ଗଲେ, ଏହା ପୁର୍ବେକି ମୁଁ ଆଜି ସକାଳେ ଏହି ବାର୍ତ୍ତା କୁହେ, ମୁଁ ଜାଣେ ନାହିଁ। ମୁଁ ତାଙ୍କୁ କହିଲି, ମୁଁ କହିଲି, “ମହାଶୟ, ମୁଁ ତାହା କହିପାରିବି ନାହିଁ। ତାହା କହିବା ଏକ ବହୁତ ବଡ କଥା ଅଟେ। ଏହା ସେହିପରି ଦେଖାଯାଏ।”

24 ଗୋଟିଏ ବିଷୟ ଯାହା ମୁଁ ଜାଣେ, ଯେ ସେଠାରେ କିଛି ଗୋଟାଏ ଘଟିଅଛି, ନିଶ୍ଚିତ ଭାବରେ। ଏହି ସମସ୍ତ ବିଷୟ, କେବଳ, ଏହା ବୈଜ୍ଞାନିକ ଭାବରେ ପ୍ରମାଣିତ, ଏବଂ ସାରା ବିଶ୍ୱରେ ଏହା ବାରମ୍ବାର ପ୍ରମାଣିତ ହୋଇଅଛି, ଏହା କେବଳ ଏକ ପୌରାଣିକ ହୋଇପାରେ ନାହିଁ। ଏହା ସତ୍ୟ ଅଟେ। ଏହା କଅଣ ଅଟେ? ମୋତେ କହିବାକୁ ଦିଅନ୍ତୁ, ସ୍ୱୀକାରୋକ୍ତି ଭାବରେ, ଏହା ପୂର୍ବେକି ମୁଁ ଆଜି ସକାଳେ ଆପଣମାନଙ୍କ ସହିତ କଥା ହୁଏ, ମୁଁ ଜାଣେ ନାହିଁ। ମୁଁ ସେପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେବାକୁ ସାହସ କରିବି ନାହିଁ ଯେପର୍ଯ୍ୟନ୍ତକି ମୁଁ ତାହାଙ୍କଠାରୁ ମୁଁ ଶୁଣି ନ ନିଏ ଯିଏ ଅତୀତରେ ମୋ ସହିତ କଥା ହୋଇଥିଲେ ଏବଂ ମୋତେ ଏହିସବୁ କଥା କହିଥିଲେ।

25 ମନେରଖନ୍ତୁ, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ କଦାପି ନିଜକୁ ପରମେଶ୍ୱରଙ୍କ ପୁତ୍ର ଭାବରେ ପରିଚିତ କରାଇଲେ ନାହିଁ। ସେ କହିଲେ, “ତୁମେ କହୁଛ ମୁଁ ଅଟେ; ଏହି ଉଦ୍ଦେଶ୍ୟରେ ମୁଁ ଜନ୍ମ ହେଲି,” ଏବଂ ପ୍ରଭୃତି, ମାତ୍ର ସେ ନିଜକୁ କେବେବି ପରିଚିତ କରାଇ ନ ଥିଲେ।

26 ଏବଂ, ତେବେ, ତାହା ସେହି ଅଗ୍ନିସ୍ତମ୍ଭ ଥିଲା ଯାହାକି ଇସ୍ରାଏଲ ସନ୍ତାନମାନଙ୍କୁ କଢ଼େଇ ନେଇଥିଲା, ତାହା ଆତ୍ମା ରୂପରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଥିଲେ, (କଅଣ ଆପଣ ତାହା ବିଶ୍ୱାସ କରୁଛନ୍ତି?), ସେହି ଲୋଗୋସ୍ ଯାହାକି ପରମେଶ୍ୱରଙ୍କଠାରୁ ବାହାରିଥିଲା।

27 ଆଉ ତାହାପରେ ଯେତେବେଳେ ସେ ପୃଥିବୀରେ ଥିଲେ, ସେ କହିଥିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ମୁଁ ପରମେଶ୍ୱରଙ୍କ ପାଖକୁ ଯାଏ।" ଆମେ ସମସ୍ତେ ତାହା ଜାଣୁ।

28 ଏବଂ ତାହାଙ୍କର ମୃତ୍ୟୁ, ସମାଧି ଓ ପୁନରୁତ୍‌ଥାନ ପରେ: ତାର୍ସୁସର ଶାଉଲ ସେହି— ସେହି ଖ୍ରୀଷ୍ଟିଆନମାନଙ୍କୁ ତାଡ଼ନା କରିବା ପାଇଁ, ଦମ୍ମେଶକକୁ ଯିବାର ତାହାଙ୍କର ମାର୍ଗରେ ଥିଲେ, କାରଣ ସେମାନେ ସେହି ବିଷୟଗୁଡିକୁ ଶିକ୍ଷା ଦେଉଥିଲେ ଯାହାକି ତାହାର ବିପରୀତ ଥିଲା ଯାହା ସେମାନେ ଶିକ୍ଷା ପାଇଥିଲେ। ଏବଂ ସେ ଜଣେ ମହାନ ଯୋଦ୍ଧା ଥିଲେ; ଗମଲିୟେଲଙ୍କ ଅଧୀନରେ, ସେମାନଙ୍କ ବିଦ୍ୟାଳୟରେ, ସେମାନଙ୍କ ମଠରେ, ସେହି ଦିନର ଜଣେ ଅନ୍ୟତମ ଉଲ୍ଲେଖନୀୟ ଶିକ୍ଷକ ଥିଲେ; ଏବଂ ଜଣେ ମହାନ୍ ବ୍ୟକ୍ତି, ଆଉ ମଣ୍ଡଳୀର ଜଣେ ଅଧିକାରୀ ଥିଲେ। ଏବଂ ସେହିଠାରେ ହିଁ ଥିଲା ଯେ ଏକ ମହାନ ଆଲୋକ, ସେହି ଅଗ୍ନିସ୍ତମ୍ଭ ପୁନର୍ବାର, ତାଙ୍କୁ ଦିନର ମଧ୍ୟାହ୍ନ ଭାଗରେ, ଆଘାତ କରିଥିଲା। ଆଉ ଏକ ବାଣୀ କହିଲା, "ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ?"

29 ତେବେ ଯଦି ଆପଣ ଲକ୍ଷ୍ୟ କରିବେ ଯେତେବେଳେ ପାଉଲ, ଶାଉଲ ଉଠିଲେ, ସେ କହିଲେ, "ହେ ପ୍ରଭୁ, ଆପଣ କିଏ?" ବର୍ତ୍ତମାନ, ସେହି ବାଳକ, ଜଣେ ଯିହୁଦୀ ହୋଇଥିବା ହେତୁରୁ, ସେ ନିଶ୍ଚିତ ଭାବରେ କାହାରିକୁ ସେପରି ଡାକିବେ ନାହିଁ, ଯେପର୍ଯ୍ୟନ୍ତକି ଏହା କୌଣସି ପ୍ରକାରେ ପରମେଶ୍ୱରଙ୍କ ପ୍ରତୀକ ଭାବରେ ନ ଥାଏ, ସେ ଏହାକୁ "ପ୍ରଭୁ" ବୋଲି ଡାକି ନ ଥାଆନ୍ତେ। ତେଣୁ, ଏହା ସେହି ସମାନ ଅଗ୍ନିସ୍ତମ୍ଭ ଥିଲା।

30 ଯେପରିକି ଯୀଶୁ କହିଲେ, "ମୁଁ ପରମେଶ୍ୱରଙ୍କ ନିକଟକୁ ଯାଏ। ମୁଁ ପରମେଶ୍ୱରଙ୍କ ନିକଟରୁ ଆସିଅଛି ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଏ।"

31 ସେଠାରେ ସେ, ପୁନର୍ବାର ଏକ ଅଗ୍ନିସ୍ତମ୍ଭ ରୂପରେ ଥିଲେ; ସେ କହିଲେ, "ଯାହାକୁ ତୁମ୍ଭେ ତାଡ଼ନା କରୁଅଛ ଆମ୍ଭେ ସେହି ଯୀଶୁ; ଏବଂ ତୁମ ପାଇଁ କଣ୍ଟକ ବିରୁଦ୍ଧରେ ଗୋଇଠା ମାରିବା ଏହା କଷ୍ଟକର ଅଟେ।"

32 ଏବଂ ଆମେ ହୃଦୟଙ୍ଗମ କରୁଛୁ ଯେ ଯେତେବେଳେ ପ୍ରେରିତ ପିତର, ଯାହାଙ୍କୁକି ମଣ୍ଡଳୀକୁ ତୋଳିବା ପାଇଁ ଚାବି ଦିଆଯାଇଥିଲା, ଆମେ ପାଉ ଯେ ସେ କାରାଗାରରେ ଥିଲେ, ଏବଂ ଏହି ସମାନ ଅଗ୍ନିସ୍ତମ୍ଭ ସେହି ଲୁହା ଦଣ୍ଡଗୁଡିକ ଦେଇ ଭିତରକୁ ଆସିଲା, ଓ କାରାଗାରର ଦ୍ୱାରଗୁଡିକୁ ଖୋଲିଦେଲା, ଏବଂ ଏପରିକି ଆରକ୍ଷୀଙ୍କୁ ସୁଦ୍ଧା ବିଚଳିତ ନ କରି, ରହସ୍ୟମୟୀ ଭାବରେ, ପିତରଙ୍କୁ ବାହାର କରିନେଲା। ମୋ ପାଇଁ, ଏହା ତ ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି।

33 ଏବଂ ତା'ପରେ ଆପଣ ସଦାବେଳେ କୌଣସି ବି ବିଷୟକୁ ତାହାର ପ୍ରକୃତି ଦ୍ୱାରା ଜାଣିଯିବେ। କୌଣସି ବି ବିଷୟ ତାହାର ପ୍ରକୃତି ଦ୍ୱାରା, ଏହା ଧାରଣ କରୁଥିବା ଫଳ ଦ୍ୱାରା ଜଣାଯାଏ। ଏବଂ ମୁଁ ଆପଣଙ୍କୁ ଅନୁରୋଧ କରେ ଯେ ଏହା କେଉଁ ପ୍ରକାରର ଫଳ

ଧାରଣ କରେ ତାହା ଦେଖନ୍ତୁ, ଏହି ଆଲୋକ ଯାହାକି ପରମେଶ୍ୱର ଅଟନ୍ତି, କାରଣ ଏହା ସର୍ବଦା ପରମେଶ୍ୱରଙ୍କ ବାକ୍ୟକୁ ଫେରିଯାଏ ଏବଂ ପରମେଶ୍ୱରଙ୍କ ବାକ୍ୟକୁ ପ୍ରମାଣ କରେ, ପରମେଶ୍ୱରଙ୍କ ବାକ୍ୟକୁ ପ୍ରଚାର କରେ, ଆଉ ପରମେଶ୍ୱର ସେହି ବାକ୍ୟକୁ ସେହିପରି ଭାବରେ ପାର୍ଥିବ ଆକାରରେ ଆପଣଙ୍କ ସମ୍ମୁଖରେ ପ୍ରମାଣ କରନ୍ତି। ଏହା ପଛରେ କିଛି ଗୋଟାଏ ବିଷୟ ରହିବା ଆବଶ୍ୟକ।

34 ଲୋକମାନେ ମୋତେ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି କହିଛନ୍ତି। ମୁଁ ନିଜକୁ କୌଣସି ଭବିଷ୍ୟଦ୍‌ବକ୍ତା ବୋଲି କୁହେ ନାହିଁ, କାରଣ ମୁଁ ଏହା କହିବାକୁ ସାହସ କରିବି ନାହିଁ, ମାତ୍ର ମୋର...ଧରନ୍ତୁ, ମୁଁ ଏହା କହିପାରେ, ଯେ ପ୍ରଭୁ ମୋତେ ବିଷୟଗୁଡ଼ିକୁ ପୂର୍ବରୁ ଦେଖିବାକୁ ଦେଇଛନ୍ତି, ଯାହାସବୁ ବିଷୟ ଘଟିଯାଇଅଛି, ଘଟିବ, ଘଟୁଅଛି, ସେଗୁଡିକ କହିବାକୁ ଦେଇଛନ୍ତି, ଆଉ ହଜାର ହଜାର ଥର ମଧ୍ୟରେ, ଏପରି ଥରୁଟିଏ ହେଲେ କେବେ ହୋଇନାହିଁ ଯେ ଏହା କେବେ ବିଫଳ ହୁଏ। ଯାହାସବୁ ସେ ଘଟିବ ବୋଲି କହିଥିଲେ, ତାହା ଘଟିଲା। ଆମେ ସମସ୍ତେ ତାହା ଜାଣୁ। ଯଦି ଆଜି ସକାଳେ ଏହି ଦୃଶ୍ୟମାନ ଦର୍ଶକବୃନ୍ଦଙ୍କ ମଧ୍ୟରେ କିମ୍ବା ଯେକୌଣସି ସ୍ଥାନରେ, ଏପରି ଜଣେ କେହି ବ୍ୟକ୍ତି ଅଛନ୍ତି, ଯିଏକି କହିପାରିବେ ଯେ ଏହା ଥରୁଟିଏ ହେଲେ କେବେ ବିଫଳ ହୋଇଥିଲା, ଆପଣଙ୍କ ପାଖରେ ଛିଡ଼ା ହୋଇ ତାହା କହିବା ପାଇଁ ସ୍ୱାଧୀନତା ଅଛି। ମାତ୍ର ଯଦି ସମସ୍ତେ ଏହା ଜାଣନ୍ତି ଯେ ହଜାରେ ଥରରୁ ମଧ୍ୟ, ପ୍ରତ୍ୟେକ ଥର, ଏହା ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇଅଛି, ତେବେ, "ଆମେନ୍" କୁହନ୍ତୁ। [ମଣ୍ଡଳୀ କୁହନ୍ତି, "ଆମେନ୍!"—ଅନୁ।] ବୁଝିଲେ? ତେଣୁ ତାହା ସମଗ୍ର ବିଶ୍ୱରେ ସମାନ ହିଁ ହେବ।

35 କିଛି ଗୋଟାଏ ଠିକ୍ ଘଟିବାକୁ ଯାଉଅଛି। ପରମେଶ୍ୱରଙ୍କର ଏହା ପଛରେ ଏକ ଉଦ୍ଦେଶ୍ୟ ନ ଥାଇ କେବେବି ଏହି ବିଷୟଗୁଡ଼ିକୁ ପଠାନ୍ତି ନାହିଁ।

36 ମୁଁ ଏଠାରେ କେବଳ ଚିନ୍ତା କରୁଥିଲି। ମୁଁ ଏହାକୁ ଏଠାରେ, ମୋର ଗୋଟିଏ ଟିପ୍ପଣୀକୁ ରଖିଥିଲି। ଯେ ମୁଁ ଆଜି ସକାଳେ ଏହା ପିନ୍ଧିଅଛି, ଏକ ଯୋଡ଼ି କାମିଜର ବାହୁ ବଟନ... ଏବଂ ଆପଣମାନଙ୍କ ମଧ୍ୟରୁ ଅନେକେ ଏହି ଚଳଚ୍ଚିତ୍ର ତାରକା, ଜେନ୍ ରସେଲଙ୍କ ବିଷୟରେ ଶୁଣିଛନ୍ତି, ଆଉ ତାଙ୍କ ମାଆ ଜଣେ ପେଣ୍ଟିକଷ୍ଟାଲ; ଏବଂ ଡେନି ହେନ୍‌ରୀ ତାଙ୍କର ମାଉସୀପୁଅ ସମ୍ପର୍କୀୟ ଭାଇ, ତାଙ୍କର ପ୍ରଥମ ସମ୍ପର୍କୀୟ ଭାଇ, ତାଙ୍କ ମାଆଙ୍କର ଭଉଣୀର ସନ୍ତାନ। ସେ ବାପ୍‌ଟିଷ୍ଟ ଥିଲେ। ଦୁଇ ବର୍ଷ ପୂର୍ବେ, କାଲିଫର୍ଣିଆର, ଲସ୍ ଆଞ୍ଜେଲସରେ ଏକ ବ୍ୟବସାୟ ପୁରୁଷ ବୈଠକରେ, ସେ ଛିଡ଼ା ହୋଇଥିଲେ।

37 ଆଉ ମୁଁ ଠିକ୍ ସେତେବେଳେ କେତେକ ମହତ, ଶକ୍ତିଶାଳୀ, କଠିଣ ବକ୍ତବ୍ୟ କହି ସାରିଥିଲି, ଏପରିକି ସେହି ପରିଚାଳକ, ଆସେମ୍ବଲିଜ ଅଫ୍ ଗଡର ସାଧାରଣ ପରିଚାଳକଙ୍କ ମଧ୍ୟରୁ ଜଣେ, ବାଲକୋନୀରେ ସେ ବସିଥିବା ତାଙ୍କର ସ୍ଥାନରୁ ଉଠି ତଳେ ମଞ୍ଚ ଉପରକୁ ଓହ୍ଲାଇ ଆସିଲେ, ଏବଂ ସେ କହିଲେ, "ମୁଁ ବିଶ୍ୱାସ କରେ ନାହିଁ ଯେ ଭାଇ ବ୍ରାନହାମ୍‌ଙ୍କର ଏହା ଅଭିପ୍ରାୟ ଥିଲା।"

38 ମୁଁ କହିଲି, "ମୋତେ ତାହାହିଁ ଅଭିପ୍ରାୟ କରିବାକୁ ଅଛି, ମହାଶୟ। ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ।" ଏବଂ, ତାହାପରେ, ତାହା ଏହି ଯୁଗରେ ମଣ୍ଡଳୀ ବିଷୟରେ ଅଟେ।

39 ଏବଂ ସେହି ସମୟରେ, ଏହି ଯୁବକ ଯିଏକି ଜଣେ ବ୍ୟବସାୟୀ ଅଟନ୍ତି...ତାଙ୍କ ଭାଇ ସେଠାରେ...ସେଦିନ ସକାଳେ ସେ ସେଠାରେ ଟେଲିଭିଜନ ପାଇଁ ଫଟୋ ଉଠାଉଥିଲେ, ତାଙ୍କ ଆର ଭାଇ କାଲିଫର୍ଣିଆର ରାଜ୍ୟ ସଡକ ବିଭାଗର ଏକ ଅଧିକାରୀ ଅଟନ୍ତି—ଅଟନ୍ତି। ଏବଂ ସଭା ଶେଷ ହେବା ପରେ ଡେନି ହେନ୍‌ରୀ, ମଞ୍ଚ ଉପରକୁ, ଏହିପରି ଭାବରେ, ଚାଲିକରି ଆଗକୁ ଆସିଲେ, ଯେଉଁଠାରେକି ପୁରୁଷମାନେ ସମସ୍ତେ ବସିଥିଲେ, ମୋତେ ନିଜର ବାହୁରେ ଆଲିଙ୍ଗନ କରିବା ପାଇଁ ତଳକୁ ଚାଲି ଆସିଲେ। ଏବଂ ସେ ଏହି କଥା କହିଲେ, "ଭାଇ ବ୍ରାନହାମ୍, ମୁଁ ଆଶା କରେ ଯେ ଏହା ଧର୍ମ ଲଂଘନ ନୁହେଁ, ମାତ୍ର," କହିଲେ, "ତାହା ପ୍ରକାଶିତ ବାକ୍ୟର 23ଶ ପର୍ବ କରାଯାଇପାରେ।" ଯାହାକି, ପ୍ରକାଶିତ ବାକ୍ୟରେ କେବଳ ବାଇ-ଶିଟି ପର୍ବ ଅଛି। ସେ କହିଲେ, "ମୁଁ ଆଶା କରେ ଯେ ଏହା ଧର୍ମ ଲଂଘନ ନୁହେଁ।" ସେ ଏହା ଛଡା ଆଉ କିଛି କହି ନ ଥିଲେ...ତେବେ, ସେହି ବାଳକ ଜଣେ ବାପ୍ଟିଷ୍ଟ ଥିଲେ, ଏବଂ ଅଲୌକିକ ବିଷୟରେ କିଛି ହେଲେ ଜାଣି ନ ଥିଲେ। ମୋ ଛାରିପାଖରେ ତାଙ୍କର ବାହୁ ରଖି, ସେ ଏକ ଅଜ୍ଞାତ ଭାଷାରେ କଥା କହିବାକୁ ଲାଗିଲେ।

40 ଏବଂ ଯେତେବେଳେ ସେ ଏକ ଅଜ୍ଞାତ ଭାଷାରେ କଥା କହିବା ସାରିଲେ, ସେଠାରେ ଠିକ୍ ମୋ ସମ୍ମୁଖରେ ଜଣେ—ଜଣେ ମୋଟା ଓଜନିଆ, ଅଶ୍ୱେତ ମହିଳା ବସିଥିଲେ, ସେ ଉଠି ପଡ଼ି, କହିଲେ, "ଏହାର କୌଣସି ବ୍ୟାଖ୍ୟା ଆବଶ୍ୟକ ନାହିଁ।" ସେ କହିଲେ, "ମୁଁ ଲୁଇସିୟାନାର, ଶ୍ରେୱେପୋର୍ଟ, କିମ୍ବା, ବେଟନ୍ ରୁଜ୍, ଲୁଇସିୟାନାରୁ ଅଟେ।" କହିଲେ, "ତାହା ସ୍ୱଷ୍ଟ ଭାବରେ ଫରାସୀ ଅଟେ।"

41 ଭିକ୍ଟର ଲି ଡକ୍ସ, ଯିଏକି ଜଣେ ଫରାସୀ ଥିଲେ, ସେ ମଧ୍ୟ ସେଠାରେ ବସିଥିଲେ, କହିଲେ, "ନିଶ୍ଚିତ ଭାବରେ, ମୁଁ ଜଣେ ଫରାସୀ, ଏବଂ ତାହା ସମ୍ପୂର୍ଣ୍ଣ ଫରାସୀ ଥିଲା।"

42 ମୁଁ କହିଲି, "ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ। ସେ ଯାହା କହିଲେ *ଆପଣ* ତାହା ଲେଖନ୍ତୁ, ଏବଂ *ଆପଣ* ତାହା ଲେଖନ୍ତୁ ଯାହା ସେ କହିଲେ, ଏହା ପୂର୍ବେକି ଆପଣ କିଛି କୁହନ୍ତି। ଆପଣ ଯାହା କହୁଛନ୍ତି ତାହା ଲେଖନ୍ତୁ, ଏବଂ ଆସନ୍ତୁ ଆପଣମାନଙ୍କର ଲେଖାଗୁଡିକୁ ଦେଖିବା।" ଆଉ ତେବେ ଜଣେ ଲେଖିଲେ, ଏବଂ ଅନ୍ୟ ଜଣେ ଲେଖିଲେ, ଏପରିକି ବିରାମଚିହ୍ନ ମଧ୍ୟ ସମାନ ଥିଲା।

43 ଏବଂ ତାହାପରେ ପ୍ରାୟଃ ଠିକ୍ ସେହି ସମୟରେ, ଯେତେବେଳେ ସେମାନେ ଲେଖାଗୁଡିକୁ ଆଣିଲେ, ଜଣେ ସୁନ୍ଦର-ଦିଶୁଥିବା, ସୁବର୍ଣ୍ଣ-କେଶ ରଖିଥିବା ଯୁବା ବାଳକଟିଏ ପଛ ପଟରୁ ଚାଲିକରି ଆସିଲେ। ଯେଉଁଠାରେକି, ତାହାର ବସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନ ଥିଲା; ସେ ପଛରେ ଛିଡ଼ା ହୋଇଥିଲେ। ସେ ଚାଲିକରି ଆସିଲେ, କହିଲେ, "ମାତ୍ର ଗୋଟିଏ

ମିନିଟ୍, ମୁଁ ମଧ୍ୟ, ଏକ ଲେଖା ରଖିବାକୁ ଚାହେଁ।" ସେ କହିଲେ, "ମୁଁ ୟୁ.ଏନ୍., ମିଳିତ ଜାତିସଂଘ ପାଇଁ ଫରାସୀ ଅନୁବାଦକ ଅଟେ।" ସେ କହିଲେ, "ମୁଁ ମୋର ଲେଖା ରଖି ଦେବାକୁ ଚାହେଁ।"

44 ଏବଂ, ଏଠାରେ, ଫରାସୀ ଭାଷାରେ, ସମସ୍ତ ତିନୋଟି ଲେଖାଗୁଡିକ ଅବିକଳ ସମାନ ଅଟେ। ଏବଂ ଏଠାରେ ତାହା ଏପରି ପାଠ କରାଯାଏ। ଏହା ହେଉଛି ସେହି ମୂଳ ଲେଖାଗୁଡିକ, ଠିକ୍ ସେଠାରୁ ନିଆଯାଇଥିବା ଲେଖାଗୁଡିକ। ଏହା ହେଉଛି ଡେନିଙ୍କ, ନିଜର ଲେଖା, ସେ ନିଜ ପକେଟରେ ତାକୁ ରଖିଥିଲେ। ଅବଶ୍ୟ, ଏହା ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷମାନଙ୍କ ମଧ୍ୟରେ, ଏବଂ ପ୍ରଭୃତି ମଧ୍ୟ ଦେଇ ଗଲା।

*କାରଣ ଯେହେତୁ ତୁମେ ସଂକୀର୍ଣ୍ଣ ପଥ, କଠିନ ପଥ ବାଛିଅଛ; ତୁମେ ତୁମର ନିଜ ଇଚ୍ଛାରେ ଚାଲିଅଛ। ତୁମେ ସଠିକ୍ ଏବଂ ଯଥାଯଥ ନିଷ୍ପତ୍ତି ନେଇଅଛ, ଏବଂ ଏହା* ***ମୋହର ମାର୍ଗ*** *ଅଟେ।*

*ଏହି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ହେତୁରୁ, ସ୍ୱର୍ଗର ଏକ ବିରାଟ ଅଂଶ ତୁମକୁ ଅପେକ୍ଷା କରିବେ। ତୁମେ କି ଏକ ଗୌରବମୟ ନିଷ୍ପତ୍ତି ନେଇଅଛ!*

*ଏହା, ନିଜେ ହିଁ, ତାହା ଅଟେ ଯାହାକି ଦିବ୍ୟ ପ୍ରେମରେ, ସେହି ମହାନ ବିଜୟକୁ ପ୍ରଦାନ କରିବ, ଏବଂ ତାହାକୁ ସଫଳ କରିବ।*

45 ତେବେ, ସେହି ବ୍ୟକ୍ତିଜଣକ ଏଠାରେ ତାଙ୍କ ନାମରେ ଦସ୍ତଖତ କଲେ, "ଉପରୋକ୍ତ ବକ୍ତବ୍ୟଟି…ଭାଇ ବ୍ରାନହାମ୍‌ଙ୍କ ଉପରେ ଭବିଷ୍ୟବାଣୀ କରିଥିବା ଡେନି ହେନ୍‌ରୀଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିଲା, ଯାହାକି କାଲିଫର୍ଣିଆର, ଲସ୍ ଆଞ୍ଜେଲସର ଜଳପାନ ଗୃହରେ ତିନିଜଣ ସାକ୍ଷୀ ପ୍ରଦାନ କରିଥିଲେ।"

46 ତେବେ, ଏହି ସମାନ ଯୁବା ଲୋକ ଯିଏକି ଏହି ଭବିଷ୍ୟତ୍‌ବାଣୀ କରିଥିଲେ, ଏହା ନ ଜାଣି ଯେ ସେ କଅଣ କହୁଛନ୍ତି, ପ୍ରାୟଃ ଗୋଟିଏ ମାସ ପୂର୍ବରୁ ଯିରୁଶାଲମରେ ଥିଲେ। ତାହା ପାଖରେ ବାହାରକୁ ଯିବାର ଏବଂ—ଏବଂ ସେହି କବର ଉପରେ ଶୋଇବାର ସୌଭାଗ୍ୟ ରହିଥିଲା ଯେଉଁଠାରେ ଯୀଶୁ ମୃତ୍ୟୁବରଣ କରିଥିଲେ ଓ କବର ପ୍ରାପ୍ତ ହୋଇଥିଲେ। ଆଉ ତେବେ ଯେତେବେଳେ ସେ ସେଠାରେ ଶୋଇଥିଲେ, ସେ କହିଲେ ଯେ ମୁଁ ତାଙ୍କ ମନରେ ପ୍ରକୃତରେ ଶକ୍ତିଶାଳୀ ଭାବରେ ଆସିଲି ଏବଂ ସେ କାନ୍ଦିବାକୁ ଲାଗିଲେ। କହିଲେ, "ଭାଇ ବ୍ରାନହାମ୍‌ଙ୍କ ପାଇଁ ଏହି ଜଗତ ଏବଂ ଏହି ବିଷୟଗୁଡିକ ବିରୁଦ୍ଧରେ, ଏବଂ ସମସ୍ତ ମଣ୍ଡଳୀଗୁଡିକ ବିରୁଦ୍ଧରେ ଛିଡ଼ା ହେବା ଏହା କେତେ କଷ୍ଟକର ଅଟେ!"

47 ଯେପରିକି ଏହା—ଏହା ଥରେ ଜଣକ ବିଷୟରେ, ବିଲି ଗ୍ରାହାମଙ୍କ ଅଂଶ ବିଷୟରେ, କୁହାଯାଇଥିଲା, "ଆମେ ବିଲି ଗ୍ରାହାମଙ୍କୁ ଦେଖିପାରୁ, କାରଣ ସମସ୍ତ ମଣ୍ଡଳୀ ତାହାଙ୍କ ପାଇଁ ଏକତ୍ରିତ ହୋଇଥାନ୍ତି। ଆମେ ଓରାଲ୍ ରୋବର୍ଟସଙ୍କୁ, ସେହି ପେଣ୍ଟିକଷ୍ଟାଲମାନଙ୍କୁ ଦେଖୁ। ମାତ୍ର ଆମ ପାଖରେ କୌଣସି ବିଷୟ କିପରି ଭାବରେ ରହିବ, ଯେତେବେଳେକି ଏହା

ତାର ବିପରୀତ ଅଟେ ଯାହାକି ଲୋକମାନଙ୍କୁ ଶିକ୍ଷା ଦିଆଯାଇଅଛି?" ଏହା ତ ପରମେଶ୍ଵର ଅଟନ୍ତି ।

48 ଏବଂ, ଡେନି, ସେ ନିଜର ଶୌକ ପାଇଁ ଯାହା କରନ୍ତି, ସେ ଛୋଟ ଛୋଟ ପଥର ତିଆରି କରନ୍ତି । ସେ ସେହି ସ୍ଥାନକୁ ଚାଲିକରି ଗଲେ ଯେଉଁଠାରେକି କ୍ରୁଶ ଲଗା ଯାଇଥିଲା, ଯେଉଁଠାରେ ସେମାନେ କୁହନ୍ତି ଯେ ସେହି କ୍ରୁଶକୁ ପଥରରେ ସ୍ଥାପିତ କରା ହୋଇଥିଲା । କେହିହେଲେ ଆଖ ପାଖରେ ନ ଥିଲେ, ତେଣୁ ସେ ଏକ ଛୋଟ ପଥର ଖଣ୍ଡେ ଭାଙ୍ଗିନେଲେ ଓ ଏକ ସ୍ମରଣିକା ପାଇଁ ନିଜ ପକେଟରେ ରଖିନେଲେ, ଘରକୁ ଆସିଲେ ଏବଂ ସେଥିରୁ ଏକ ଯୋଡ଼ି କାମିଜର ବାହୁ ବଟନ ମୋ ପାଇଁ ତିଆରି କଲେ । ଏବଂ, ଆଶ୍ଚର୍ଯ୍ୟ ବିଷୟ, ଯେତେବେଳେ ସେ ସେଗୁଡିକୁ ତିଆରି କଲେ, ସେଗୁଡିକ ରକ୍ତ ଜୁଡୁବୁଡୁ ଥିବା ପରି ଦେଖାଯାଉଥିଲା । ଏବଂ ସେମାନଙ୍କ ମଧ୍ୟରୁ ଠିକ ପ୍ରତ୍ୟେକର ମଧ୍ୟ ଭାଗରେ, ନିରନ୍ତର ଭାବରେ, ସେହି ଉଭୟଙ୍କ ମଧ୍ୟ ଦେଇ ଏକ ସିଧା, ସଂକୀର୍ଣ୍ଣ ପଥ ଯାଉଥିଲା । ତେବେ ତାହା କେବଳ ଏକ ହୋଇପାରେ…ଦେଖନ୍ତୁ, ଅନ୍ୟ କେହି ଏହାକୁ ଧ୍ୟାନ ଦେଇ ନ ପାରନ୍ତି, ମାତ୍ର ମୋ ପାଇଁ ଏହା ସେହି ବିଷୟଗୁଡିକର ପ୍ରଶଂସାସୁଚକ ଅଟେ ଯାହା ମୁଁ ବିଶ୍ଵାସ କରେ । ମୁଁ ବିଶ୍ଵାସ କରେ ଯେ ପ୍ରତ୍ୟେକ ବିଷୟ ସହିତ ଏକ ଅର୍ଥ ଜଡ଼ିତ ଅଛି ।

49 ଏବଂ ବର୍ତ୍ତମାନ, ଏହି ସମୟରେ, ପ୍ରଭୁ ଯାହା କରିଛନ୍ତି…ଯଦି ଏହା ସେହି ବିଷୟ ନୁହେଁ ଯାହାକି ସେ ମଲାଖି 4 ର ଏବଂ ପୁଣି ଲୂକ 17 ର ବିଷୟ, ଭବିଷ୍ୟତ୍‌ବାଣୀ କରିଥିଲେ, ଏବଂ ଅନ୍ୟାନ୍ୟ କେତେକ ଶାସ୍ତ୍ରାଂଶ ବିଷୟରେ ଯାହାକି ଏହି ଶେଷ ଦିନରେ ଘଟିବାକୁ ଅଛି, ଯଦି ମୁଁ ଏହାକୁ ସମାପ୍ତ କରିବା ସମୟରେ କହିପାରେ, ଏହା ସେହି ବ୍ୟକ୍ତିଙ୍କ ପାଇଁ ମୂଳଦୁଆ ସ୍ଥାପନ କରିଅଛି ଯେତେବେଳେ ସେ ଆସିବେ । ତେଣୁ ମୁଁ ବହୁତ କୃତଜ୍ଞ ଅଟେ ଯେ ସର୍ବଶକ୍ତିମାନ ପରମେଶ୍ଵର, ଯଦି ଏହା ସେପରି ହୁଏ, ମୋତେ ଟିକିଏ ଅଳ୍ପ କିଛି କରିବାକୁ ଦେଇଛନ୍ତି, ମୋର ଅଶିକ୍ଷିତ ଅବସ୍ଥାରେ, ମୋ ପ୍ରତି ତାହାଙ୍କର ପ୍ରେମ, ତାହାଙ୍କ ପ୍ରତି ମୋର ପ୍ରେମ, ଏବଂ ଲୋକମାନଙ୍କ ପ୍ରତି ଆମର ପ୍ରେମ ବିଷୟରେ ମୋର ପ୍ରଶଂସାକୁ ଦେଖାଇବା ପାଇଁ ଦେଇଛନ୍ତି ।

50 ତେଣୁ, ନିଷ୍ଠାପରତାର ସହିତ, ମୁଁ *ବିବାହ ଏବଂ ଛାଡପତ୍ର* ର ଏହି ବିଷୟ ନିକଟକୁ ଆସେ । ପରମେଶ୍ଵର ଆମ ସମସ୍ତଙ୍କ ଉପରେ ଦୟା କରନ୍ତୁ ।

51 ଆଉ ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ । ଏବଂ, ଭଉଣୀମାନେ, ଉଠି ବାହାରକୁ ଚାଲି ଯାଆନ୍ତୁ ନାହିଁ; ଅଳ୍ପ ସମୟ ଧରି ସ୍ଥିର ଭାବେ ବସି ରୁହନ୍ତୁ । ଭାଇମାନେ, ମଧ୍ୟ ସେହିପରି କରନ୍ତୁ । ସେଠାରେ ଆପଣମାନଙ୍କର ପ୍ରସାରଣ ଯନ୍ତ୍ରକୁ ବନ୍ଦ କରନ୍ତୁ ନାହିଁ, ଯାହାକି ଏହି ସଂଯୋଗ ଦ୍ଵାରା ଆସୁଅଛି । ତାହା କରନ୍ତୁ ନାହିଁ । ଏହା ଶେଷ ନ ହେବା ପର୍ଯ୍ୟନ୍ତ, କେବଳ କିଛି ମିନିଟ୍ ସ୍ଥିର ଭାବରେ ବସି ରୁହନ୍ତୁ । ଧ୍ୟାନ ସହକାରେ ଶୁଣନ୍ତୁ । ଯଦି ଆପଣ ଅସହମତ ହୁଅନ୍ତି,

ତେବେ ମୁଁ ବ୍ୟବହାର କରୁଥିବା ଶାସ୍ତ୍ରଗୁଡ଼ିକୁ ରଖି ଦିଅନ୍ତୁ, ଏବଂ ତାହାପରେ ଆପଣ ସେଗୁଡିକୁ ପ୍ରାର୍ଥନାପୂର୍ବକ ଅଧ୍ୟୟନ କରନ୍ତୁ ଏହା ପୂର୍ବେ କି ଆପଣ ନିଜର ନିଷ୍ପତ୍ତିକୁ ଗ୍ରହଣ କରନ୍ତି ।

ପରମେଶ୍ୱର, ଆମମାନଙ୍କୁ ସାହାଯ୍ୟ କରନ୍ତୁ ଯେତେବେଳେକି ଏହି ବିଷୟ ନିକଟକୁ ଯିବାକୁ ଚେଷ୍ଟା କରୁଅଛୁ ।

52 ତେବେ, ଏହା ଟିକିଏ ଲମ୍ବା ହୋଇପାରେ । ମୁଁ ଚାହେଁ ନାହିଁ ଯେ ଆପଣ କୌଣସି ମତେ ତରବରିଆ ହୁଅନ୍ତୁ । ଏବଂ ନିଜର ସମୟକୁ କେବଳ ନିଅନ୍ତୁ, ଆମେମାନେ ସମସ୍ତେ, ଆଉ ପରମେଶ୍ୱରଙ୍କ ବାକ୍ୟକୁ, ପ୍ରକୃତରେ ଏବଂ ପୁଙ୍ଖାନୁପୁଙ୍ଖ ଭାବରେ ଅଧ୍ୟୟନ କରନ୍ତୁ, ଯେପରିକି ଆମେ ଜାଣୁ ଯେ ଏହାକୁ କିପରି ଭାବରେ ଅଧ୍ୟୟନ କରିବାକୁ ଅଛି ।

53 ଆସନ୍ତୁ ସାଧୁ ମାଥିଉ, ତାର 19ଶ ପର୍ବରୁ ଆରମ୍ଭ କରିବା । ଏବଂ ଆରମ୍ଭ କରିବା ପାଇଁ, ମୁଁ ଭାବୁଛି, 19ଶ ପର୍ବର 8ମ ପଦ ସହିତରେ, ମୁଁ ଆରମ୍ଭ କରିବାକୁ ଚାହୁଁଛି । ମୁଁ 1ମ ରୁ ମଧ୍ୟ ଆରମ୍ଭ କରିପାରେ, ଏବଂ 19ଶ ପର୍ବର 8ମ ପଦ ପର୍ଯ୍ୟନ୍ତ ପାଠ କରିପାରେ ।

54 ତେବେ, ମନେରଖନ୍ତୁ, ଏହିସବୁ ବିଷୟ ଯାହା ମୁଁ କହୁଛି ତାହା ନିଶ୍ଚିତ ଭାବରେ ପରମେଶ୍ୱରଙ୍କ ବାକ୍ୟରୁ ଆସିବା ଉଚିତ୍ । ଏହା ମୋର ନିଜର ମତ ହୋଇପାରେ ନାହିଁ, କାରଣ ମୋର ମତ ଅନ୍ୟ କାହାରିର ମତ ପରି ହିଁ ଅଟେ । ମାତ୍ର ଏହାକୁ ତ ପରମେଶ୍ୱରଙ୍କ ବାକ୍ୟ ସହିତ ନିରନ୍ତରତାରେ ରହିବା ଆବଶ୍ୟକ ଅଟେ । ମନେରଖନ୍ତୁ, ପରମେଶ୍ୱର ସବୁକିଛି ନିରନ୍ତରତାରେ ରଖନ୍ତି । ସେ କଦାପି ପରିବର୍ତ୍ତନ ହୁଅନ୍ତି ନାହିଁ । ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? ସେ ସମାନ ଅଟନ୍ତି ।

55 ତେବେ ମୁଁ 19ଶ ପର୍ବରୁ ପାଠ କରିବି ।

*ଯୀଶୁ, ଏହି ସମସ୍ତ କଥା ସମାପ୍ତ କଲା ଉତ୍ତାରେ, ଗାଲିଲୀରୁ ପ୍ରସ୍ଥାନ କରି, ଯର୍ଦ୍ଦନ ପରପାର ଦେଇ ଯିହୂଦାର ସୀମାରେ ଉପସ୍ଥିତ ହେଲେ;*

*ପୁଣି ବହୁସଂଖ୍ୟକ ଲୋକ ତାହାଙ୍କ ପଛେ ପଛେ ଗଲେ; ଆଉ ସେ ସେଠାରେ ସେମାନଙ୍କୁ ସୁସ୍ଥ...*

*ଇତିମଧ୍ୟରେ ଫାରୂଶୀମାନେ ତାହାଙ୍କ ନିକଟକୁ ଆସି ତାହାଙ୍କୁ ପରୀକ୍ଷା କରି...*

56 ମୁଁ ସେଠାରେ ଅଟକି ଯାଏ ଯେପରିକି ଆପଣ ତାହା ଉପରେ ଗୁରୁତ୍ୱ ଦେଇପାରିବେ ଯେ ଏହା କିଏ ଥିଲା ଯିଏକି ତାହାଙ୍କୁ ପରୀକ୍ଷା କରୁଥିଲା ।

*...ପଚାରିଲେ, ଯେକୌଣସି କାରଣରୁ ଆପଣା ସ୍ତ୍ରୀକି ପରିତ୍ୟାଗ କରିବା କଅଣ ନ୍ୟାୟସଙ୍ଗତ?*

*ସେ ଉତ୍ତର ଦେଲେ, ତୁମ୍ଭେମାନେ କଅଣ ପାଠ କରି ନାହଁ ଯେ, ସୃଷ୍ଟିକର୍ତ୍ତା ଆଦ୍ୟରୁ ସେମାନଙ୍କୁ ପୁରୁଷ ଏବଂ ସ୍ତ୍ରୀ କରି ସୃଷ୍ଟି କଲେ,*

*ଆଉ କହିଲେ, ଏହି କାରଣରୁ ପୁରୁଷ ପିତା...ମାତାଙ୍କୁ ପରିତ୍ୟାଗ କରି, ନିଜ ସ୍ତ୍ରୀଠାରେ ଆସକ୍ତ ହେବ: ଆଉ ସେ ଦୁହେଁ ଏକାଙ୍ଗ ହେବେ?*

*ଏଣୁ ସେମାନେ ଆଉ ଦୁଇ ନୁହଁନ୍ତି, କିନ୍ତୁ ଏକାଙ୍ଗ ଅଟନ୍ତି । ଅତଏବ ପରମେଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନ କରୁ ।*

*ସେମାନେ ତାହାଙ୍କୁ ପଚାରିଲେ, ତେବେ ମୋଶା କାହିଁକି ତ୍ୟାଗପତ୍ର ଦେଇ, ସ୍ତ୍ରୀକି ପରିତ୍ୟାଗ କରିବା...ଆଜ୍ଞା ଦେଲେ?*

*ଆଉ ସେ ସେମାନଙ୍କୁ କହିଲେ, କାରଣ ତୁମ୍ଭମାନଙ୍କ ହୃଦୟର କଠିନତା ଦେଖି ମୋଶା ତୁମ୍ଭମାନଙ୍କୁ ଆପଣା ଆପଣା ସ୍ତ୍ରୀକି ପରିତ୍ୟାଗ କରିବାକୁ ଅନୁମତି ଦେଲେ: କିନ୍ତୁ ଆଦ୍ୟରୁ ସେପରି ନ ଥିଲା ।*

ତେବେ, ପରମେଶ୍ୱର, ଆମକୁ ସାହାଯ୍ୟ କରନ୍ତୁ ।

57 ଏହି ଶାସ୍ତ୍ର, ଏହି ପ୍ରଶ୍ନ, ଯୀଶୁଙ୍କର ଆରମ୍ଭିକ ସେବାକାର୍ଯ୍ୟରେ ତାହାଙ୍କ ସମ୍ମୁଖରେ ଆସିଥିଲା । ଏବଂ ଏହା ମୋଶାଙ୍କର ଆରମ୍ଭିକ ସେବାକାର୍ଯ୍ୟରେ ମଧ୍ୟ ତାହାଙ୍କର ସମ୍ମୁଖରେ ଆସିଥିଲା । ଏହା ବିଶ୍ୱାସୀମାନଙ୍କ ହୃଦୟରେ ଏକ ପ୍ରମୁଖ ପ୍ରଶ୍ନ ଅଟେ । ସେହି ପାପୀ ଧ୍ୟାନ ନିଏ ନାହିଁ । ମାତ୍ର ଏହା ବିଶ୍ୱାସୀଙ୍କ ପାଇଁ ଅଟେ, କାରଣ ସେହି ବିଶ୍ୱାସୀ ତାହା ସମସ୍ତ କିଛି କରିବାକୁ ଚେଷ୍ଟା କରୁଅଛନ୍ତି ଯାହାକି ସେ ଜାଣେ ଯେ ପରମେଶ୍ୱରଙ୍କ ସମ୍ମୁଖରେ କିପରି ରହିବାକୁ ଅଛି । ତେଣୁକରି ତାହା, ଯଦି କୌଣସି ପ୍ରଶ୍ନ ଧର୍ମ ଉପରେ ଆସେ, ତାହାପରେ *ବିବାହ ଏବଂ ଛାଡପତ୍ର* ମାମଲା ଆସିଥାଏ । କାହିଁକି? କାରଣ ଏହା ମୂଳ ପାପର କାରଣ ଅଟେ । ସେହିଠାରେ ହିଁ ପାପ ଆରମ୍ଭ ହୋଇଥିଲା । ଏବଂ ସେହି କାରଣରୁ ଏହାକୁ ପ୍ରତ୍ୟେକ ଥର ଅଣାଯାଇଥାଏ, କାରଣ ଏହା ଠିକ୍ ସେହି ପାପର ଆରମ୍ଭ ଅଟେ ।

58 ତେବେ ମୋ ପାଖରେ ଏହିସବୁ ବିଷୟକୁ ବୁଝାଇବା ପାଇଁ ସମୟ ହେବ ନାହିଁ, ମାତ୍ର ମୁଁ ଆପଣମାନଙ୍କର ଚିଠି କିମ୍ବା ଅନ୍ୟକିଛିର ଯାହା ମୁଁ କରିପାରେ ଉତ୍ତର ଦେବା ପାଇଁ ଖୁସି ହେବି । କିଅବା, ଆମ ପାଖରେ ଏହା ଉପରେ ଲେଖାଯାଇଥିବା ପୁସ୍ତକଗୁଡିକ ଅଛି, ଏବଂ ଅନେକ ପ୍ରଶ୍ନମାନ, ଏପରିକି ଖବରକାଗଜର ଏବଂ ଏଠାରେ ଥିବା ଜିନିଷଗୁଡ଼ିକର କଟା ଯାଇଥିବା ଅଂଶଗୁଡିକ ଅଛି, ଏହା ପ୍ରମାଣ କରିବାକୁ, ଆମେ ଜାଣୁ ଯେ ଏହା ହବା ଥିଲେ (ସେହି ସେଓ ଯାହା ସେ ଖାଇବାର ଉଚିତ୍ ଥିଲା, ଯେତେବେଳେକି ଏହା ଶାସ୍ତ୍ରସଙ୍ଗତ ସୁଦ୍ଧା ନୁହେଁ, ବର୍ତ୍ତମାନ ସେମାନେ ଦାବି କରନ୍ତି ଯେ ଏହା ନଷ୍ପାତୀ ଥିଲା; ଏହା ଉଭୟ ଭିତରୁ କୌଣସିଟି ନ ଥିଲା ।), ସେ ବ୍ୟଭିଚାର କରିଥିଲା, ଯାହାକି ପ୍ରଥମ ସନ୍ତାନକୁ ଜନ୍ମ ଦେଲା, ଯାହା ଶୟତାନର ନିଜର ପୁତ୍ର, କୟିନ ଥିଲା, କାରଣ ତାହାଠାରେ ମନ୍ଦତା ରହିଥିଲା । ଏହା ହେବଲ ଦେଇ ଆସିଲା ନାହିଁ । ଶୟତାନର ପୁତ୍ର କୟିନ ଥିଲା ।

59 ମୁଁ ବର୍ତ୍ତମାନ ଆପଣଙ୍କର ପ୍ରଶ୍ନ ଜାଣେ, "ହବା କହିଲା, 'ମୁଁ ପ୍ରଭୁଙ୍କଠାରୁ ଜଣେ ପୁରୁଷ ଲାଭ କରିଛି ।'" ତାହା ଅବିକଳ ଠିକ୍ ।

60 ଆପଣ ନଗରର ସବୁଠୁ ଅଶୁଚି ସ୍ତ୍ରୀଲୋକକୁ ନେଇ ପାରନ୍ତି, ସବୁଠୁ ମନ୍ଦ ବ୍ୟକ୍ତିକି ନେଇ ପାରନ୍ତି; ଯଦି ସେମାନଙ୍କର ଏକ ସନ୍ତାନ ହୁଏ, ତେବେ ଏହାକୁ ପ୍ରଭୁଙ୍କଠାରୁ ଆସିବାକୁ ହେବ, କାରଣ ପରମେଶ୍ୱର ନିୟମଗୁଡିକୁ ଏକାଠି ସ୍ଥାପିତ କରି ରଖିଛନ୍ତି। ଏବଂ ଏହି ନିୟମଗୁଡ଼ିକ, ଯେପରିକି ସୂର୍ଯ୍ୟର ଉଦୟ ହେବା; ଆପଣ ଗୋଟିଏ ବାଳୁଙ୍ଗାକୁ ଏକ ଭଲ କ୍ଷେତ୍ରରେ ରଖନ୍ତୁ, ଏହା ବୃଦ୍ଧି ପ୍ରାପ୍ତ ହେବ। ଆଉ ଏହାକୁ ବଢିବାକୁ ଅଛି, କାରଣ ଏହା ପରମେଶ୍ୱରଙ୍କ ନିୟମ ଅଟେ। ଯେତେବେଳେ ବୀଜ ବୁଣାଯାଏ, ଏହାକୁ ବଢିବା ଆବଶ୍ୟକ ଅଟେ। ଏବଂ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ଜିନିଷ ଜୀବନକୁ ବୃଦ୍ଧି କରାଇପାରେ ନାହିଁ, କାରଣ ଏହା ତାହାଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରେ। ଅତଏବ ଯେତେବେଳେ ସେହି ମନ୍ଦ ବୀଜ ହବାର ଗର୍ଭରେ—ରେ ରୋପଣ କରାଗଲା, ଏହାକୁ ଆସିବାକୁ ଥିଲା, କାରଣ ଏହା ପରମେଶ୍ୱରଙ୍କ ଉତ୍ପାଦନର ନିୟମ ଅଟେ। ଏବଂ ଏହା ତାହାକୁ ଆଣିବା ବ୍ୟତୀତ ଅନ୍ୟ କିଛି କରିପାରି ନ ଥିଲା, ଆଉ ଏହାକୁ ପରମେଶ୍ୱରଙ୍କଠାରୁ ଆସିବାକୁ ଥିଲା।

61 ସେହି କାରଣରୁ ଲୋକମାନେ କୁହନ୍ତି, "ସାନ ଶିଶୁମାନେ," ବେଳେ ବେଳେ, "ଯେଉଁମାନେ କି ଖ୍ରୀଷ୍ଟିଆନ ପିତାମାତାଙ୍କ ଦ୍ୱାରା ଜନ୍ମ ହୋଇନାହାଁନ୍ତି, ବିନଷ୍ଟ ଅଟନ୍ତି।"

62 ଯୀଶୁ ଖ୍ରୀଷ୍ଟଙ୍କର ରକ୍ତ ଶିଶୁ ପାଇଁ ପ୍ରାୟଶ୍ଚିତ କରେ, ମୁଁ ଏହା ଚିନ୍ତା କରେ ନାହିଁ ଯେ ଏହା କେତେ ଜନ୍ମ ହୋଇଥିଲା ଏବଂ କେତେ ମନ୍ଦରେ ଏହା ଜନ୍ମ ହୋଇଥିଲା। ସେ ହେଉଛନ୍ତି ପରମେଶ୍ୱରଙ୍କ ମେଷଶାବକ ଯିଏକି ଜଗତର ପାପ ବୋହି ନେଇଯାଆନ୍ତି। ସେହି ସାନ ଶିଶୁଟି ଅନୁତାପ କରିପାରେ ନାହିଁ, କାରଣ ଏଥିରେ ଅନୁତାପ କରିବାର କିଛି ନାହିଁ, ଏବଂ ତାହା ଜଗତର ପାପ ଥିଲା ଯାହାକି ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ନେଇ ନିଆଯାଇଥିଲା। ଶିଶୁମାନେ ସ୍ୱର୍ଗକୁ ଯାଆନ୍ତି।

63 ଏହା ମୂଳ ପାପ ଅଟେ, ଏବଂ ତାହାହିଁ ସେହି କାରଣ ଅଟେ ଯେ ଏହା—ଏହା ପ୍ରଶ୍ନ କରାଯାଏ। ଯେତେବେଳେ କୌଣସି ବଡ଼ ଘଟଣା ପରମେଶ୍ୱରଙ୍କଠାରୁ ଆସେ, ପ୍ରଥମ ବିଷୟ ସମ୍ବନ୍ଧରେ: "ବିବାହ ଏବଂ ଛାଡପତ୍ର ବିଷୟରେ କଅଣ ଅଟେ?" ତେବେ, ଯୁଗ ଯୁଗ ଧରି, ଏହା ଏବେ ସୁଦ୍ଧା ଲୋକମାନଙ୍କ ମଧ୍ୟରେ ଏକ ପ୍ରଶ୍ନ ଅଟେ। ଯେପରିକି ଏହା ଯୀଶୁଙ୍କ ସମୟରେ ଥିଲା, ଯେପରିକି ଏହା ମୋଶାଙ୍କ ସମୟରେ ଥିଲା, ଏହା ସର୍ବଦା ରହିଆସିଛି ଏବଂ ଆଜି ମଧ୍ୟ ତାହା ଅଟେ, ଲୋକମାନଙ୍କ ମଧ୍ୟରେ ଏକ ପ୍ରଶ୍ନ ଅଛି, କାରଣ ଲୋକମାନେ ଜାଣିବାକୁ ଚାହାଁନ୍ତି ଯେ ସତ୍ୟ କଅଣ?

64 ମାତ୍ର ଯେଉଁଠାରେ ଏକ ପ୍ରଶ୍ନ ଅଛି, ସେଠାରେ ଏକ ଉତ୍ତର ମଧ୍ୟ ରହିବା ଆବଶ୍ୟକ। ଆଉ ତେବେ ଗୋଟିଏ ଉତ୍ତର ରହିଥିବା ହେତୁ, ଯେପରିକି ମୁଁ ପୂର୍ବରୁ କହିଅଛି, ଏହି ସପ୍ତାହରେ, ଏକ ସଠିକ୍ ଉତ୍ତର ରହିବା ଆବଶ୍ୟକ। ଆଉ ଯଦି ଆମେ କୌଣସି ବିଷୟର ଉତ୍ତର ପାଉ, ଏବଂ ଏହା—ଏହା ଠିକ୍ ନୁହେଁ, ତେବେ ଆମେ ଜାଣୁ ଯେ ଏହା ଭୁଲ୍ ଥିଲା। ମାତ୍ର ସେଠାରେ ଅଟେ, ଆପଣ ତଥାପି ସୁଦ୍ଧା ପଚାରନ୍ତି ଯେପର୍ଯ୍ୟନ୍ତକି ସେହି ପ୍ରକୃତ ପ୍ରଶ୍ନର ଉତ୍ତର

ନ ଦେଇ ଦିଆଯାଏ, ଯଦି ଆପଣ ସତ୍ୟ ଜାଣିବାକୁ ଚାହୁଁଥାନ୍ତି । ଏବଂ ଏହା ଏକ ବାଇବଲ ପ୍ରଶ୍ନ ହୋଇଥିବା ହେତୁରୁ, ଏହା ଏକ ବାଇବଲର ଉତ୍ତର ହେବା ଉଚିତ ।

65 ଏହା ଏପରି ଅଟେ ଯେପରିକି ମୁଁ କହିଛି, ଯଦି ମୁଁ ଆଜି ସକାଳେ ପୂର୍ବକୁ ଯିବାକୁ ଚାହେଁ, ଏବଂ ସର୍ବୋତ୍ତମ ଯାହା ମୁଁ ଜାଣେ ତାହା ଏହା ଯେ, ମୋତେ କ୍ଷେତରେ ଏକ ନିର୍ଦ୍ଦିଷ୍ଟ କିଛି ଖୋଜିବାକୁ ପଡିଥାଏ, ଏବଂ ଏହା ସିଧାସଳଖ ପୂର୍ବ ଥିଲା, ଏବଂ ମୁଁ ପୂର୍ବକୁ ଗଲି । କେହି ଜଣେ କହିଲେ, "ଭାଇ ବ୍ରାନହାମ୍, *ଏହା* ପୂର୍ବ ଅଟେ ।" ଏହା ପୂର୍ବ, ସମ୍ଭାବ୍ୟ ଭାବେ, ମାତ୍ର ଏହା ଉତ୍ତର-ପୂର୍ବ ଅଟେ । ମୁଁ ଖୋଜୁଥିବା ସେହି ବସ୍ତୁକୁ ଠିକ୍ ଛାଡ଼ି ଦେବି; ମୁଁ ଫେରି ଆସିବି, ଏହା ଜାଣି ଯେ ଏହା ଭୁଲ ଥିଲା । ଏବଂ ତାହାପରେ ଯଦି କେହି କହିବେ, "ଭାଇ ବ୍ରାନହାମ୍, *ଏହି* ପଥରେ ଯାଆନ୍ତୁ, ଆପଣଙ୍କର ଡାହାଣକୁ ।" ତେବେ, ତାହା ମଧ୍ୟ, ସମ୍ଭାବ୍ୟ ପୂର୍ବ ଅଟେ, ମାତ୍ର ଏହା ଦକ୍ଷିଣପୂର୍ବ ଅଟେ । ମୁଁ ଖୋଜୁଥିବା ବସ୍ତୁକୁ ହରାଇଦେବି, କାରଣ ମୁଁ ସିଦ୍ଧ ଏବଂ ପ୍ରତ୍ୟକ୍ଷ ମାର୍ଗର ସୀମାଗୁଡିକୁ ଅତିକ୍ରମ କରିଗଲି ।

66 ତେବେ, ଯଦି ତାହା ସେହିପରି ଅଟେ, ତାହାହେଲେ ଆମ ପାଖରେ *ବିବାହ ଏବଂ ଛାଡପତ୍ର* ଉପରେ ଦୁଇଟି ଚିନ୍ତାଧାରାର ବିଦ୍ୟାଳୟ ଅଛି । ଏବଂ ତାହା ହେଉଛି, ସେମାନଙ୍କ ମଧ୍ୟରୁ ଜଣେ କୁହନ୍ତି, ଯେ, "ଜଣେ ପୁରୁଷ କେବଳ ଥରେ ବିବାହ କରିପାରିବେ, ଯେପର୍ଯ୍ୟନ୍ତ ତାଙ୍କ ପତ୍ନୀ ମରି ନାହାଁନ୍ତି ।" ଆଉ ତାହା ପ୍ରଶ୍ନଗୁଡିକରୁ ଅନ୍ୟତମ ଅଟେ, ମାତ୍ର, ଆପଣ ତାହାର ପରବର୍ତ୍ତୀ ବିଷୟକୁ ଯାଆନ୍ତି, ଆପଣ ସେହି ବିଷୟରୁ ବାହାରକୁ ଚାଲିଯାଆନ୍ତି । ଏବଂ ତାହାପରେ ପରବର୍ତ୍ତୀ ଜଣ କୁହନ୍ତି, "ଓଃ, ଯଦି ପତ୍ନୀ କିମ୍ବା ସ୍ୱାମୀ, ଉଭୟଙ୍କ ମଧ୍ୟରୁ ଜଣେ କେହି, ବ୍ୟଭିଚାର କରିଛନ୍ତି, ତେବେ ସେମାନେ ଉଭୟେ କାହାରି ଜଣକାକୁ ପରିତ୍ୟାଗ କରି ଦେଇପାରନ୍ତି ଏବଂ ପୁନର୍ବାର ବିବାହ କରିପାରନ୍ତି ।" ଆପଣ ଏହା ସହିତ ନିଜକୁ ସେହି ବିଷୟରୁ ବାହାରେ ପାଆନ୍ତି ।

67 ଏଣୁ, ଦେଖନ୍ତୁ, ଏହା ଦକ୍ଷିଣପୂର୍ବ ନୁହେଁ କିଅବା ଉତ୍ତରପୂର୍ବ ନୁହେଁ; ଆମେ ତ ସିଧାସଳଖ ପୂର୍ବ ଚାହୁଁ । ଯେତେବେଳେ ଆପଣ *ଏହି* ପଥରେ ଯାଆନ୍ତି ଆପଣ ଶାସ୍ତ୍ରରୁ ଦୂରେଇ ଯାଆନ୍ତି, ଯେତେବେଳେ ଆପଣ *ସେହି* ପଥରେ ଯାଆନ୍ତି ଆପଣ ଶାସ୍ତ୍ରରୁ ଦୂରେଇ ଯାଆନ୍ତି । ଆମେ ଜାଣିବାକୁ ଚାହୁଁ ଶାସ୍ତ୍ର ଯେଉଁଠାରେ ଶାସ୍ତ୍ର ସହିତ ମିଶିଥାଏ, ଏବଂ ଜାଣିବାକୁ ଚାହୁଁ ଯେ ଏହାର ସତ୍ୟତା କଅଣ ଅଟେ । ପ୍ରତ୍ୟେକେ ଏକ ଭିନ୍ନ ଉପାୟ ଅବଲମ୍ବନ କରନ୍ତି, ଏବଂ ସଠିକ୍ ଉତ୍ତର ଆଣିବାକୁ ବିଫଳ ହୁଅନ୍ତି, ମାତ୍ର ତଥାପି ସେଠାରେ ଏକ ଉତ୍ତର ରହିବା ଉଚିତ୍ ।

68 ଏହା ସେହିପରି ଅଟେ, ଯେପରିକି ଆଜି, ମଣ୍ଡଳୀରେ ଦୁଇଟି ବିଚାରଧାରାର ମହାନ ବିଦ୍ୟାଳୟ ଅଛି; ସେଥିମଧ୍ୟରୁ ଗୋଟିଏ ହେଲା କାଲଭିନ୍‌ବାଦ, ଅନ୍ୟଟି ହେଉଛି ଆର୍ମିନ-... ଆର୍ମିନିଆବାଦ । ସେମାନଙ୍କ ମଧ୍ୟରୁ ଜଣେ ହେଉଛି ଆଇନ ତର୍କସଙ୍ଗତ, ଅନ୍ୟଟି ହେଉଛି ଅନୁଗ୍ରହ । ଏବଂ ଆମେ ଜାଣିବାକୁ ପାଇଲୁ ଯେ ଯେଉଁ ଲୋକମାନେ ଅନୁଗ୍ରହରେ ବିଶ୍ୱାସ କରନ୍ତି, ସେହି କାଲଭିନ୍‌ବାଦର ଅନୁକାରୀମାନେ, ସେମାନେ କୁହନ୍ତି, "ପରମେଶ୍ୱର ଧନ୍ୟ

ହେଉନ୍ତୁ, ଧୂମ୍ରପାନ କରିବା ମୋତେ ଆଘାତ ଦିଏ ନାହିଁ । ମଦ ପିଇବା ମୋତେ ଆଘାତ ଦିଏ ନାହିଁ । ମୁଁ ଏହିସବୁ ବିଷୟ କରିପାରେ, ମୁଁ ଅନନ୍ତ ସୁରକ୍ଷା ପାଇଅଛି ।" ତା'ପରେ ଆମେ ଅନ୍ୟ ପାର୍ଶ୍ୱକୁ ପାଉ, ଆଇନ ତର୍କସଙ୍ଗତ ଉପରକୁ, କୁହନ୍ତି, "ଓଃ, ମୁଁ ତାହାକୁ ପାନେ ଦେବାକୁ ଚାହେଁ, ମୁଁ ତାହାକୁ ଯଥାଇଚ୍ଛା ଗାଳି ଦେବାକୁ ଚାହେଁ, ମାତ୍ର, ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ, ମୋତେ ଚୁପ୍ ରହିବାକୁ ଅଛି ।" ଦେଖନ୍ତୁ, ଆପଣ ନିଜକୁ ଦୁଇଟି ଭିନ୍ନ ମାର୍ଗରେ ପାଆନ୍ତି, ଏବଂ ସେଥି ମଧ୍ୟରୁ ଗୋଟିଏ ହେଲେ ଠିକ୍ ନୁହେଁ । ତେବେ, ତାହା କହିବା କଷ୍ଟକର, ମାତ୍ର ଏହା ସତ୍ୟ ଅଟେ ।

69 ଆମେ ନିଜକୁ ଦୁଇଟି ଭିନ୍ନ ମାର୍ଗରେ ପାଇଥାଉ; ଗୋଟିଏଟି, ଗୋଟିଏ ମାର୍ଗରେ ଯାଇଥାଏ; ଅନ୍ୟଟି, ଅନ୍ୟ ମାର୍ଗରେ । ତେବେ ଆସନ୍ତୁ ଦେଖିବା ଯେ ସତ୍ୟ କଅଣ ଅଟେ ।

70 ତେବେ ଶୁଣନ୍ତୁ, ଏବଂ ଦେଖନ୍ତୁ ଯଦି ଏହା ଆପଣଙ୍କୁ ଯୁକ୍ତିଯୁକ୍ତ ଲାଗେ । ଉଦାହରଣ ସ୍ୱରୂପ, ଯଦି ମୁଁ ବିଦେଶ ଯିବାକୁ ପ୍ରସ୍ତୁତ ହୁଏ, ଆଉ ମୁଁ ମୋର ନିଜ ପରିବାରକୁ ନେବି, ମୁଁ ମୋର ପତ୍ନୀଙ୍କୁ ମୋ ପାଖକୁ ଡାକିବି, ଏବଂ ମୁଁ କହିବି, "ଆମେ ଯାଉ-...ପ୍ରିୟେ, ମୁଁ ବିଦେଶକୁ ଯାଉଅଛି ।" ବର୍ତ୍ତମାନ ଏଠାରେ ଆଇନ ତର୍କସଙ୍ଗତଙ୍କ ପକ୍ଷ ଅଟେ, "ତେବେ, ମୋର ପତ୍ନୀ, ମୁଁ ତୁମକୁ ନିୟମ ଦେବାକୁ ଯାଉଅଛି! ମୁଁ ଯାଇଥିବାବେଳେ ଯଦି ତୁମେ କୌଣସି ପୁରୁଷ ସହିତ ପ୍ରେମ ଛଳନା କର, ତାହାହେଲେ ଯେତେବେଳେ ମୁଁ ଫେରି ଆସିବି ତୁମେ ଜଣେ ଛାଡପତ୍ର ପାଇଥିବା ମହିଳା ହେବ । ଏବଂ ମୁଁ ଚାହେଁ ନାହିଁ ଯେ ତୁମେ ଆଖି ପକାଅ, ଚାହେଁ ନାହିଁ ଯେ ତୁମେ ପ୍ରେମ ଛଳନା କର! କଅଣ ତୁମେ ତାହା ବୁଝିଲ? ମୁଁ ତୁମର ସ୍ୱାମୀ ଅଟେ! ଯଦି ତୁମେ ତାହା କର, ଯେତେବେଳେ ମୁଁ ଫେରି ଆସେ ତେବେ ମୁଁ ତୁମକୁ ପରିତ୍ୟାଗ କରିବାକୁ ଯାଉଅଛି ।"

71 ତା'ପରେ ସେ ଆସନ୍ତି ଓ ମୋତେ ସେହି ଟାଇରେ ଧରି, ଏହା କୁହନ୍ତି, "ମୋର ଉତ୍ତମ ପୁରୁଷ, ମୁଁ ତୁମକୁ କିଛି କହିବାକୁ ଚାହେଁ, ଦେଖ, ଦେଖ, ଯେ ଯଦି ତୁମେ କୌଣସି ସ୍ତ୍ରୀଲୋକ ଉପରେ ଆଖି ପକାଅ, କିମ୍ବା କୌଣସି ସ୍ତ୍ରୀଲୋକକୁ ବାହାରକୁ ନେଇଯାଅ, ଅବା କୌଣସି ସ୍ତ୍ରୀଲୋକ ସହିତ ପ୍ରେମର ଛଳନା କର, ଯେତେବେଳେ ତୁମେ ଫେରି ଆସିବ ସେତେବେଳେ ତୁମେ ଜଣେ ଛାଡପତ୍ର ପ୍ରାପ୍ତ ପୁରୁଷ ହେବାକୁ ଯାଉଅଛ ।" ତେବେ, କଅଣ ତାହା ଏକ ସୁଖକର ଘର ହେବ ନାହିଁ କି? ତାହା ହେଉଛି ଆଇନ ତର୍କସଙ୍ଗତ । ଠିକ୍ ଅଛି ।

72 ବର୍ତ୍ତମାନ, ଅନ୍ୟ ପାର୍ଶ୍ୱଟି ହେଉଛି, ଯଦି ମୁଁ ବିଦେଶ ଯାଏ ଏବଂ ମୁଁ ଗୋଟିଏ ଭୁଲ୍ କରେ... ଯାଇ କୁହେ, "ତେବେ, ଦେଖ, ମୁଁ ଏହି ସ୍ତ୍ରୀଲୋକକୁ ବାହାରକୁ ନେଇକି ଯିବି । ଓଃ, ଏହା ମୋ ସ୍ତ୍ରୀ ସହିତ ଠିକ୍ ଅଛି, ତାଙ୍କୁ ଫରକ ପଡ଼େ ନାହିଁ ।" ମୋ ପତ୍ନୀ କୁହନ୍ତି, "ମୁଁ ଏହି ଲୋକ ସହିତ ବାହାରକୁ ଯିବି । ଏହା ବିଲ୍ ସହିତ ଠିକ୍ ଅଛି, ତାଙ୍କୁ ଫରକ ପଡ଼େ ନାହିଁ ।" ଯଦି ମୋର ଫରକ ପଡୁ ନାହିଁ, ତେବେ ମୋ ସହିତ କିଛି ଗୋଟାଏ ଭୁଲ ଅଛି; ମୁଁ ସେହି ସ୍ତ୍ରୀଲୋକକୁ ସଠିକ୍ ଭାବେ ଭଲ ପାଏ ନାହିଁ । ଏବଂ ଯଦି ତାକୁ ଫରକ ପଡୁ ନାହିଁ, ତେବେ ତାଙ୍କ ସହିତ କିଛି ଗୋଟାଏ ଭୁଲ

ଅଛି । ସେ ମୋର ପତ୍ନୀ ଅଟନ୍ତି; ମୁଁ ଚାହେଁ ନାହିଁ ଯେ ଅନ୍ୟ କୌଣସି ପୁରୁଷ ତାଙ୍କ ସହିତ ଛଳନା କରୁ । ସେ *ମୋର* ପତ୍ନୀ ଅଟନ୍ତି ।

73 ତେବେ, ଏହାର ସଠିକ୍ ଉପାୟ, ହେଉଛି, ଉଭୟେ ସେମାନେ ଏକ ସତ୍ୟକୁ ପାଇଛନ୍ତି, ମାତ୍ର ସେହି ପ୍ରକୃତ ସତ୍ୟକୁ ନୁହେଁ ।

74 ତେବେ ଯେତେବେଳେ ମୁଁ ବିଦେଶକୁ ଯାଏ, ଏହାକୁ ଠିକ୍ କରିବା ଦିଗରେ, ମୋର ଛୋଟ ପରିବାର ଏକତ୍ରିତ ହୁଅନ୍ତି, ଏବଂ ଆମେ ପରସ୍ପର ଜଣେ ଅନ୍ୟ ସହିତ ପ୍ରାର୍ଥନା କରୁ । ଆଉ ମୁଁ ସେମାନଙ୍କୁ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରେ, ଏବଂ ସେମାନେ ମୋତେ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରନ୍ତି । ଏବଂ ଯେତେବେଳେ ଆମେମାନେ କରୁ, ଆମେ ବିଦେଶ...ମୁଁ ବିଦେଶକୁ ଯାଇଥାଏ । ତେବେ, ମୁଁ ଜାଣେ ଯେ ସେ ମୋତେ ଭଲ ପାଆନ୍ତି; ମୋର ତାଙ୍କ ଉପରେ ଭରସା ଅଛି । ସେ-...ଏବଂ ମୁଁ ତାଙ୍କୁ ପ୍ରେମ କରେ; ତାଙ୍କର ମୋ ଉପରେ ଭରସା ଅଛି । ଯେପର୍ଯ୍ୟନ୍ତ ମୁଁ ତାଙ୍କୁ ସେପରି ଭଲ ପାଇଥାଏ, ସେପର୍ଯ୍ୟନ୍ତ ତାଙ୍କୁ ମୋ ବିଷୟରେ ଅନ୍ୟ କୌଣସି ସ୍ତ୍ରୀଲୋକକୁ ବାହାରକୁ ନେଇଯିବା ସମ୍ବନ୍ଧରେ କୌଣସି ଚିନ୍ତା କରିବାକୁ ପଡ଼େ ନାହିଁ । ଯେପର୍ଯ୍ୟନ୍ତ ସେ ମୋତେ ଠିକ୍ ଭାବେ ଭଲ ପାଆନ୍ତି, କାହିଁକି, ଅନ୍ୟ କୌଣସି ପୁରୁଷ ତାଙ୍କ ସହିତ ବାହାରକୁ ଯିବା ବିଷୟରେ ମୋତେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ, କାରଣ ସେ ମୋର ପତ୍ନୀ ଏବଂ ମୁଁ ତାଙ୍କୁ ବିଶ୍ୱାସ କରେ ।

75 ମୁଁ ବିଶ୍ୱାସ କରେ, ଯଦି ମୁଁ ପ୍ରକୃତରେ କିଛି ଭୁଲ କରି ପକାଏ, ଭ୍ରାନ୍ତିକର ବିଷୟ କରି ପକାଏ ଓ କୌଣସି ସ୍ତ୍ରୀଲୋକ ସହିତ ବାହାରକୁ ଚାଲିଯାଏ, ଏବଂ ଫେରି ଆସି ତାଙ୍କୁ ତାହା ସ୍ୱୀକାର କରେ, ଓ ତାଙ୍କୁ କୁହେ, "ମେଡା, ମୁଁ ତାହା କରିବାକୁ ଚାହୁଁ ନ ଥିଲି । ମୁଁ କେବଳ ଏକ ଫାନ୍ଦରେ ପଡ଼ିଗଲି; ଏହି ସ୍ତ୍ରୀଲୋକଟି ଠିକ୍ ମୋ ପାଖକୁ ଦୌଡି ଆସିଲେ ଏବଂ—ଏବଂ ମୋତେ ବାହୁରେ ଜାବୁଡି ଧରିଲେ, ଆଉ *ଅମୁକ-ଓ-ଅମୁକ* କରିବା ଆରମ୍ଭ କରିଦେଲେ," ମୁଁ ବିଶ୍ୱାସ କରେ ଯେ ସେ ବୁଝି ଯିବେ । ମୁଁ ବିଶ୍ୱାସ କରେ ଯେ ସେ ଏଥିପାଇଁ ମୋତେ କ୍ଷମା କରିଦେବେ । ମାତ୍ର ମୁଁ ଏହା କରିବି ନାହିଁ, କୌଣସି ମତେ, କାରଣ ମୁଁ ତାଙ୍କୁ ପ୍ରେମ କରେ । ଯଦିଓ ସେ ମୋତେ କ୍ଷମା କରିଦେବେ, ମୁଁ ତାହା କରିବି ନାହିଁ । ମୁଁ ତାଙ୍କୁ କୌଣସି ବି କାରଣରୁ, ଆଘାତ କରିବି ନାହିଁ । ଯଦିଓ ମୁଁ ଜାଣେ ଯେ ସେ ଏଥିପାଇଁ ମୋତେ କ୍ଷମା କରିଦେବେ, ମୁଁ ତାଙ୍କୁ ଆଘାତ କରିବାକୁ ଚାହିଁବି ନାହିଁ ।

76 ଏବଂ ଠିକ୍ ସେହି ପ୍ରକାରେ ତାହା ପରମେଶ୍ୱରଙ୍କ ସହିତରେ ଅଟେ । ଯଦି ମୁଁ...ଯଦି ଏକ *ଫିଲିୟୋ* ପ୍ରେମ, ଯାହାକି ମାନବ ପ୍ରେମ, ସହଭାଗୀ ପ୍ରେମ ଅଟେ, ଜଣେ ପୁରୁଷକୁ ନିଜ ପତ୍ନୀ ବିଷୟରେ ତାହା ଅନୁଭବ କରାଇପାରେ; ତାହାହେଲେ *ଆଗାପୋ* ପ୍ରେମ ବିଷୟରେ କଅଣ, ଯାହାର ଗ୍ରୀକ୍ ଶବ୍ଦର ଅର୍ଥ ହେଉଛି "ପରମେଶ୍ୱରଙ୍କ ପ୍ରେମ," ତାହା ମୋତେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ କିପରି କରାଇବ? ମୁଁ, ଯେପର୍ଯ୍ୟନ୍ତ ମୁଁ ଏହାକୁ କରିବାକୁ ଯିବି ବୋଲି ଚାହିଁଥାଏ, ଏହା କରିବା ମୋର ହୃଦୟରେ ରୁହେ! ତାହା ଅଟେ କି ନୁହେଁ...ମୁଁ କୁହେ, ଯେପର୍ଯ୍ୟନ୍ତ ଏହା

କରିବା ମୋ ହୃଦୟରେ ଅଛି, ମୁଁ ତାହା କରିବାକୁ ଯିବି । ଆଇନ ତର୍କସଙ୍ଗତ ବ୍ୟବସ୍ଥା ମୋତେ ଏହା କରିବାକୁ ଦେବ ନାହିଁ, କାରଣ ମୁଁ ଜାଣେ ଯେ ଏହା କରିବା ପାଇଁ ମୁଁ ଦଣ୍ଡିତ ହେବି। ମାତ୍ର ଏହାର ପ୍ରକୃତ ସତ୍ୟ ହେଉଛି, ଯେ ପରମେଶ୍ୱରଙ୍କ ପ୍ରେମ ଆପଣଙ୍କ ହୃଦୟ ଭିତରକୁ ସେତେବେଳେ ଆସେ ଯେପର୍ଯ୍ୟନ୍ତକି ଆପଣ ଏହାକୁ କରିବା ପାଇଁ *ଇଚ୍ଛା* କରନ୍ତି । ତାହା ହେଉଛି ଏହାର ସତ୍ୟ । ଦୁଇଟି ବିଦ୍ୟାଳୟ ଅଛି । ଆଇନ ତର୍କସଙ୍ଗତ ବ୍ୟବସ୍ଥା କିମ୍ବା ଅନ୍ୟ, କିମ୍ବା କାଲଭିନବାଦ ନୁହେଁ, ଏହା ଉଭୟ ଅଟେ ।

77 ତେବେ ଆମେ ଆଜି ମଧ୍ୟ, ପାଉ ଯେ, ସେଠାରେ ଅନେକ ନାମଧାରୀ ସଂସ୍ଥାମାନ ଅଛନ୍ତି । ସେଠାରେ କ୍ୟାଥୋଲିକ୍ ମଣ୍ଡଳୀ ଅଛି, ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ଅଛି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ କୁହନ୍ତି ଯେ ସେମାନେ ମାର୍ଗ ଅଟନ୍ତି, ଦେଖନ୍ତୁ, "ଆମ ପାଖରେ ମାର୍ଗ ଅଛି, ଆମେ ସତ୍ୟ ଅଟୁ ।" ସେଠାରେ ମେଥୋଡିଷ୍ଟ ଅଛନ୍ତି, କୁହନ୍ତି, "ଆମ ପାଖରେ ସତ୍ୟ ଅଛି ।" ବାପ୍‌ଟିଷ୍ଟ କୁହନ୍ତି, "ଆମ ପାଖରେ ସତ୍ୟ ଅଛି ।"

78 ତେବେ, ମୋ ପାଇଁ, ଯେପର୍ଯ୍ୟନ୍ତ ସେମାନେ ତାହାକୁ ସେହିପରି ଅନୁଭବ କରନ୍ତି, ଏହା ସେପରି ନୁହେଁ, କାରଣ ଯୀଶୁ କହିଥିଲେ, "ମୁଁ ସତ୍ୟ ଅଟେ ।" ବୁଝିଲେ?

79 ଅତଏବ, ଗତକାଲି ରାତିରେ ମୋର ଉପଦେଶ ଯେପରି ଥିଲା, ଯେ ସେ ହେଉଛନ୍ତି ସେହି ସ୍ଥାନ ଯେଉଁଠାରେକି ପରମେଶ୍ୱର ତାହାଙ୍କର ନାମକୁ ସ୍ଥାପନ କରିଅଛନ୍ତି, ଉପାସନା କରିବାର ଏକମାତ୍ର ସ୍ଥାନ ଅଟେ । ଆପଣ ଜଣେ ଖ୍ରୀଷ୍ଟିଆନ ଏଇଥିପାଇଁ ନୁହଁନ୍ତି କାରଣ ଆପଣ ଜଣେ ପ୍ରୋଟେଷ୍ଟାଣ୍ଟ ଅଟନ୍ତି । ଆପଣ ଜଣେ ଖ୍ରୀଷ୍ଟିଆନ ଏଇଥିପାଇଁ ନୁହଁନ୍ତି କାରଣ ଆପଣ କ୍ୟାଥୋଲିକ୍ ଅଟନ୍ତି । ଆପଣ ଜଣେ ଖ୍ରୀଷ୍ଟିଆନ ଏଇଥିପାଇଁ ନୁହଁନ୍ତି କାରଣ ଆପଣ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, କିମ୍ବା ପେଣ୍ଟିକଷ୍ଟାଲ ଅଟନ୍ତି । ଆପଣ ଜଣେ ଖ୍ରୀଷ୍ଟିଆନ ଏଇଥିପାଇଁ ଅଟନ୍ତି କାରଣ ଆପଣ ପବିତ୍ରଆତ୍ମାଙ୍କ ଦ୍ୱାରା, ଯୀଶୁ ଖ୍ରୀଷ୍ଟଙ୍କଠାରେ ବାପ୍ତିଜିତ ହୋଇଛନ୍ତି, ଜଳ ଦ୍ୱାରା ନୁହେଁ । "ଏକ ବିଶ୍ୱାସ; ଏକ ପ୍ରଭୁ; ଏକ ବାପ୍ତିସ୍ମ ଅଟେ," ତାହାହିଁ ହେଉଛି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ । ଜଳର ବାପ୍ତିସ୍ମ ଆପଣଙ୍କୁ ଏକ ସହଭାଗୀତାରେ ଅନ୍ତର୍ଭୁକ୍ତ କରିଥାଏ । ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଆପଣଙ୍କୁ ଖ୍ରୀଷ୍ଟଙ୍କଠାରେ ଅନ୍ତର୍ଭୁକ୍ତ କରେ । ଏହା ହେଉଛି ସେହି ସତ୍ୟ ।

80 ଏହି *ବିବାହ ଏବଂ ଛାଡପତ୍ର* ବିଷୟରେ ମଧ୍ୟ ଆମର ଦୁଇଟି ବିଚାରଧାରା ଅଛି । ତେବେ, ଯେହେତୁ, ଆମମାନଙ୍କର ପ୍ରଭୁ ଏହି ଶେଷ ଦିନରେ, ଆମମାନଙ୍କ ପ୍ରତି ତାହାଙ୍କର ବାକ୍ୟର ସପ୍ତ-ମୁଦ୍ରା ରହସ୍ୟକୁ ଫିଟାଇ ଅଛନ୍ତି । ତେବେ, ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ, ଏହା ଆପଣଙ୍କୁ ଗ୍ରୀକ୍ ପରି ଲାଗିପାରେ, ମାତ୍ର ମୋର ମଣ୍ଡଳୀ ବୁଝନ୍ତି । କି ବିଷୟ ଦ୍ୱାରା? ଆଉ ଆପଣମାନେ ଦର୍ଶନଗୁଡିକ ବିଷୟରେ ଏବଂ ଯାହା ଘଟିଅଛି ତାହା ବିଷୟରେ ଶୁଣିଛନ୍ତି । ଏବଂ ପ୍ରଶ୍ନଟି ଏକ ବାଇବଲ ପ୍ରଶ୍ନ ଅଟେ, ଆମେ ଏଠାରେ ଏହା ବିଶ୍ୱାସ କରିବା ହେତୁ ନିମନ୍ତ୍ରିତ ଅଟୁ ଯେ ସମଗ୍ର ଲୁକ୍କାୟିତ ରହସ୍ୟ ବିଷୟ ପାଇଁ ଯାହାକି ଜଗତ ପତ୍ତନାବଧିରୁ ଲୁଚି ରହିଛି ଏକ ପ୍ରକୃତ ଉତ୍ତର ନିଶ୍ଚୟ ଅଛି । ଏବଂ ବାଇବଲ ଭବିଷ୍ୟତ୍‌ବାଣୀ କରେ ଏବଂ କୁହେ ଯେ ଏହି

ଦିନରେ ଏହି ରହସ୍ୟଗୁଡିକ ପ୍ରକଟ କରାଯିବ । ପ୍ରକାଶିତ ବାକ୍ୟ 10, "ଏବଂ ସପ୍ତମ ଦୂତ, ସେହି ଲାଅଦୀକିଆ ଦୂତଙ୍କ ତୂରୀଶବ୍ଦ ଘୋଷଣା ସମୟରେ, ପରମେଶ୍ୱରଙ୍କର ନିଗୁଢ ସଂକଳ୍ପମାନ ପ୍ରକଟ କରାଯିବ ।" ଏବଂ ଏହାହିଁ ସେହି ଶେଷ ଯୁଗ, ଯାହା ଲାଅଦୀକିଆ ଅଟେ ।

81 ଏହି ସମସ୍ତ ଉଦ୍ଦୀପନାକୁ ଦେଖନ୍ତୁ ଯାହାକି ପନ୍ଦର ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ଧରି ଚାଲିଛି, ଏବଂ ଏଥିରୁ ଗୋଟିଏ ହେଲେ ନାମଧାରୀ ସଂସ୍ଥା ବାହାର ହୋଇନାହିଁ। ଲୁଥରଙ୍କଠାରେ ଏକ ଉଦ୍ଦୀପନା ଥିଲା, ସେଠାରେ ଏକ ନାମଧାରୀ ସଂସ୍ଥା ବାହାର ହେଲା; ୱେସଲି, ସେଠାରେ ଏକ ନାମଧାରୀ ସଂସ୍ଥା ବାହାର ହେଲା; ଆଲେକଜାଣ୍ଡାର୍ କ୍ୟାମ୍ପବେଲ୍, ସେଠାରେ ଏକ ନାମଧାରୀ ସଂସ୍ଥା ବାହାର ହେଲା; ଏବଂ ଏହି ସମସ୍ତ ମହାନ...ଜନ୍ ସ୍ମିଥ୍ ଏବଂ ଇତ୍ୟାଦି, ନାମଧାରୀ ସଂସ୍ଥାମାନ, ମୁଡି, ଏହିପରି ପ୍ରଭୃତି । ମାତ୍ର ଏଠାରେ ଗୋଟିଏ ରହିଅଛି...ସାଧାରଣତଃ ଗୋଟିଏ ଉଦ୍ଦୀପନା ପ୍ରାୟଃ କେବଳ ତିନି ବର୍ଷ ପର୍ଯ୍ୟନ୍ତ ରହିଥାଏ । କିନ୍ତୁ ଏହା ତ ପନ୍ଦର ବର୍ଷରୁ ଅଧିକ ସମୟ ହେଲାଣି ଚାଲିଅଛି, ଏବଂ ଏଥିରୁ ଗୋଟିଏ ହେଲେ ନାମଧାରୀ ସଂସ୍ଥା ଉତ୍ପନ୍ନ ହୋଇନାହିଁ, କାରଣ ଏହା ହେଉଛି ବୀଜ ସମୟ । ଆଉ ଅଧିକ ତୁଷ ନାହିଁ; ଗୋଟିଏ ତୁଷ ଚାଲିଯିବା ପରେ, ଏହା ବୀଜ ଅଟେ ।

82 ପରମେଶ୍ୱର ପ୍ରସ୍ତୁତ ଅଛନ୍ତି, ଯଦି ସେ ତାହା ବର୍ତ୍ତମାନ କରନ୍ତି ନାହିଁ, ତାହାହେଲେ ସେ ତାହାଙ୍କର ବାକ୍ୟ, ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଏକ ମଣ୍ଡଳୀକୁ ସିଦ୍ଧତା ନିମନ୍ତେ ଡାକିବାକୁ ଯାଉଛନ୍ତି । ଧ୍ୟାନ ଦିଅନ୍ତୁ, କୌଣସିଠାରେ ତ ଏକ ଉତ୍ତର ରହିବା ଉଚିତ୍, ଏବଂ ପରମେଶ୍ୱରଙ୍କ ସପ୍ତ ମୁଦ୍ରାର ରହସ୍ୟ ହୋଇଥିବା ହେତୁ, ସପ୍ତ ମୁଦ୍ରାଗୁଡିକ...

83 କେତେ ଲୋକ ତାହା ବୁଝନ୍ତି, ହାତ ଉଠାନ୍ତୁ । ଆସନ୍ତୁ ଦେଖିବା । ମୁଁ ଭାବୁଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଖପାଖ ଆମ ମଣ୍ଡଳୀରୁ ଅଟନ୍ତି, ଶୁଣନ୍ତୁ । ଯଦି ନୁହେଁ, ତେବେ ସେହି ବିଷୟ ଉପରେ, ପୁସ୍ତକଗୁଡ଼ିକ ଖୁବ୍ ଶୀଘ୍ର ବାହାରକୁ ଆସିବ। ତେବେ ଆମ ପାଖରେ ପୁସ୍ତକଗୁଡିକ ଅଛି, ଏହା ଉପରେ କିଛି ପୁସ୍ତକମାନ ଅଛି ।

84 ଆମ ଶାସ୍ତ୍ରାଂଶ ପାଠରେ, ଯୀଶୁ, ଆମକୁ ଶାସ୍ତ୍ରସଂଗତ ପ୍ରକୃତ ଉତ୍ତର ପାଇଁ, ଆଦ୍ୟକୁ ଫେରିଯିବାକୁ ଆମନ୍ତ୍ରଣ କରନ୍ତି ।

85 ତେବେ, ଯେତେବେଳେ ସେ ଏହାର ସମ୍ମୁଖୀନ ହୋଇଥିଲେ, ଦୁଇଟି ବିଷୟ ଦୃଷ୍ଟିରେ ରହିଥିଲା । ଯାଜକମାନେ ତାହାଙ୍କୁ କହିଲେ, "କଅଣ ଜଣେ ପୁରୁଷ ଯେକୌଣସି କାରଣରୁ, ନିଜ ପତ୍ନୀକୁ ଛାଡି, ଅନ୍ୟ କାହାରିକୁ ବିବାହ ହୋଇପାରିବ କି?"

ଯୀଶୁ କହିଲେ, "ଆଦ୍ୟରୁ ତାହା ସେପରି ନ ଥିଲା ।"

ତେବେ ସେମାନେ କହିଲେ, "ମୋଶା ଆମକୁ ତ୍ୟାଗପତ୍ରର ଏକ ଲେଖା ଦେଇଥିଲେ, ଏବଂ ସେମାନେ ଯେକୌଣସି କାରଣରୁ ଚାହିଁବେ ତାଙ୍କୁ ପରିତ୍ୟାଗ କରିପାରିବେ ।"

86 ସେ କହିଲେ, "ତାହା, ମୋଶା ତାହା କଲେ କାରଣ," ମୁଁ ସେହି ବିଷୟକୁ କିଛି ସମୟ ହୁଗୁଳା କରିଦେଉଛି, "ତୁମର ହୃଦୟର କଠିନତା ହେତୁ; ମାତ୍ର ଠାରୁ, କିମ୍ୱା ଆଦ୍ୟରେ ତାହା ସେପରି ନ ଥିଲା।" ସେହି ପ୍ରଶ୍ନ!

87 ଆଜିର ସେହି ପ୍ରଶ୍ନ, ଯେପରିକି ବିଶ୍ୱ ଶାନ୍ତି, "କଅଣ ଏହା ରାଜନୀତି, ରାଷ୍ଟ୍ରମାନଙ୍କର ଏକତା, ଏକୀକରଣ ହେବା ଦ୍ୱାରା ଆସୁଅଛି କି?" ମୁଁ ଆପଣଙ୍କୁ କହୁଛି, ନା। ଏହା ସର୍ବଦା ବିଫଳ ହୋଇଅଛି, ଏବଂ ଏହା ପୁନର୍ବାର ହେବ। ମାତ୍ର ସେହି ପ୍ରଶ୍ନ ନିମନ୍ତେ ଏକ ପ୍ରକୃତ ଉତ୍ତର ରହିଅଛି, "କଅଣ ପୃଥିବୀରେ ଶାନ୍ତି ରହିବ କି?" ହଁ, ଯେତେବେଳେ ପୃଥିବୀରୁ ପାପ ଦୂର ହୁଏ, ସେତେବେଳେ ଶାନ୍ତି ରହିବ। ମାତ୍ର ସେହି ସମୟ ପର୍ଯ୍ୟନ୍ତ, କୌଣସି ଶାନ୍ତି ରହିବ ନାହିଁ; "ଜାତି ବିରୁଦ୍ଧରେ ଜାତି, ଓ ରାଜ୍ୟ ବିରୁଦ୍ଧରେ ରାଜ୍ୟ ଉଠିବ।" ପରମେଶ୍ୱର ପାପ ନିମନ୍ତେ ଏକ ପ୍ରତିକାର ଦେଲେ। ତେବେ ଧ୍ୟାନ ସହକାରେ ଶୁଣନ୍ତୁ। ପରମେଶ୍ୱର ପୃଥିବୀକୁ ପାପରୁ ମୁକ୍ତ କରିବା ପାଇଁ ଏହି ପ୍ରତିକାରକୁ ଦେଲେ, ମାତ୍ର ପୃଥିବୀର ମଣିଷ ପରମେଶ୍ୱରଙ୍କ ପ୍ରତିକାରକୁ ଗ୍ରହଣ କରେ ନାହିଁ।

88 ପରମେଶ୍ୱର ଆମକୁ ଆମର ପତ୍ନୀଙ୍କୁ ବିବାହ କରି ସେମାନଙ୍କ ସହିତରେ ରହିବା ପାଇଁ ଏକ ପ୍ରତିକାର ଏବଂ ଏକ ମାର୍ଗ ଦେଲେ, ମାତ୍ର ମଣିଷ ପରମେଶ୍ୱଙ୍କ ପ୍ରତିକାରକୁ ଗ୍ରହଣ କରେ ନାହିଁ, ଏହା ଉପରେ ତାହାଙ୍କର ବାକ୍ୟକୁ ଗ୍ରହଣ କରେ ନାହିଁ। ଯୀଶୁ ଏହା କହିଛନ୍ତି। ଏବଂ ଏହା ଆମକୁ ତାହାଙ୍କର—ର ବାକ୍ୟଗୁଡିକୁ ମନେ ପକାଇଥାଏ, ଏହା ଜାଣି ଯେ ସେ କହିଥିଲେ, "ସ୍ୱର୍ଗ ଏବଂ ପୃଥିବୀ ବିଫଳ ହେବ, ଲୋପ ପାଇଯିବ, ମାତ୍ର ମୋହର ବାକ୍ୟ ନୁହେଁ।"

89 ସେହି ପ୍ରଶ୍ନ, ସେହି ପ୍ରକୃତ ଉତ୍ତର ଯାହା ଯୀଶୁ ଚାହାଁନ୍ତି ଯେ ଆମେ ଫେରିଯାଉ, ତାହା ହେଲା ଆଦ୍ୟକୁ ଫେରିଯିବା। ତେବେ, ତାହା ଆଦିପୁସ୍ତକରେ ହେବ, 'କାରଣ ବାଇବଲର ପ୍ରତ୍ୟେକ ପ୍ରଶ୍ନ ପାଇଁ ସେହି ଶବ୍ଦ *ଆଦିପୁସ୍ତକ* ହେଉଛି ସେହି ବୀଜ ପର୍ବ। ଏବଂ ଆପଣଙ୍କୁ ସର୍ବଦା ବୀଜ ନିକଟକୁ ଫେରିବାକୁ ପଡିବ ଏହା ଦେଖିବା ପାଇଁ ଯେ କ୍ଷେତ୍ରରେ କେଉଁ ପ୍ରକାରର ବୀଜ ଅଛି, ଏହା ଜାଣିବା ପାଇଁ ଯେ ଆପଣଙ୍କର କଅଣ ଫସଲ ହେବ। ତେବେ, କେଉଁ ପ୍ରକାରର ବୀଜ ବୁଣା ଯାଇଅଛି? ଆଦିପୁସ୍ତକ, ସେହି ବୀଜ ପର୍ବ ହୋଇଥିବା ହେତୁ, ଆମେ ଆଦିପୁସ୍ତକକୁ ଫେରିଯିବା। ଯୀଶୁ ଆମକୁ ସେହି ଶାସ୍ତ୍ର ସହିତ ପରିଚିତ କରାନ୍ତି, "ଆଦ୍ୟରୁ।" ତେବେ, ମନେରଖନ୍ତୁ, ତାହା ସେହି ସମୟ ଥିଲା ଯେତେବେଳେ ସମୟ ଆରମ୍ଭ ହେବାକୁ ଲାଗିଲା। ଏହା ପୂର୍ବରୁ, ଏହା ଅନନ୍ତତା ଥିଲା। ତେବେ, ଆମର ପ୍ରଶ୍ନ ସେଠାରେ ଥିଲା, ଧ୍ୟାନ ଦିଅନ୍ତୁ, ଯଦି ଆମେ ଆଦ୍ୟକୁ ଫେରିଯିବା।

90 ତେବେ ଏଥିରେ ବିଫଳ ହେବେ ନାହିଁ! ଏବଂ ସେହି କାରଣରୁ ମୁଁ ଧୀରେ କଥା କହିବାକୁ ଚାହେଁ, ଯେପରିକି ଟେଲିଫୋନରେ ସଂଯୋଗ ଥିବା ଲୋକମାନେ, ଏବଂ ଯେପରିକି ସେହି ଟେପ୍ ଏହାକୁ ସ୍ପଷ୍ଟ ଭାବରେ କହିବ।

91 ଯଦି ଯୀଶୁ କହିଲେ, "ଆଦ୍ୟକୁ ଫେରିଯାଅ," ତେବେ ସେଠାରେ ପୃଥିବୀରେ କୌଣସି ବିଷୟର କେବଳ ଗୋଟିଏ ହିଁ ଯୋଡ଼ି ଥିଲା । ସେଠାରେ ଜଣେ ଆଦମ, ଜଣେ ହବା ଥିଲେ, ସେମାନେ କେବଳ ପରମେଶ୍ୱରଙ୍କ ଦ୍ୱାରା ଯୋଗ କରାଯାଇଥିଲେ । ଗୋଟିଏ ମାଇ ଘୋଡା, ଗୋଟିଏ ଅଣ୍ଡିରା; ଗୋଟିଏ ମାଇ ମିଟୁ, ଗୋଟିଏ ଅଣ୍ଡିରା । "ଆଦ୍ୟରେ," ଯେପରିକି ସେ ଆମକୁ ଫେରିଯିବାକୁ କହିଥିଲେ, ସେଠାରେ କୌଣସି ବିଷୟର କେବଳ ଗୋଟିଏ ହିଁ ଯୋଡ଼ି ଥିଲା । କଅଣ ଏହା ସତ କି? ତା'ପରେ, ଆମେ ପାଇଲୁ ଯେ ସମସ୍ତକିଛି ବିଷୟ "ଆଦ୍ୟରେ" ପରମେଶ୍ୱରଙ୍କ ସହିତ ସିଦ୍ଧ ଭାବରେ ଏବଂ ସାମଞ୍ଜସ୍ୟରେ ଚାଲୁଥିଲା, କୌଣସି ବିଷୟ କ୍ରମର ବାହାରେ ନ ଥିଲା ।

92 ସ୍ୱର୍ଗରେ ସବୁକିଛି ଏବେ ବି କ୍ରମରେ ଅଛି; ସମସ୍ତ ତାରା, ନକ୍ଷତ୍ରପୁଞ୍ଜ, ସୌର ମଣ୍ଡଳୀ, ସବୁକିଛି ସିଦ୍ଧ କ୍ରମରେ ଅଛି । ସେମାନଙ୍କ ମଧ୍ୟରୁ ଯଦି ଗୋଟିଏ ବି ଗତି କରେ, ଏହା ସମଗ୍ର କାର୍ଯ୍ୟକ୍ରମକୁ ବାଧିତ କରି ଦେବ ।

93 ତେବେ ଶୁଣନ୍ତୁ । କଅଣ ଆପଣ ଦେଖୁଛନ୍ତି? ଗୋଟିଏ ବାଧା ସମଗ୍ର କାର୍ଯ୍ୟକ୍ରମକୁ ନଷ୍ଟ କରିଦିଏ! ତେବେ, ଯେତେବେଳେ ମଣିଷମାନେ ପରମେଶ୍ୱରଙ୍କ ସହିତ ନିରନ୍ତରତାରେ ଚାଲୁଥିଲେ, ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ ସହିତରେ, ଏହି ସ୍ତ୍ରୀ ପାପ କଲେ ଏବଂ ଏହା ସମଗ୍ର ପାର୍ଥିବ କାର୍ଯ୍ୟକ୍ରମକୁ ପରମେଶ୍ୱରଙ୍କ ସହିତରେ ଥିବା ନିରନ୍ତରତାରୁ ବାହାର କରିଦେଲା । ତେଣୁ, ଏହି ପୁସ୍ତକରେ ଗୋଟିଏ ହେଲେ ଶବ୍ଦ ଯୋଗ କରିବା, କିମ୍ୱା ସେଥିରୁ ଗୋଟିଏ ଶବ୍ଦ କାଢି ନେବା, ତାହା ଜଣେ ଖ୍ରୀଷ୍ଟିଆନଙ୍କୁ ପରମେଶ୍ୱରଙ୍କ ସହିତରେ ଥିବା ନିରନ୍ତରତାରୁ ବାହାର କରିଦିଏ, ଗୋଟିଏ ମଣ୍ଡଳୀକୁ ପରମେଶ୍ୱରଙ୍କ ସହିତରେ ଥିବା ନିରନ୍ତରତାରୁ ବାହାର କରିଦିଏ, ଗୋଟିଏ ପରିବାରକୁ ପରମେଶ୍ୱରଙ୍କ ସହିତରେ ଥିବା ନିରନ୍ତରତାରୁ ବାହାର କରିଦିଏ । ପ୍ରତ୍ୟେକ ବିଶ୍ୱାସୀ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟକୁ ଗ୍ରହଣ ନ କରିବା ଦ୍ୱାରା, ବାହାର କରି ଦିଆ ଯାଇପାରନ୍ତି ।

94 ତେବେ, ଏହା ସେହି ସ୍ତ୍ରୀ ଥିଲେ ଯିଏକି ସେହି ସୁନ୍ଦର ଘରର ବିଭାଜନ ସୃଷ୍ଟି କରିଥିଲେ । ଏହା ଏକ କିରୂବ ନ ଥିଲେ ଯିଏକି ପୃଥିବୀକୁ କଷ୍ଟ ଦେଇଥିଲେ । ଏହା ଆଦମ ନ ଥିଲେ ଯିଏକି ଘରକୁ ଭାଙ୍ଗି ଦେଇଥିଲେ । ଏହା ଅନ୍ୟ କୌଣସି ଜିନିଷ ନ ଥିଲା ଯାହାକି ଘରକୁ ଭାଙ୍ଗି ଦେଇଥିଲା, ଏବଂ ସମଗ୍ର ବିଷୟକୁ ନିରନ୍ତରତାରୁ ବାହାର କରି ଦେଇଥିଲା, ମାତ୍ର ଜଣେ ସ୍ତ୍ରୀ, ହବା ଥିଲେ । ଏବଂ ଏହିଠାରେ ହିଁ ଅଟେ ଯାହା "ସେହି ଆଦ୍ୟ," ଯାହା ବିଷୟରେ ଯୀଶୁ କହିଥିଲେ, ଭାଙ୍ଗି ଦିଆଯାଇଥିଲା । ଯୀଶୁ କହିଲେ, "ଆଦ୍ୟରେ, ପରମେଶ୍ୱର ପ୍ରତ୍ୟେକ ପ୍ରକାରର ଗୋଟିଏ ଅଣ୍ଡିରା, ଗୋଟିଏ ମାଇ, ସୃଷ୍ଟି କରିଥିଲେ ।" ଆଉ ବର୍ତ୍ତମାନ ଯେତେବେଳେ ଏହି ସ୍ତ୍ରୀ...ସେହି ମାଇ ଘୋଡା ନୁହେଁ, ସେହି ମାଇ କୁକୁର ନୁହେଁ; ମାତ୍ର ସେହି ନାରୀ, ସେ ପୃଥିବୀରେ ପରମେଶ୍ୱରଙ୍କ କାର୍ଯ୍ୟର ସମ୍ପୂର୍ଣ୍ଣ ନିରନ୍ତରତାକୁ ଭାଙ୍ଗି ଦେଲେ, ଓ ସବୁକିଛିକୁ ମୃତ୍ୟୁମୁଖକୁ ଦେଇ ଦେଲେ । ସେହି ସ୍ତ୍ରୀ କଲା, ପୁରୁଷ ନୁହେଁ, ସେ ସେହି ନିୟମକୁ

ଭଙ୍ଗ କଲେ। ସେ ସେହି ନିୟମକୁ ଭଙ୍ଗ କଲେ, କାରଣ (କାହିଁକି?) ସେ ପରମେଶ୍ୱରଙ୍କ ବାକ୍ୟର ସୀମାକୁ ଅତିକ୍ରମ କଲେ। ତେବେ, ଯଦି ସେ ତାର ସ୍ୱାମୀଙ୍କ ସହିତରେ ଥିବା ନିୟମକୁ ଭଙ୍ଗ କଲେ, ତାହାହେଲେ ସେ ପରମେଶ୍ୱରଙ୍କ ସହିତରେ ଥିବା ନିୟମକୁ ଭଙ୍ଗ କଲେ; ତାହାପରେ, ଯେହେତୁ ସେ ପରମେଶ୍ୱରଙ୍କ ସହିତରେ ଥିବା ନିୟମକୁ ଭଙ୍ଗ କଲେ, ସେ ଏହାକୁ ତାର ସ୍ୱାମୀଙ୍କ ସହିତରେ ଥିବା ନିୟମକୁ ଭଙ୍ଗ କଲେ।

95 ଏବଂ ଯେତେବେଳେ ଆପଣ ନିଜର ପ୍ରତିଜ୍ଞାକୁ ଏବଂ ପରମେଶ୍ୱରଙ୍କ ବାକ୍ୟ ସହିତରେ ଥିବା ଆପଣଙ୍କର ନିୟମକୁ ଭଙ୍ଗ କରନ୍ତି, ତାହା ହିଁ ଅଟେ ଯାହାକି ମଣ୍ଡଳୀରେ ଅନେକ ଅବୈଧ ସଦସ୍ୟମାନଙ୍କୁ ସୃଷ୍ଟି କଲା, 'ପୁରୁଷମାନଙ୍କର ଏକ ଗୋଷ୍ଠୀକୁ ଏକାଠି ଏକତ୍ର କରାଇଲା ଏବଂ କହିଲା, "ତେବେ, ଏହାର ଅର୍ଥ *ତାହା* ନୁହେଁ," ଆଉ ଏହା ସମଗ୍ର ସଂଗଠନକୁ ସେହି ବାକ୍ୟ ସହିତରେ ଥିବା ନିରନ୍ତରତାରୁ ବାହାର କରିଦେଲା। "ଆମେ ତାହା ବିଶ୍ୱାସ କରୁନାହୁଁ। ଡାକ୍ତର ଜୋନ୍ସ କହିଲେ ଯେ ତାହା ସେପରି ନୁହେଁ।" ମାତ୍ର ଯେପର୍ଯ୍ୟନ୍ତ ପରମେଶ୍ୱର ଏହା କହିଲେ ଯେ ଏହା ସେପରି ଅଟେ, ସେ କହିଲେ, "ପ୍ରତ୍ୟେକ ବ୍ୟକ୍ତିର କଥା ମିଥ୍ୟା ହେଉ, ଏବଂ ମୋହର ସତ୍ୟ ହେଉ!" ସେଠାରେ ଏହା ନିରନ୍ତରତାକୁ ଭାଙ୍ଗିଦିଏ।

96 ତେବେ ଆମେମାନେ ଦେଖୁ ଯେ, ସେହି ନିରନ୍ତରତା ଭାଙ୍ଗି ଦିଆ ଯାଇଥିବାରୁ, ତା'ପରେ ସେହି ଜୀବନ ରେଖା ଭାଙ୍ଗିଗଲା, ପୁଣି ସେହି ସମୟ ରେଖା ମଧ୍ୟ ଭାଙ୍ଗିଗଲା, ନିୟମ ଭାଙ୍ଗିଗଲା, ସବୁକିଛି ଭାଙ୍ଗି ଏଣେ ତେଣେ ଚୂର୍ଣ୍ଣ ହୋଇଗଲା! ଏହାକୁ କିଏ ଘଟାଇଲା? ଜଣେ ସ୍ତ୍ରୀ। ତାହା ହିଁ ଅଟେ ଯାହାକି ସେହି ନିୟମକୁ ଭାଙ୍ଗିଦେଲା। ତେବେ, ଯଦି ଆପଣ ତାହା ପଢ଼ିବାକୁ ଚାହାଁନ୍ତି, ଆପଣ ଏହାକୁ ପାଠ କରିପାରନ୍ତି, ଆଦିପୁସ୍ତକ 3।

97 ତେବେ, ଏହା ସେତେବେଳେ ଥିଲା ଯେ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା, ପୁରୁଷ ସେହି ସ୍ତ୍ରୀ ଉପରେ କର୍ତ୍ତୃତ୍ୱ କଲା। ସେହି ସ୍ତ୍ରୀ ଆଉ ତାଙ୍କ ସହ ଆଉ ସମ-କକ୍ଷ ନ ଥିଲେ। ସେ ସ୍ୱଭାବରେ ସମ-କକ୍ଷ ଥିଲେ, ଆପଣ ଜାଣନ୍ତି; ମାତ୍ର, ଯେତେବେଳେ ସେ ପରମେଶ୍ୱରଙ୍କ ବାକ୍ୟ ଭାଙ୍ଗିଲେ, ପରମେଶ୍ୱର ଜଣେ ପୁରୁଷଙ୍କୁ ତା ଉପରେ କର୍ତ୍ତୃତ୍ୱଭାର ଦେଲେ। ଆଦିପୁସ୍ତକ 3:16, ଯଦି ଆପଣ ଏହାକୁ ଲେଖିବାକୁ ଚାହୁଁଛନ୍ତି। ସେ ପୁରୁଷ ସହିତ ଆଉ କୌଣସି ପ୍ରକାରେ ସମାନ ନ ଥିଲେ। ସେ ପରମେଶ୍ୱରଙ୍କ ବାକ୍ୟର ଭଗ୍ନକାରୀ ଥିଲେ।

98 କଅଣ ଆପଣ ଦେଖୁ ନାହାଁନ୍ତି, "ସେ," ସେ, ଏଠାରେ ଥିବା ମଣ୍ଡଳୀକୁ? ପରମେଶ୍ୱରଙ୍କ ବାକ୍ୟର ଭଗ୍ନକାରୀ, ଯାହା ସେହି ସ୍ତ୍ରୀକୁ ନିରନ୍ତରତାରୁ ସମ୍ପୂର୍ଣ୍ଣରୂପେ ବାହାର କରି ଦେଲା। ଏବଂ ତାହା ହିଁ ଅଟେ ଯାହାକି ମଣ୍ଡଳୀ କରିଅଛି, ଏବଂ ସମଗ୍ର ବିଷୟ ଉପରେ ଆତ୍ମିକ ମୃତ୍ୟୁକୁ ଆଣି ଦେଇଅଛି। ବର୍ତ୍ତମାନ ଆପଣ ବୁଝିବେ ଯେ ମୁଁ କାହିଁକି ଏହି ବିଷୟଗୁଡ଼ିକ ଉପରେ ଏପରି ପ୍ରହାର କରେ ଯେପରିକି ମୁଁ କରିଥାଏ। ଏହା ସତ୍ୟ! ଏହା ବାଇବଲ ତଥ୍ୟ ଅଟେ।

99 ଧ୍ୟାନ ଦିଅନ୍ତୁ, ଯେ ସେହି ସ୍ତ୍ରୀ କାହିଁକି ଏହିପରି ଏକ କାର୍ଯ୍ୟ କଲେ? କିପରି ସେହି ପ୍ରିୟ, ସୁନ୍ଦର, ସିଦ୍ଧ ନାରୀ ତାହା କରିପାରେ...?

100 ମୁଁ ଥରେ ଗୋଟିଏ ଚିତ୍ର ଦେଖିଥିଲି, ମୋର ବିଶ୍ୱାସ ଯେ ତାହା ଗ୍ରୀସରେ ଥିଲା, ଜଣେ କଳାକାର ବିଷୟରେ ଯିଏକି ହବାଙ୍କର ଏକ ଚିତ୍ର ଅଙ୍କନ କରିଥିଲେ। ଆପଣ କଦାଚିତ୍ ଦେଖିଥିବା ସବୁଠାରୁ ଭୟଙ୍କର-ଦିଶୁଥିବା ବିଷୟ ସେ ଥିଲେ। ଏହା ଦର୍ଶାଏ ଯେ ଜଣେ ଶାରୀରିକ ମନ କଅଣ ଦେଖିପାରେ। ମାତ୍ର, ସେ ନ ଥିଲେ; ସେ ସୁନ୍ଦର ଥିଲେ, କାରଣ ସେ ଜଣେ ସିଦ୍ଧ ସ୍ତ୍ରୀ ଥିଲେ, ସମ୍ପୂର୍ଣ୍ଣ ସ୍ତ୍ରୀଲୋକ ଥିଲେ।

101 ଧ୍ୟାନ ଦିଅନ୍ତୁ, ଯେ ସେ ସେହି ଉଚ୍ଚ କ୍ରମରେ ରହି କାହିଁକି ସେହିପରି ଏକ କାର୍ଯ୍ୟ କଲେ? ସେ ତ ପୁରୁଷଙ୍କ ସହିତ ଠିକ୍, ତାଙ୍କ ସହ ସମ-କକ୍ଷ ଥିଲେ। ମାତ୍ର ବର୍ତ୍ତମାନ ଆମେ ସମସ୍ତେ ଜାଣୁ ଯେ ସେ ପୁରୁଷ ସହିତ ତାର ସମ-କକ୍ଷତା ହରାଇଲେ, ଯେତେବେଳେ ସେ ପାପ କଲେ, ଆଉ ପରମେଶ୍ୱର କହିଲେ, "ଏବେଠାରୁ ପୁରୁଷ ତୁମ ଉପରେ କର୍ତ୍ତୃତ୍ୱ କରିବ।" ତେବେ, ତାହା ଶାସ୍ତ୍ର ଅଟେ। ଯଦି ଆପଣ ଚାହାଁନ୍ତି, ଆମେ ଏହାକୁ ପାଠ କରିପାରିବା।

102 ମୁଁ ଆପଣମାନଙ୍କୁ ଶାସ୍ତ୍ର ଦେଉଅଛି, ଯେପରିକି ସମଗ୍ର ଦେଶସାରା ଲାଗିଥିବା ଏହି ବଡ ଟେଲିଫୋନ୍ ସଂଯୋଗ ନିମନ୍ତେ ସମୟ ବଞ୍ଚି ପାରେ, ଯାହାଫଳରେ ଆପଣ ଏହାକୁ ନିଜେ ପାଠ କରିପାରିବେ।

103 ସେହି ସ୍ତ୍ରୀ ଏପରି କରିବାର କାରଣକୁ ଧ୍ୟାନ ଦିଅନ୍ତୁ। ଶୟତାନ କିପରି ଭାବରେ କେବେ ତାଙ୍କ ପାଖକୁ ଆସିଲା?

104 କଅଣ ଆପଣ ଜାଣିଛନ୍ତି ଯେ ଶୟତାନ ଦିନେ ପରମେଶ୍ୱରଙ୍କ ସହ ସମ-କକ୍ଷ ଥିଲା? ନିଶ୍ଚିତ ଥିଲା, ସମସ୍ତକିଛି ଥିଲା ମାତ୍ର ଏକ ସୃଷ୍ଟିକର୍ତ୍ତା ନ ଥିଲା; ସେ ସବୁକିଛି ଥିଲା, ସ୍ୱର୍ଗରେ, ପରମେଶ୍ୱରଙ୍କ ଡାହାଣ ପାଖରେ ଛିଡ଼ା ହୋଇଥଲା, ସେହି ମହାନ ଅଗ୍ରଣୀ କିରୂବ।

105 ଧ୍ୟାନ ଦିଅନ୍ତୁ ସେହି କାରଣ ଯେଉଁଥିପାଇଁ ସେହି ସ୍ତ୍ରୀ ଏହା କଲେ, ସେ ମୂଳ ସୃଷ୍ଟିରେ ନ ଥିଲେ। ସେ ପରମେଶ୍ୱରଙ୍କ ମୂଳ ସୃଷ୍ଟିରେ ନାହାଁନ୍ତି; ସେ ଏକ ଉପ-ଉତ୍ପାଦ ଅଟନ୍ତି। ଅତଏବ, "ଆଦ୍ୟରେ," ଯେପରିକି ଯୀଶୁ ଏହା ବିଷୟରେ କହିଲେ, ସେ ପରମେଶ୍ୱରଙ୍କ ମୂଳ ସୃଷ୍ଟିକୃତ ପ୍ରାଣୀ ନ ଥିଲେ। ସେ ଜଣେ ପୁରୁଷର ଏକ ଉପ-ଉତ୍ପାଦ ଅଟନ୍ତି, ଯେତେବେଳେ ଯୀଶୁ "ଆଦ୍ୟ" ବିଷୟରେ କହିଥିଲେ।

106 ମନେରଖନ୍ତୁ ଯେ, ଆଦମ ମୂଳ ସୃଷ୍ଟିରେ, ଉଭୟ ପୁରୁଷ ଏବଂ ନାରୀ ଚରିତ୍ରବିଶିଷ୍ଟ ଥିଲେ, ଏକ ଥିଲେ, ମାତ୍ର ସେତେବେଳେ ସେ ଏକ ପଞ୍ଜରା ଦ୍ୱାରା ଅଲଗା ହୋଇଥିଲେ।

107 ଧ୍ୟାନ ଦିଅନ୍ତୁ ଯେ, ମାତ୍ର ଏକ ଉପ-ଉତ୍ପାଦ, ଏବଂ, ଲକ୍ଷ୍ୟ କରନ୍ତୁ, ପରମେଶ୍ୱରଙ୍କ ସମସ୍ତ ସୃଷ୍ଟି ମଧ୍ୟରୁ କେବଳ ସେହି ଗୋଟିଏ, ପ୍ରତ୍ୟେକ ପ୍ରାଣୀରୁ ଏବଂ ଅନ୍ୟ କୌଣସି ବିଷୟରୁ, ସେହି ସ୍ତ୍ରୀ ହିଁ କେବଳ ଏହିପରି ଭାବରେ ପରିକଳ୍ପିତ ହୋଇଥିଲେ। ଅନ୍ୟ ପ୍ରତ୍ୟେକ ମାଈ ଜୀବ ମୂଳ ସୃଷ୍ଟିରେ ଥିଲେ। ଅନ୍ୟ ପ୍ରତ୍ୟେକ ମାଈ ଜୀବ ମୂଳ ସୃଷ୍ଟିରେ ଥିଲେ, ମାତ୍ର ହବା ମୂଳ ସୃଷ୍ଟିରେ ନ ଥିଲେ। ଦେଖନ୍ତୁ, ତାହାକୁ ତ ସେହି ଉପାୟରେ ନିର୍ମିତ ହେବା ଆବଶ୍ୟକ ଥିଲା। ଆମେ କିଛି ସମୟ ପରେ ଏହା ପାଖକୁ ପହଞ୍ଚିବା। ଧ୍ୟାନ ଦିଅନ୍ତୁ, ଯେ ଏହି ସୃଷ୍ଟିରେ

ଯେଉଁଥିରେକି ସେ ଥିଲେ, ସେହି ମୂଳରେ ନୁହେଁ, ବରଂ ଏକ ଉପ-ଉତ୍ପାଦ ରୂପରେ ଥିଲେ। ଏବଂ ଏହି ସୃଷ୍ଟିରେ, ସେଠାରେ...

108 ତେବେ ମୁଁ ଆପଣଙ୍କର ଭାବନାଗୁଡ଼ିକୁ ଆଘାତ କରିବାକୁ ଚାହେଁ ନାହିଁ, ମାତ୍ର ମୁଁ ଆପଣଙ୍କୁ ସତ କହିବାକୁ ଚାହେଁ। ଏବଂ ଆପଣ କେବଳ ସ୍ଥିର ଭାବରେ ବସି ରୁହନ୍ତୁ; ଆପଣ ଭଲ କରୁଛନ୍ତି।

109 କୌଣସି ବିଷୟକୁ ସେହିପରି ପ୍ରତାରଣାକାରୀ ଭାବରେ ପରିକଳ୍ପନା କରାଯାଇ ନାହିଁ, ଯେପରିକି ଜଣେ ନାରୀକୁ ଯିଏକି ଏତେ ପ୍ରତାରଣାକାରୀ ଅଟେ। ଅନ୍ୟ କିଛି ହୋଇପାରେ ନାହିଁ; ଅନ୍ୟ କୌଣସି ବିଷୟ ସେହିପରି ଭାବରେ ତିଆରି କରାଯାଇ ନାହିଁ।

110 ଆହୁରି ମଧ୍ୟ, ଏପରି କୌଣସି ବିଷୟ ନାହିଁ ଯାହାକି ଏତେ ସହଜରେ ପ୍ରତାରିତ ହୋଇପାରେ ଯେତିକି ସହଜରେ ଜଣେ ନାରୀ ହୋଇପାରନ୍ତି। ତେବେ, ସେହି ପତନ ଏହି ବକ୍ତବ୍ୟକୁ ସତ୍ୟ ବୋଲି ପ୍ରମାଣ କରେ, ଆରମ୍ଭର ସେହି ପତନ।

111 ସେ ମୂଳ ଆରମ୍ଭିକ ସୃଷ୍ଟିରେ ନ ଥିଲେ। ସେ ଆଦମଠାରେ ଥିଲେ, ମାତ୍ର ଆଦ୍ୟରେ, ନିଜେ, ଏକ ମହିଳା ଯୌନାଙ୍ଗରେ ନ ଥିଲେ। ସେ ତିଆରି ହୋଇଥିବା ଉପ-ଉତ୍ପାଦ ଥିଲେ।

112 ତେବେ, ଏପରି କିଛି ପରିକଳ୍ପନା କରାଯାଇ ନାହିଁ ଯାହା ଜଣେ ସ୍ତ୍ରୀଙ୍କ ପରି ଏତେ ସହଜରେ, ପ୍ରତାରଣା କରିପାରେ, ଏବଂ ପ୍ରତାରିତ ହୋଇପାରେ। ଏପରି କୌଣସି ବିଷୟ ପରିକଳ୍ପନା କରାଯାଇ ନାହିଁ କିମ୍ବା ଏତେ ତଳକୁ ଖସିପାରେ ନାହିଁ ଯେତିକି ତଳକୁ ଜଣେ ସ୍ତ୍ରୀ ଖସିପାରେ। ତେବେ ଚିନ୍ତା କରନ୍ତୁ। ସମସ୍ତ ସୃଷ୍ଟିରେ, ଏପରି କୌଣସି ବିଷୟ ପରିକଳ୍ପନା କରାଯାଇ ନାହିଁ, ଯିଏକି ଏତେ ତଳକୁ ଖସିପାରେ ଯେତିକି ତଳକୁ ଜଣେ ସ୍ତ୍ରୀ ଖସିପାରେ। ସେ ଜଣେ ପୁରୁଷର ହୃଦୟକୁ ଦୁନିଆରେ ଥିବା ଅନ୍ୟ କୌଣସି ବିଷୟ ଅପେକ୍ଷା ଅତି ସହଜରେ ଖଣ୍ଡ ଖଣ୍ଡ କରି ଚିରି ଦେଇପାରେ, ତାଙ୍କ ପତ୍ନୀ ଅଟେ। ସେହି ସୁନ୍ଦର ଛୋଟ ପତ୍ନୀଙ୍କୁ ଅନ୍ୟ ପୁରୁଷଙ୍କ ସହିତରେ ଦୌଡ଼ିବାକୁ ଦିଅନ୍ତୁ; ଆଉ ଦେଖନ୍ତୁ ସେହି ବ୍ୟକ୍ତି ସେଠାରେ ତାଙ୍କର ସନ୍ତାନମାନଙ୍କ ସହିତରେ ବସିଥାନ୍ତି, ତାଙ୍କ ଆଖିରୁ ଲୁହ ଝରୁଥାଏ। ସେ ସେହିପରି ଭାବରେ ପରିକଳ୍ପିତ ହୋଇଅଛି। ସେ ଏହା କରିବା ପାଇଁ ପରିକଳ୍ପିତ ହୋଇଅଛି। ସେଠାରେ କୌଣସି ଘୁଷୁରୀ ନାହିଁ, କୌଣସି କୁକୁର ନାହିଁ, କିମ୍ବା ଅନ୍ୟ କୌଣସି ପ୍ରାଣୀ ନାହିଁ, ଯାହାକି ତାଙ୍କ ପରି ପରିକଳ୍ପିତ ହୋଇଅଛି କିମ୍ବା ତାହା ପରି ଏତେ ତଳକୁ ଖସିପାରେ ଯେତିକି ତଳକୁ ସେ ଖସିପାରେ। ବର୍ତ୍ତମାନ, ତାହା ସତ ଅଟେ।

ମୋ ଭଉଣୀମାନଙ୍କୁ ସମ୍ମାନର ସହିତ, ମୁଁ ଚାହେଁ ଯେ ଆପଣ କେବଳ ଦେଖନ୍ତୁ।

113 କୌଣସି ପ୍ରାଣୀ ଅନୈତିକ ହୋଇପାରେ ନାହିଁ। ଆପଣ ସେହି କୁକୁରକୁ ଏକ "ବ୍ୟଭିଚାରୀ," ସେହି ମାଇ କୁକୁରକୁ ଡାକନ୍ତୁ, ଆପଣ ସେହି ଅଣ୍ଡିରା...ଘୁଷୁରୀକୁ ଏକ "ମାଇ ଘୁଷୁରୀ," ଡାକନ୍ତୁ ମାତ୍ର ତାର ନୈତିକତା ଅନେକ ହଲିଉଡ ତାରକାମାନଙ୍କଠାରୁ ଅନେକ ମାଇଲ ମାଇଲ ଉତ୍ତମ ଅଟେ। କେତେ ଅଧିକ ନ୍ୟୁନ ଭାବରେ ତଳକୁ ଖସିବା

ପାଇଁ ସେ ପରିକଳ୍ପିତ ହୋଇଅଛି । ସେ କରିପାରେ ନାହିଁ...କେବଳ ଏହା ବିଷୟରେ ଚିନ୍ତା କରନ୍ତୁ । ପରମେଶ୍ବରଙ୍କ ସୃଷ୍ଟିରେ, ଜଗତରେ ଏପରି କେହି ତିଆରି ହୋଇନାହିଁ, ଯିଏକି ଏତେ ଅନୈତିକ ହୋଇପାରେ, ଏତେ ତଳକୁ ଖସିପାରେ ।

114 ଆପଣ କୁହନ୍ତି, "ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ, 'ମଣିଷ'!" ଆମେ ସେଠାକୁ ଯିବାକୁ ଯାଉଅଛୁ । ସେହି ସ୍ତ୍ରୀଲୋକକୁ କହିବାକୁ ପଡିବ "ହଁ ।"

115 ଧ୍ୟାନ ଦିଅନ୍ତୁ, ଯେ କୌଣସି ବିଷୟକୁ ଏତେ ନିମ୍ନ ସ୍ତରକୁ ଖସିବା ପାଇଁ, କିମ୍ବା ଏତେ ଅପରିଷ୍କାର ହେବା ପାଇଁ ପରିକଳ୍ପିତ କରାଯାଇ ନାହିଁ, ମାତ୍ର ଜଣେ ସ୍ତ୍ରୀକୁ । ଗୋଟିଏ କୁକୁର ଏହା କରିପାରେ ନାହିଁ, ଗୋଟିଏ ଘୁଷୁରୀ ଏହା କରିପାରେ ନାହିଁ, ଗୋଟିଏ ପକ୍ଷୀ ତାହା କରିପାରେ ନାହିଁ । କୌଣସି ପ୍ରାଣୀ ଅନୈତିକ ନୁହେଁ, କିମ୍ବା ତାହା ହୋଇପାରେ ନାହିଁ, କାରଣ ଏହା ସେହିପରି ହେବା ନିମନ୍ତେ ପରିକଳ୍ପିତ ନୁହେଁ । ଏକ ମାଈ ଘୁଷୁରୀ ଅନୈତିକ ହୋଇପାରେ ନାହିଁ, ଏକ ମାଈ କୁକୁର ଅନୈତିକ ହୋଇପାରେ ନାହିଁ, ଏକ ମାଈ ପକ୍ଷୀ ଅନୈତିକ ହୋଇପାରେ ନାହିଁ । ଜଣେ ସ୍ତ୍ରୀଲୋକ ହିଁ କେବଳ ତାହା କରିପାରେ ।

116 ଟେବେ ଆପଣ ଦେଖନ୍ତୁ ଯେ ଶୟତାନ କେଉଁଠାକୁ ଗଲା? ବୁଝିଲେ? ମାତ୍ର ତଥାପି ସେହି ସ୍ତ୍ରୀ ପାଖରେ ଅଛି, ସେ ହିଁ ସେହି ଜଣକା ଅଟନ୍ତି ଯାହାଙ୍କ ପାଖରେ ଏହା କହିବାର ଶକ୍ତି ଅଛି "ହଁ" କିମ୍ବା "ନା ।" ଦେଖନ୍ତୁ, ସେ ନିଜକୁ କେଉଁଠାରେ ରଖିବାକୁ ଚାହୁଁଛନ୍ତି ଏହା ତାଙ୍କ ଉପରେ ନିର୍ଭର କରେ । ବୁଝିଲେ? ତେବେ ଆମେ ଏଠାରେ ସେହି ସର୍ପବଂଶକୁ ସ୍ପଷ୍ଟ ଭାବେ ଦେଖିପାରୁ, ଯେ ତାହା ଯେଉଁଠାରେ ଭିତରକୁ ଆସିଲା । ସେଠାରେ କେବଳ ଗୋଟିଏ ସ୍ଥାନ ଅଛି ଯେଉଁଠାକୁ ସେ ଯାଇପାରିଥିଲା । ଯଦି ତାହା ଏହାକୁ ସ୍ଥାପନ ନ କରେ, ତେବେ କେହି ଜଣେ ଅନ୍ଧ ଅଛି । ବୁଝିଲେ? ଦେଖନ୍ତୁ, ଏହାକୁ ତାହା ପାଖକୁ ଯିବାକୁ ହିଁ ଥିଲା ।

117 ଧ୍ୟାନ ଦିଅନ୍ତୁ, ସେହି କାରଣ ଯେଉଁଥିପାଇଁକି ପଶୁମାନେ ଏହା କରିପାରିବେ ନାହିଁ, ଏକ ମାଈ ପଶୁ, ସେମାନେ ମୂଳ ସୃଷ୍ଟିରେ ଥିଲେ । ମାତ୍ର ସେହି ନାରୀ ସେହି ମୂଳ ସୃଷ୍ଟିରେ ନ ଥିଲେ । ତେବେ ଆମେ ଏହାକୁ ଖୋଲିବା ପାଇଁ ଫେରିଯିବାକୁ ଯାଉଅଛୁ, ତାହାପରେ ଆପଣଙ୍କୁ ଠିକ୍ ଆଧୁନିକ ଦିନକୁ, ସେହି ନିୟମ ପାଖକୁ ଆଣିବାକୁ ଯାଉଅଛୁ ।

118 ସେ ହିଁ କେବଳ, ଏକାକୀ, ଅଶୁଚି ଏବଂ ଅପରିଷ୍କାର ଜୀବନ ପାଇଁ ପରିକଳ୍ପିତ ଅଟେ । ଗୋଟିଏ କୁକୁର ପାରେ ନାହିଁ, ଏବଂ ଅନ୍ୟ କୌଣସି ମାଈ କରିପାରେ ନାହିଁ । ଏହା ତ କେବଳ ସେହି ନାରୀ ହିଁ କରିପାରେ । ଗୋଟିଏ କୁକୁର କିମ୍ବା ଅନ୍ୟ କୌଣସି ପ୍ରାଣୀ, ବର୍ଷକୁ ଥରେ, ଆଉ ତାହା ପୁଣି ତାର ଛୁଆ ପାଇଁ; ଯୌନକ୍ରିୟା ଆନନ୍ଦ ପାଇଁ ନୁହେଁ, ବରଂ ତାର ଛୁଆମାନଙ୍କ ପାଇଁ । ସେହି ପୁରୁଣା ମାଈ ଘୁଷୁରୀ, ସେହି ପୁରୁଣା ମାଈ କୁକୁର, ବର୍ଷକୁ ଥରେ, ଗୋଟିଏ ମୁହୂର୍ତ୍ତ, ତାହା ତାର ଛୁଆମାନଙ୍କ ପାଇଁ । ମାତ୍ର ଜଣେ ସ୍ତ୍ରୀ ଯେକୌଣସି ସମୟ ପାଇଁ ଯେତେବେଳେ ସେ ଇଚ୍ଛା କରେ ପରିକଳ୍ପିତ ହୋଇଛି । ମୁଁ ବର୍ତ୍ତମାନ ଏଠାରେ କିଛି ବିଷୟଗୁଡ଼ିକୁ କାଟି ଦେଇଅଛି; ଆପଣ ବାକି ସବୁ କଳ୍ପନା କରିପାରନ୍ତି । ଗୋଟିଏ କୁକୁର କରିପାରେ ନାହିଁ; ନାରୀ

କରିପାରେ। ମୁଁ ଆଶା କରେ ଯେ ପବିତ୍ରଆତ୍ମା ଆପଣମାନଙ୍କୁ ଏହାର ବାକି ସବୁ ପ୍ରକାଶ କରନ୍ତି ଯାହାକି ମୁଁ ଏଠାରେ କାଟି ଦେଇଛି।

119 ସେହିଁ କେବଳ ଏକମାତ୍ର ଏପରି ପ୍ରଜାତି ଅଟେ, ମାଈ ପ୍ରଜାତି, ଯାହାକୁ ଅଣ୍ଡିରା ଅପେକ୍ଷା ଅଧିକ ସୁନ୍ଦର କରାଯାଇଅଛି। ଅନ୍ୟ କୌଣସି ପ୍ରାଣୀ ମଧ୍ୟରେ କୌଣସି ପ୍ରଜାତି ନାହିଁ। ପରମେଶ୍ୱରଙ୍କର ଅନ୍ୟ ସମସ୍ତ ପ୍ରାଣୀମାନେ ସୁନ୍ଦର ଅଣ୍ଡିରାମାନେ ଅଟନ୍ତି, ଯେପରିକି ପଶୁ, ପକ୍ଷୀ, ଓ ଇତ୍ୟାଦି ମାନଙ୍କରେ ଥାଏ, ସର୍ବଦା ଅଣ୍ଡିରା ହିଁ ସୁନ୍ଦର ଅଟେ।

120 ସେହି ବଡ ଅଣ୍ଡିରା ହରିଣକୁ ଦେଖନ୍ତୁ, ବଡ ବଡ଼ ସୁନ୍ଦର ଶିଙ୍ଗ, ମହାନ ପ୍ରଜାତି; ଏବଂ ସେହି ଛୋଟ, ନମ୍ର ମାଈ ହରିଣକୁ ଦେଖନ୍ତୁ। ସେହି ବଡ ଗଞ୍ଜାକୁ ତାର ସମସ୍ତ ସୁନ୍ଦର ପର ସହିତରେ ଦେଖନ୍ତୁ; ଏବଂ ସେହି ଛୋଟ, ବାଦାମୀ କୁକୁଡ଼ାକୁ ଦେଖନ୍ତୁ। ସେହି ପକ୍ଷୀମାନଙ୍କୁ, ସେହି କୁକୁଡ଼ା ଏବଂ ଗଞ୍ଜାକୁ ଦେଖନ୍ତୁ। କାହିଁକି? ପରମେଶ୍ୱରଙ୍କ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ, ଏହା କାହିଁକି ସେପରି ହେଲା? ପ୍ରତ୍ୟେକ ପ୍ରାଣୀରେ, ଅଣ୍ଡିରା ସବୁଠାରୁ ସୁନ୍ଦର ଥାଏ। ମେଣ୍ଢାମାନଙ୍କ ମଧ୍ୟରେ, ସେହି—ସେହି ଘୁଷୁରୀମାନଙ୍କ ମଧ୍ୟରେ, ଘୋଡାମାନଙ୍କ ମଧ୍ୟରେ, ଅନ୍ୟ କୌଣସି ପଶୁ ମଧ୍ୟରେ, ଏହା ସର୍ବଦା ସେହି ବଡ ଅଣ୍ଡିରା ଅଟେ ଯାହାକି ସୁନ୍ଦର ଥାଏ, ଏବଂ ପକ୍ଷୀମାନଙ୍କ ମଧ୍ୟରେ।

121 ମାତ୍ର ମାନବ ଜାତିରେ, ଏହା ସେହି ନାରୀ ଅଟେ ଯିଏକି ସୁନ୍ଦର ଥାଏ, ସେହି ପୁରୁଷ ନୁହେଁ; ଯଦି ପୁରୁଷ ଅଟନ୍ତି, ତାହାହେଲେ ସେଠାରେ କିଛି ଭୁଲ୍ ଅଛି, ସେଠାରେ କୌଣସି ସ୍ଥାନରେ ମିଶ୍ରିତ-ସଙ୍କର ବୀଜ ଅଛି। ମୂଳତଃ ଏହା ସେହିପରି ଅଟେ। କାହିଁକି? ଏହା କାହିଁକି କରାଗଲା? ଯେପରି ତାହା ଦ୍ୱାରା ପ୍ରତାରଣା କରାଯାଏ। ତାର ପରିକଳ୍ପକ, ଶୟତାନ, ମଧ୍ୟ, ଏବେ ସୁଦ୍ଧା ଏହି ଶେଷ ଦିନରେ, ତାହା ଉପରେ କାମ କରୁଛି।

122 ତେବେ ମୁଁ ଅଳ୍ପ ସମୟ ପାଇଁ କେବଳ ଏଠାରେ ଅଟକିଯାଏ। "ସୁନ୍ଦର!" କଅଣ ଆପଣ ଜାଣିଛନ୍ତି କି, ବିଶ୍ୱର, କିମ୍ବା ବିଶ୍ୱବ୍ୟାପୀ, ପ୍ରଥମ ବିନାଶବେଳେ, ଆନ୍ତର୍ଜାତୀୟ ସ୍ତରରେ, ତାହା ସୁନ୍ଦର ସ୍ତ୍ରୀଲୋକମାନଙ୍କ ଯୋଗୁଁ ହୋଇଥିଲା? "ଯେତେବେଳେ ପରମେଶ୍ୱରଙ୍କ ପୁତ୍ରମାନେ ମନୁଷ୍ୟର କନ୍ୟାମାନଙ୍କୁ ସୁନ୍ଦର ବୋଲି ଦେଖିଲେ, ସେମାନେ ସେହି କନ୍ୟାମାନଙ୍କୁ ନିଜ ସ୍ତ୍ରୀ ରୂପରେ ଗ୍ରହଣ କରି ନେଲେ।" କଅଣ ଏହା ଠିକ୍ ଅଟେ?

123 କଅଣ ଆପଣମାନେ ଏହି ଦିନରେ ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟରେ ବୃଦ୍ଧିକୁ ଲକ୍ଷ୍ୟ କରିଛନ୍ତି କି? ମୁଁ ପର୍ଲ୍ ଓ'ବ୍ରାୟନ୍‌ର ଚିତ୍ର ଦେଖିଛି, ଯାହାକି ଏକଦା, ଦେଶର ସବୁଠାରୁ ସୁନ୍ଦର ମହିଳା ବୋଲି ଅନୁମାନ କରାଯାଉଥିଲା। ଏହି ବିଦ୍ୟାଳୟରେ ଏପରି ଜଣେ ହେଲେ କେହି କିଶୋରୀ-ବୟସର ଝିଅ ନାହାଁନ୍ତି ମାତ୍ର ଯିଏକି ସୌନ୍ଦର୍ଯ୍ୟ ବିଷୟରେ, ତାଙ୍କଠୁଁ ଅଧିକା-ବଳକି ଯିବେ।

124 ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟର ବୃଦ୍ଧି ସେହି ପ୍ରତାରଣାର ସମୟକୁ ଦର୍ଶାଉଅଛି। ସେହି ମଣ୍ଡଳୀ ଆଜିର ଅପେକ୍ଷା ଆଉ ଅଧିକ ସୁନ୍ଦର କେବେ ଦେଖାଯାଇଥିଲା? ସବୁକିଛି ବିଷୟ ମହାନ

ଭାବରେ ବର୍ଣ୍ଣିତ ଅଟେ, ବଡ଼ ବଡ଼ ସୁନ୍ଦର ଭବନମାନ, ଏବଂ *ଏହା*ର ଲକ୍ଷ ଲକ୍ଷ ଏବଂ *ତାହା*ର ଲକ୍ଷ ଲକ୍ଷ ଅଟେ । କଅଣ ଆପଣ ଦେଖୁନାହାଁନ୍ତି କି, "ସେ ସ୍ତ୍ରୀ," ସେହି ପ୍ରତାରଣାକୁ!

125 ତେବେ, କେହି ନାହାଁନ୍ତି ଯିଏକି ତାହା ପରି ଏତେ ନିମ୍ନକୁ ଖସିପାରେ, ଏବଂ ସେ ଏହିପରି ଭାବରେ ପରିକଳ୍ପିତ ହୋଇଅଛି ଯେ ସେ ପ୍ରତାରଣା କରିପାରେ । ଏବଂ ଶୟତାନ ପ୍ରକୃତରେ ଆଜି ତାହା ଉପରେ କାମ କରୁଛି, ଏହି ଶେଷ ଦିନରେ, କାରଣ ସେ ତାର ପରିକଳ୍ପକ ଅଟେ । ମୁଁ ବର୍ତ୍ତମାନ ତାହାକୁ ପ୍ରମାଣ କରିପାରେ । ଆଦ୍ୟ ନିକଟକୁ ଠିକ୍ ଫେରିଯିବାର ଅଭିପ୍ରାୟ ହେଲା, କିଏ ତାହା ଉପରେ କାମ କରିବାକୁ ଲାଗିଲା, ଆଦମ କିମ୍ବା ଶୟତାନ, ପରମେଶ୍ୱର କିମ୍ବା ଶୟତାନ? ଦେଖନ୍ତୁ, ତାହା ହେଉଛି ତାର ପରିକଳ୍ପକ । ଗୋଟିଏ ପୁରୁଷକୁ ତାର ଅପରିଷ୍କାର ବିଷୟ ମଧ୍ୟକୁ ନିକ୍ଷେପ କରିବା ପାଇଁ ଏହା ହେଉଛି ତାର ମୁଖ୍ୟ ଅସ୍ତ୍ର, ଜଣେ ସୁନ୍ଦର ସ୍ତ୍ରୀଲୋକ ହୋଇଥିବାରୁ, ସେ ଯେପରି ଚାହେଁ ସେହିପରି ଗୋଟିଏ ପୁରୁଷକୁ ଯେକୌଣସି ଉପାୟରେ ହେଲେ ବୁଲାଇ ପାରେ । ଭାଇ, ଏହା ସେହି ମଦୁଆର ପାଦ ଗଣ୍ଠି ନୁହେଁ ଯାହାକି ପୁରୁଷକୁ ଅଧିକାର କରିଥାଏ; ତାହା ତ ରାସ୍ତାରେ ଚାଲି ଯାଉଥିବା ସେହି ସୁନ୍ଦର ସ୍ତ୍ରୀଲୋକ ଅଟେ, ଯିଏକି ଆପଣାକୁ ମୋଡି ହେଉଥାଏ, ଅଧା ପୋଷାକ ପିନ୍ଧିଥାଏ । ତାହା ହିଁ ଅଟେ ଯାହାକି... ଠିକ୍ ସେହିଠାରେ ହିଁ ସେହି ପ୍ରତାରକ ଅଟେ । ଏବଂ ସେ ଏହା ସହିତ ମାରାତ୍ମକ, ଅତ୍ୟନ୍ତ ମାରାତ୍ମକ ଅଟେ । ଶୟତାନ ତାର ପରିକଳ୍ପକ ହେବା ବିଷୟରେ ଆପଣ ମୋତେ ପ୍ରଶ୍ନ କରିପାରନ୍ତି, ମାତ୍ର ତାହା ସତ୍ୟ ଅଟେ । ଶୟତାନ ତାକୁ ପରିକଳ୍ପନା କରିଥିଲା । ସେ ଏବେବି ତାହା କରେ ।

126 ମୋତେ ଆପଣମାନଙ୍କୁ ଶାସ୍ତ୍ରରେ କିଛି ଦେଖାଇବାକୁ ଦିଅନ୍ତୁ । ମୋତେ ଆପଣମାନଙ୍କୁ ଶାସ୍ତ୍ର ନିକଟକୁ ଫେରାଇ ନେବାକୁ ଅଛି, ଏବଂ ଆପଣ ନିଜର ଅଭିମତକୁ ଗ୍ରହଣ କରନ୍ତୁ ଯେତେବେଳେ ଆପଣ ଏହାକୁ ଆଜି ଦେଖନ୍ତି ।

127 ଶୟତାନ ହିଁ ସେହି ଜଣକା ଅଟେ ଯିଏକି ସେପ୍ରକାରର ସୌନ୍ଦର୍ଯ୍ୟକୁ ପ୍ରଦର୍ଶିତ କରେ । ଯଦି ଆମେମାନେ ଧ୍ୟାନ ଦେବା, ସେ ସ୍ୱର୍ଗରେ ଥିବା ସମସ୍ତ ସ୍ୱର୍ଗଦୂତମାନଙ୍କ ମଧ୍ୟରୁ ସବୁଠାରୁ ସୁନ୍ଦର ଥିଲା । କଅଣ ଏହା ଠିକ୍? ଆଉ ସେ ଇଚ୍ଛା କଲା ଯେ ସ୍ୱର୍ଗକୁ ମିଖାଏଲର ରାଜ୍ୟ ଅପେକ୍ଷା ଏକ ଅଧିକ ସୁନ୍ଦର ସ୍ଥାନ କରିବ । କଅଣ ଏହା ଠିକ୍? ଆହୁରି ମଧ୍ୟ, ଏହା ଦେଖାଇବା ପାଇଁ ଯେ କୟିନ ତାଙ୍କର ପୁତ୍ର ଥିଲା, ସେ ଏକ ଅଧିକ ସୁନ୍ଦର ଉପାସନା ଅର୍ପଣ କଲା, ତାର ଯଜ୍ଞବେଦିକୁ ଫଳ ଏବଂ ଫୁଲରେ ସଜାଇଥିଲା । କଅଣ ଏହା ଠିକ୍? ସୁନ୍ଦର! ପାପ ସୁନ୍ଦର ଅଟେ, ଯାହାକୁ ଆମେ ଆଜି ସୌନ୍ଦର୍ଯ୍ୟ ବୋଲି କହିଥାଉ । ଏବଂ ସୌନ୍ଦର୍ଯ୍ୟ ଦ୍ୱାରା, ପାପ ପ୍ରତାରଣା କରେ । ଆପଣ କଦାପି ରାସ୍ତାରେ ଯାଉଥିବା ଜଣେ ସ୍ତ୍ରୀଲୋକଙ୍କୁ ଦେଖି ତାର ହୃଦୟରେ କଅଣ ଅଛି ତାହା କୁହନ୍ତି ନାହିଁ । ବୁଝିଲେ? ମାତ୍ର ମୁଁ ଏହିସବୁ ବିଷୟ କହିବାକୁ ଚାହିଁଲି ଯେପରିକି ଆପଣ ଏହା ଦେଖିପାରନ୍ତି ଯେ ଶୟତାନ କାହିଁକି ତାର ପରିକଳ୍ପକ ଅଟେ ।

ତାହା ଅବିକଳ ଠିକ୍ ଅଟେ, ତାର ନିଜର ପୁତ୍ର, କୟିନ ଏହାକୁ ପ୍ରମାଣ କଲା । ତେବେ, ସେ ସୁନ୍ଦର ଅଟେ ଯେପରିକି ସେ ପ୍ରତାରଣା କରିପାରେ ।

128 ଜଗତ ସୁନ୍ଦର ଅଟେ ଯେପରିକି ଏହା ପ୍ରତାରଣା କରିପାରେ । ମୋର ଅଭିପ୍ରାୟ *କସ୍ମୋସ୍,* ଯାହାର ଅର୍ଥ ଜଗତର ବ୍ୟବସ୍ଥା ଅଟେ । ଏହା ସୁନ୍ଦର ଅଟେ ଯେପରିକି ଏହା ପ୍ରତାରଣା କରିପାରେ, ବଡ଼ ବଡ଼ ଉତ୍ତମ ସ୍ଥାନ ଏବଂ ବିଳାସପୂର୍ଣ୍ଣ ।

129 ସେହି ଭବିଷ୍ୟଦ୍‌ବକ୍ତା, ଆମୋସକୁ ମନେ ଅଛି, ଯେତେବେଳେ ସେ ଏଠାକୁ ଆସିଲେ ଓ ତଳେ ନଗରକୁ ଅନାଇଲେ, ଏବଂ ଏହାକୁ ଏକ ଆଧୁନିକ ହଲିଉଡ ପରି ଦେଖିଲେ, ତାଙ୍କ ମୁହଁରେ ଝୁଲୁଥିବା ସେହି ଧୂସର ବାଳ ତଳେ, ତାଙ୍କର ଛୋଟ ଛୋଟ ବୃଦ୍ଧ ଆଖିଗୁଡିକ ସଙ୍କୁଚିତ ହୋଇଗଲା । ଆଉ ସେ ସେଠାକୁ ଏକ ବାର୍ତ୍ତା ସହିତରେ ଗଲେ, ଏବଂ ସେହି ସ୍ଥାନରେ ଏହାକୁ ବିସ୍ଫୋଟ କଲେ । ସେ କହିଲେ, "ସେହି ପରମେଶ୍ୱର ଯାହାକୁ ତୁମେମାନେ ସେବା କରୁଛ ବୋଲି ଦାବି କର, ସେ ତୁମମାନଙ୍କୁ ବିନାଶ କରିବେ!" ତାହା ଠିକ୍ ଅଟେ ।

130 ପାପ, ଏହା ବହୁତ ସୁନ୍ଦର ଅଟେ । ସେମାନେ ଯିହୁଦାକୁ ଏଠାରେ ରାସ୍ତାରେ ପଡ଼ି ରହିଥିବା କିଛି ପୁରୁଣା ମଦ୍ୟପ ଭାବରେ ଚିତ୍ରିତ କରନ୍ତି, ଏବଂ ଯାହାଙ୍କ ମୁହଁରେ ମାଛି ଉଡି ରହୁଥିଲା ଏବଂ ସେହିପରି ପ୍ରଭୃତି ଭାବରେ, ଯିହୂଦାକୁ । ଯିହୂଦା ସୁନ୍ଦର, ଶକ୍ତିଶାଳୀ ଥିଲେ, ଜଣେ ପ୍ରତାରଣାକାରୀ । ଏହା ସେହି ବ୍ୟକ୍ତି ନୁହଁନ୍ତି ଯିଏକି ଆପଣଙ୍କ ଚାରିପାଖରେ ଦେଖୁଥିବେ, ସେହି ଜଣେ ଲୋକ (ସେହି ବୃଦ୍ଧ କୃଷକ) ନୁହଁନ୍ତି ଯିଏକି ଆପଣଙ୍କର ପତ୍ନୀଙ୍କୁ ଦେଖିବା ପାଇଁ, ଏକ ଯୋଡ଼ି ଅଙ୍ଗରଖା କୋଟ ସହିତ ଆସନ୍ତି; ଏହା ତ ଅତ୍ୟଧିକ ଅସାଧୁ ଅଟେ, ସେ ତ ପାଜି ଅଟେ ।

131 ଜଗତର ଆଖି ପାଇଁ ପାପ ସୁନ୍ଦର ଅଟେ, ମାତ୍ର ପରମେଶ୍ୱର ସେହି ପ୍ରକାରର ସୌନ୍ଦର୍ଯ୍ୟରେ ଦେଖାଯାଆନ୍ତି ନାହିଁ । କଅଣ ଆପଣ ତାହା ଜାଣିଛନ୍ତି କି? ପରମେଶ୍ୱର ଚରିତ୍ରରେ, ସୁନ୍ଦର ଚରିତ୍ରରେ ଦେଖାଯାଆନ୍ତି ।

132 ବାଇବଲରେ, ଯିଶାଇୟ 53, ଯଦି ଆପଣ ସେହି ଶାସ୍ତ୍ରକୁ ଲେଖିବା ପାଇଁ ଚାହୁଁଛନ୍ତି । ଏହା ପାଇଁ ଏଠାରେ ପାର୍ଶ୍ୱରେ ଶାସ୍ତ୍ରଗୁଡିକ ଧାଡିରେ ଲେଖା ହୋଇଛି । ଯିଶାଇୟ 53, ବାଇବଲ ଆମ ପ୍ରଭୁ ଯୀଶୁଙ୍କ ବିଷୟରେ କୁହେ, "ଆମ୍ଭେମାନେ ଯେ ତାହାଙ୍କୁ ଶ୍ରଦ୍ଧା କରିବା ତାହାଙ୍କର ଏପରି ସୌନ୍ଦର୍ଯ୍ୟ ନାହିଁ । ଆଉ ଆମ୍ଭେମାନେ ତାହାଙ୍କଠାରୁ ମୁଖ ଆଚ୍ଛାଦନ କଲୁ ।" କଅଣ ଏହା ଠିକ୍? ଆମେ ତାହାଙ୍କୁ ଶ୍ରଦ୍ଧା କଲୁ ନାହୁଁ, କାରଣ ତାହାଙ୍କର କୌଣସି ରୂପ ନ ଥିଲା । ସେ ବୋଧହୁଏ ଏକ ସାନ ବ୍ୟକ୍ତି ଥିଲେ, କାନ୍ଧ-ଝୁଲି ପଡିଥିବା ସହ, ଈଶତ ରକ୍ତ-ବର୍ଣ୍ଣର ଦେଖାଯାଉଥିଲେ, ଏବଂ ତାହାଙ୍କର ଏକ ନେତା ହେବାର ଶୋଭା ନ ଥିଲା । ସେ ଜଣେ ନେତା ପରି ଦେଖାଯାଉ ନ ଥିଲେ । ସାଧାରଣ ରାସ୍ତାଘାଟରେ-କଥା ହେଉଥିବା ପରି କଥାବାର୍ତ୍ତା କରୁଥିଲେ, ଏବଂ ପ୍ରଭୃତି, ଯେପରିକି ଲୋକମାନେ, ସାଧାରଣ ଲୋକମାନେ କରିଥାନ୍ତି, ଏଣୁ ସେ ଏପରି ଦେଖାଯାଉ ନ ଥିଲେ ଯେ ସେ କୌଣସି ମହାନ ପଣ୍ଡିତ, ଶିକ୍ଷିତ,

ଉତ୍ତମ, ଭଲ ପୋଷାକ ପିନ୍ଧିଥିବା ଏବଂ ସବୁକିଛି ଥିଲେ । ସେ ତ କେବଳ ଜଣେ ସାଧାରଣ ମଣିଷ ଥିଲେ । "ତାହାଙ୍କର କୌଣସି ସୌନ୍ଦର୍ଯ୍ୟ ନ ଥିଲା, ଯେ ଆମେ ତାହାଙ୍କୁ ଶ୍ରଦ୍ଧା କରନ୍ତୁ ।" ସେ ମନୁଷ୍ୟମାନଙ୍କ ଭିତରେ ଏବଂ ମଧ୍ୟରେ, ଠିକ୍ ଚଲା ବୁଲା କଲେ, ତଥାପି ସୁଦ୍ଧା ସେମାନେ ଜାଣିଲେ ନାହିଁ ଯେ ସେ କିଏ ଥିଲେ । ସେ ଏପରି ଦେଖାଯାଉ ନ ଥିଲେ ଯେ କୌଣସି ଈଶ୍ୱର ଚାଲି ଯାଉଛନ୍ତି, ଯାହାକୁ ଆମେ ଜଣେ ଈଶ୍ୱର ବୋଲି ଭାବିବା । ମାତ୍ର, ସେ ସେହି ସମାନ, ହିଁ ଥିଲେ!

133 କଅଣ ଆପଣ ଧ୍ୟାନ ଦେଲେ କି ଯେତେବେଳେ ପ୍ରଭୁ ପରମେଶ୍ୱର ଶାମୁୟେଲଙ୍କୁ—ଙ୍କୁ କହିଥିଲେ, "ଯିଶୀଙ୍କ ଘରକୁ ଯାଅ ଏବଂ ତାଙ୍କର ପୁତ୍ରମାନଙ୍କ ମଧ୍ୟରୁ ଗୋଟିଏକୁ, ଶାଉଲଙ୍କ ସ୍ଥାନରେ, ରାଜା ରୂପେ ଅଭିଷେକ କର"?

134 ତେବେ, ଲୋକମାନେ ଶାଉଲଙ୍କୁ ବାଛିଥିଲେ, ଯେତେବେଳେକି ଶାମୁୟେଲ ସେମାନଙ୍କୁ ତାହା ଆଦୌ ନ କରିବାକୁ କହିଥିଲେ । ସେ କହିଲେ, "ପରମେଶ୍ୱର ଚାହାଁନ୍ତି ନାହିଁ ଯେ ତୁମର ଜଣେ ରାଜା ହେଉ; ସେ ତୁମର ରାଜା ଅଟନ୍ତି ।" ଏବଂ କହିଲେ, "କଅଣ ମୁଁ କେବେ ପ୍ରଭୁଙ୍କ ନାମରେ ତୁମକୁ ଏପରି କିଛି କହିଅଛି, ମାତ୍ର ଯାହା ଘଟି ନାହିଁ? କଅଣ ମୁଁ କେବେ ମୋର ଜୀବିକା ପାଇଁ, ତୁମକୁ ଟଙ୍କା କିମ୍ବା *ଅନ୍ୟ* କିଛି ମାଗିଅଛି କି?"

135 ସେମାନେ କହିଲେ, "ନା, ତୁମେ ଆମକୁ ଟଙ୍କା ପାଇଁ କେବେ ବି ଭିକ୍ଷା କରି ନାହଁ । ଆଉ ପ୍ରଭୁଙ୍କ ନାମରେ, ତୁମେ ଯାହା କହିଥିଲା, ତାହା ଘଟିଅଛି । ମାତ୍ର ଯାହା ବି ହେଉ, ଆମେ ରାଜା ଚାହୁଁଛୁ," ତେଣୁ ସେମାନେ ଶାଉଲଙ୍କୁ ବାଛିଲେ । ଦେଖନ୍ତୁ ଜଗତ କଅଣ ବାଛିଲା! ଦେଖନ୍ତୁ ଇସ୍ରାଏଲ କଅଣ ବାଛିଲା! ପରମେଶ୍ୱରଙ୍କ ଅଭିଷିକ୍ତ, ଇସ୍ରାଏଲ୍, ସେମାନେ ଏପରି ଜଣେ ବ୍ୟକ୍ତିଙ୍କୁ ବାଛିଲେ ଯିଏକି ଦେଶରେ ଯେକୌଣସି ବ୍ୟକ୍ତିଙ୍କ ଅପେକ୍ଷା ସ୍କନ୍ଧ ଉଚ୍ଚ ଥିଲେ; ମହାନ, ବଡ, ଉତ୍ତମ, ସୁନ୍ଦର ରୂପ-ଥିବା ବ୍ୟକ୍ତି ଥିଲେ, ମାତ୍ର ସେ ସର୍ବଦା କାମକୁ ଅସଫଳ କରୁଥିବା ବ୍ୟକ୍ତି ଥିଲେ ।

136 ମାତ୍ର ପରମେଶ୍ୱର କହିଲେ, "ମୁଁ ମୋର ମନ ମୁତାବକ ତୁମ ପାଇଁ ଜଣେ ରାଜା ବାଛିବାକୁ ଯାଉଅଛି ।" ତେଣୁ ସେ କହିଲେ, "ଶାମୁୟେଲ, ମୁଁ ତୁମକୁ କହିବାକୁ ଯାଉ ନାହିଁ ଯେ ସେ କିଏ, ମାତ୍ର ତୁମେ ସେଠାକୁ ଯାଅ । ସେ ଯିଶୀଙ୍କ ପୁତ୍ରମାନଙ୍କ ମଧ୍ୟରୁ ଜଣେ ।"

137 ଏବଂ ଯିଶୀ, ତାଙ୍କ ପତ୍ନୀ, ଏବଂ ସେମାନେ ସମସ୍ତେ ଚାରିଆଡେ ଅନାଇଲେ, କହିଲେ, "ହଁ, ଆମର ଜ୍ୟେଷ୍ଠ ପୁଅ, ସେ ଜଣେ ମହାନ୍, ଲମ୍ବା, ସୁନ୍ଦର ପୁରୁଷ, ସେ ରାଜାଙ୍କ ମୁକୁଟ ପାଇଁ ସମ୍ପୂର୍ଣ ଠିକ୍ ଦେଖାଯିବେ । ସେ କ୍ଷୀପ୍ର ବୁଦ୍ଧିବିଶିଷ୍ଟ । ସେ ଶିକ୍ଷିତ । ସେ ଜଣେ ଭଲ ବ୍ୟକ୍ତି । ମୁଁ ଜାଣେ ଯେ ସେ ଏକଦମ ଠିକ୍ ହେବେ । ସେ ତାଙ୍କ ଶବ୍ଦକୁ ସଠିକ୍ ଭାବରେ କୁହନ୍ତି ।"

138 ଯେତେବେଳେ ସେମାନେ ତାଙ୍କୁ ବାହାରକୁ ଆଣିଲେ, ଶାମୁୟେଲ ତୈଳ ଶୃଙ୍ଗ ନେଇ ତାଙ୍କ ଆଡକୁ ଗଲେ । ସେ କହିଲେ, "ନା, ପ୍ରଭୁ ତାଙ୍କୁ ଅଗ୍ରାହ୍ୟ କଲେ ।" ତେଣୁ ସେ ଗୋଟିଏ

ପରେ ଗୋଟିଏ, ସମସ୍ତ ଛଅଟି ପୁତ୍ରଙ୍କ ନିକଟକୁ ଗଲେ, ଏବଂ ପ୍ରଭୁ ସେମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଅଗ୍ରାହ୍ୟ କଲେ । ସେ କହିଲେ, "କଅଣ ଆଉ ଏକ ନାହିଁ କି?"

139 "ଓଃ," ସେ କହିଲେ, "ହଁ, ଗୋଟିଏ ଅଛି, ସେ ପଛ ପଟରେ ମେଣ୍ଢାପଲ ଜଗୁଅଛି । ସେ କେବଳ ସେଠାରେ ପଛ ପଟରେ ବସିଥାଏ ଓ ଗୀତ ବଜାଉଥାଏ, ଆଉ ତାହା ଗାଇଥାଏ, ଏବଂ ପାଟି କରିଥାଏ, ଓ ପ୍ରଭୃତି ସବୁ କରିଥାଏ । ମାତ୍ର, ସେ ଏକ ଛୋଟ କାନ୍ଧ ଝୁଲି ପଡିଥିବା, ଈଷତ୍ ରକ୍ତବର୍ଣ୍ଣ ଦେଖାଯାଉଥିବା ବାଳକ ଅଟେ, ସେ କଦାପି ଜଣେ ରାଜା ହେବ ନାହିଁ ।"

140 ସେ କହିଲେ, "ତାକୁ ଅଣାଅ ।" ଆଉ ଦାଉଦ ଯେତେବେଳେ ଭବିଷ୍ୟଦ୍‌ବକ୍ତାଙ୍କ ଦୃଷ୍ଟିଗୋଚରକୁ ଆସିଲେ, ସେହି ଭବିଷ୍ୟଦ୍‌ବକ୍ତା ତେଲ ସହିତ ଦୌଡ଼ିଗଲେ ଏବଂ ତାଙ୍କ ମସ୍ତକରେ ଢାଳିଦେଲେ, କହିଲେ, "ଏହି ହେଉଛନ୍ତି ପରମେଶ୍ୱରଙ୍କ ମନୋନୀତ ।" ସୁନ୍ଦର ନୁହେଁ; ମାତ୍ର ଚରିତ୍ର । ପରମେଶ୍ୱର ଚରିତ୍ରକୁ ଦେଖନ୍ତି ।

141 ମଣିଷ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦେଖେ। ଏହା ପ୍ରତାରଣାଦାୟକ ଅଟେ। ଏବଂ ସେଇଥିପାଇଁ ଜଣେ ସ୍ତ୍ରୀକୁ ସେହି ସୌନ୍ଦର୍ଯ୍ୟ, ପ୍ରତାରଣା ନିମନ୍ତେ, ପ୍ରତାରିତ କରିବା ପାଇଁ ଦିଆଯାଇଥିଲା । ଜଣେ ସୁନ୍ଦର ସ୍ତ୍ରୀ, ଯଦି ସେ ଏହାକୁ ସଠିକ୍ ଉପାୟରେ ବ୍ୟବହାର ନ କରେ, ତେବେ ଏହା ତାଙ୍କ ପାଇଁ ଏକ ଅଭିଶାପ ଅଟେ; ଯାହାକି ତାଙ୍କୁ ଅନ୍ୟ କିଛି ବିଷୟ ଅପେକ୍ଷା ଯାହା ବିଷୟରେକି ମୁଁ ଜାଣେ ଅତି ଶୀଘ୍ର ନର୍କକୁ ପ୍ରେରଣ କରିବ । ଯଦି ସେ କେବଳ…ଯଦି ସେ ସୁନ୍ଦର ରହିପାରେ, ନିଶ୍ଚିତରେ, ଯେପର୍ଯ୍ୟନ୍ତ ସେ ତାର ସ୍ୱାମୀ ସହିତ ରୁହେ ଏବଂ ତାହା କରେ ଯାହାକି ଠିକ୍ ଅଟେ, ଏବଂ ତାହା—ତାହା ଭଲ ଏବଂ ସବୁଠୁଁ ଉତ୍ତମ ଅଟେ । ମାତ୍ର ସେ ସେହି ସମାନ ଜିନିଷକୁ ନେଇପାରେ ଏବଂ, ମୋର ପ୍ରଭୁ, ସେ କିପରି ଏହା ସହିତ ପ୍ରତାରଣା କରିପାରେ, କାରଣ ତାହା କରିବା ପାଇଁ ତ ଏହା ତାଙ୍କୁ ଦିଆଯାଇଥିଲା ।

142 ଧ୍ୟାନ ଦିଅନ୍ତୁ, ତେବେ, ମାତ୍ର ପରମେଶ୍ୱର ଚରିତ୍ରରେ ବର୍ଣ୍ଣିତ ଅଟନ୍ତି। "କୌଣସି ସୌନ୍ଦର୍ଯ୍ୟ ନ ଥିଲା ଯେ ଆମେ ଯୀଶୁଙ୍କୁ ଶ୍ରଦ୍ଧା କରିଥାନ୍ତୁ," ମାତ୍ର ପୃଥିବୀରେ, ତାହାଙ୍କ ପରି ଏକ ଚରିତ୍ର କେବେବି ନ ଥିଲା ।

143 ତେବେ ଆମେ ପାଉ ଯେ, ଆଜି, ସେହି—ସେହି ମଣ୍ଡଳୀ ଚରିତ୍ର, ଶୟତାନ ଏବଂ ତାର ଗୋଷ୍ଠୀ, ବଡ଼, ବଡ଼ ସୁନ୍ଦର ମଣ୍ଡଳୀଗୁଡିକ, ସୁନ୍ଦର ଜିନିଷଗୁଡ଼ିକର ପଛରେ ଯାଆନ୍ତି । ତାହାହିଁ ଅଟେ ଯାହାକି ଆଜି ଜଗତ ଦେଖିଥାଏ । "ଓଃ, ଏହା ତ ପାଳକ, ସେହି *ଅମୁକ-ଓ-ଅମୁକ* ମହାନ ସମୟ, *ଅମୁକ-ଓ-ଅମୁକ* ଅଟନ୍ତି, ଯିଏକି ଏତେ ଯାଜକୀୟ ଏବଂ ଈଶ୍ୱରୀୟ ଅଟନ୍ତି, ବାହାରକୁ ଯାଆନ୍ତି, ଏହି ବଡ ଲମ୍ବା ପୋଷାକମାନ, ଏବଂ ସେହିପରି ଜିନିଷ ସବୁ ଅଟେ ।" ସେମାନେ ତାକୁ ସୌନ୍ଦର୍ଯ୍ୟ ବୋଲି କୁହନ୍ତି ।

144 ମାତ୍ର ପରମେଶ୍ୱରଙ୍କ ପ୍ରକୃତ ସାଧୁମାନେ ସୁପ୍ରମାଣିତ ବାକ୍ୟର ଚରିତ୍ରକୁ ଖୋଜନ୍ତି ।

145 ତାହାହିଁ ଅଟେ ଯାହାକି ସାଧୁମାନେ ସେହି ଦିନ କରିଥିଲେ, ଯେତେବେଳେ ସେମାନେ ଯୀଶୁଙ୍କୁ ଦେଖିଥିଲେ । ସେ ଏପରି ଦେଖାଯିବା ପରି କିଛି ନ ଥିଲେ, ମାତ୍ର ସେମାନେ ଦେଖିଲେ

ଯେ ପରମେଶ୍ୱର ତାହାଙ୍କଠାରେ ଅଛନ୍ତି । ସେମାନେ ଦେଖିଲେ ଯେ ପରମେଶ୍ୱର ତାହାଙ୍କ ସହିତରେ ଅଛନ୍ତି ।

146 ସେହିଭଳି ହିଁ ଅଟେ ଯେ କିପରି ସେମାନେ, ଯୋୟାବ ଏବଂ ସେହି ଚରିତ୍ରଗୁଡ଼ିକ ଦାଉଦଙ୍କ ସହିତରେ ଥିଲେ, ଯିଏକି ଜଣେ ବୃଦ୍ଧ ବ୍ୟକ୍ତି ଥିଲେ, ମାତ୍ର ସେମାନେ ତାଙ୍କ ଭିତରେ ଥିବା ସେହି—ସେହି ବ୍ୟକ୍ତିକୁ ଦେଖିଥିଲେ । ସେମାନେ ଦେଖିଲେ ଯେ ପରମେଶ୍ୱର ତାଙ୍କଠାରେ ଥିଲେ, ଏବଂ ସେମାନେ ଜାଣିଥିଲେ ଯେ ସେ ଦିନେ କ୍ଷମତାକୁ ଆସୁଛନ୍ତି । ସେମାନେ...ଜଣେ ସେମାନଙ୍କୁ, ଗୋଲିୟାତର ଅନ୍ୟ ପାଞ୍ଚ ଭାଇଙ୍କୁ ଏକା-କୀ ହତ୍ୟା କରିଥିଲା । ଜଣେ ତିନି ଶହ ଲୋକଙ୍କୁ ହତ୍ୟା କରିଥିଲା; ଯେତେବେଳ କେତେକ ସ୍ତ୍ରୀଲୋକମାନେ ରାତ୍ରି ଭୋଜନ ପାଇଁ କିଛି ଡାଲି ଗୋଟାଉଥିଲେ, ଏବଂ ସେନା ଚାଲି ଯାଇଥିଲା, ତେବେ ସେ ଏକ ବର୍ଚ୍ଛା ନେଇ ତିନି ଶହ ଲୋକ, ପଲେଷ୍ଟୀୟମାନଙ୍କୁ ହତ୍ୟା କରିଥିଲା । ଚରିତ୍ର! କାହିଁକି? ସେମାନେ ଠିକ୍ ଦାଉଦଙ୍କ ସହିତରେ ରହିଥିଲେ । ସେମାନେ ଜାଣିଥିଲେ ଯେ ଅଭିଷେକ ତାଙ୍କ ଉପରେ ଥିଲା, ଏବଂ ସେମାନେ ଜାଣିଥିଲେ ଯେ ସେ କ୍ଷମତାକୁ ଆସୁଛନ୍ତି ।

147 ଆଜିର ମଣ୍ଡଳୀର ଏକ ଶୁଦ୍ଧ ଚିତ୍ରଣ ଅଟେ ଯାହାକି ବାକ୍ୟ ସହିତରେ ଛିଡ଼ା ହେବା! ଆମେ ଜାଣୁ ଯେ ଏହା ପ୍ରମାଣିତ ହେବାକୁ ଯାଉଅଛି । ଆମେ ଜାଣୁ ଯେ ଦିନେ ଏହା କ୍ଷମତାକୁ ଆସୁଅଛି । ଯଦିଓ ଶାଉଲ...ଆଉ ସେ ଅନ୍ୟ ରାଷ୍ଟ୍ରମାନଙ୍କରୁ ଜଣେ ପଳାତକ ଥିଲେ, ମାତ୍ର ସେମାନେ ଜାଣିଥିଲେ ଯେ ସେ କ୍ଷମତାକୁ ଆସୁଛନ୍ତି । ଆମେ ଜାଣୁ ଯେ ସେ ମଧ୍ୟ, କ୍ଷମତାକୁ ଆସୁଛନ୍ତି, ତେଣୁ ଆମେ ସେହି ବାକ୍ୟକୁ ନେଉ ଏବଂ ଠିକ୍ ସେଠାରେ ଛିଡ଼ା ହୋଇଥାଉ, ଏହାର ମୂଲ୍ୟ ଯେତେ ହେଉନା କାହିଁକି । ଯଦି ଆମକୁ ପଲେଷ୍ଟୀୟମାନଙ୍କୁ କାଟିବାକୁ ପଡ଼େ, କିମ୍ବା ଏକ ଗର୍ତ୍ତରେ ଡେଇଁ ଗୋଟିଏ ସିଂହକୁ ମାରିବାକୁ ପଡ଼େ, ଯେପରିକି ଜଣେ କରିଥିଲେ, ଆମେ ଯେକୌଣସି ପ୍ରକାରେ ଯାଉ, 'କାରଣ ଏହା ସେହି...ତାହାକୁ ସେହି ପ୍ରକାରେ ହେବା ପାଇଁ ପରମେଶ୍ୱର ପରିକଳ୍ପନା କରିଥିଲେ । ଆମେ ଚରିତ୍ରକୁ ଖୋଜିଥାଉ ।

148 ଆପଣ ମୋତେ ବର୍ତ୍ତମାନ ପଚାରି ପାରନ୍ତି, "ସେ କାହିଁକି ତାଙ୍କୁ ସେହିପରି ପରିକଳ୍ପନା କରିବାକୁ ଅନୁମତି ଦେଲେ?" ମୁଁ ଅଧିକ ସମୟ ନେବାକୁ ଚାହେଁ ନାହିଁ, କାରଣ ମୋତେ ଏଠାରେ ବହୁତ କିଛି ଅଧିକ କହିବାକୁ ଅଛି । "କାହିଁକି," ତେବେ ସେଠାରେ ସେହି ପ୍ରଶ୍ନ ଉଠିପାରେ, "ପରମେଶ୍ୱର କାହିଁକି ଏହି ସ୍ତ୍ରୀକୁ ଏହିପରି ଭାବରେ ନିର୍ମାଣ କଲେ? ସେ ତାକୁ ସେହିପରି ହେବାକୁ କାହିଁକି ଅନୁମତି ଦେଲେ?" ଏହା ତାହାଙ୍କର ନିଜର ଉତ୍ତମ ଇଚ୍ଛାରେ ଥିଲା । ନିଶ୍ଚିତ ।

149 ତେବେ ଯଦି ଆପଣମାନେ ନିଜର ବାଇବଲକୁ ମାତ୍ର ଗୋଟିଏ ମିନିଟ୍ ପାଇଁ ଖୋଲିବାକୁ ଚାହିଁବେ, ତାହାହେଲେ ଆସନ୍ତୁ ରୋମୀୟ ୨ କୁ ଯିବା, ମାତ୍ର ଗୋଟିଏ ମିନିଟ୍, ଏବଂ ଆପଣମାନଙ୍କୁ କିଛି ଦେଖାଏ, ଯେ ପରମେଶ୍ୱର କିପରି ଏହିସବୁ ବିଷୟ କରନ୍ତି, ଯଦି ଆପଣ

ଏହାକୁ ପଢିବାକୁ—କୁ ଚାହିଁବେ । ଏବଂ ଆମେ ଏଠାରେ ଦେଖିପାରୁ ଯେ ପରମେଶ୍ୱର ନିଜ ଉତ୍ତମ ଇଚ୍ଛାରେ କଅଣ କରନ୍ତି । ରୋମୀୟ ୨:14 ।

*ତେବେ ଆମ୍ଭେମାନେ କଅଣ କହିବା?*

*ପରମେଶ୍ୱରଙ୍କଠାରେ କି ଅନ୍ୟାୟ ଅଛି?…*

150 ଯେତେବେଳେ ସେ ଏଷୌକୁ ବାଛିଲେ, କିମ୍ବା ଯାକୁବକୁ ବାଛିଲେ ଏବଂ ଏଷୌକୁ ଅଗ୍ରାହ୍ୟ କଲେ, ଏହା ପୂର୍ବରୁକି ଉଭୟ ବାଳକ ନିଜର, ପସନ୍ଦ କରିବାର ଏକ ଅଧିକାରକୁ ପାଇ ପାରନ୍ତେ, ସେମାନଙ୍କ ମଧ୍ୟରୁ କେହି ନ ଥିଲେ; ଏହା ପୂର୍ବେକି ସେମାନେ ଜନ୍ମ ହୁଅନ୍ତେ, ମାତାର ଗର୍ଭରେ ସୁଦ୍ଧା ଥାଇ, ପରମେଶ୍ୱର କହିଲେ, "ଆମ୍ଭେ ଏଷୌକୁ ଘୃଣା କରୁ ଏବଂ ଆମ୍ଭେ ଯାକୁବକୁ ପ୍ରେମ କରୁ ।" ବୁଝିଲେ? କାହିଁକି?

*କାରଣ ସେ ମୋଶାଙ୍କୁ କହନ୍ତି, ଯାହା ଉପରେ ଆମ୍ଭର ଦୟା ଅଛି, ତାହାକୁ ଆମ୍ଭେ ଦୟା କରିବା, ଆଉ ଯାହା ଉପରେ ଆମ୍ଭର କୃପା ଅଛି, ତାହାକୁ ଆମ୍ଭେ କୃପା କରିବା ।*

*ଅତଏବ ଯେ ଇଚ୍ଛା କରେ…କିମ୍ବା, ଯେ ଚେଷ୍ଟା କରେ…ତାହାଠାରୁ ଏହା ହୁଏ ନାହିଁ, ମାତ୍ର ଦୟାଳୁ ପରମେଶ୍ୱରଙ୍କଠାରୁ ହୁଏ ।*

*ଯେଣୁ ଶାସ୍ତ୍ର ଫାରୋଙ୍କୁ କହେ, ଆମ୍ଭେ ଯେପରି ତୁମ୍ଭଠାରେ ଆମ୍ଭର ଶକ୍ତି ଦେଖାଉ, ଆଉ ଯେପରି ସମସ୍ତ ପୃଥିବୀରେ ଆମ୍ଭର ନାମ ଘୋଷିତ ହୁଏ, ଏହି ଅଭିପ୍ରାୟରେ ତ ଆମ୍ଭେ ତୁମ୍ଭକୁ ଉତ୍ଥାପନ କଲୁ ।*

*ଅତଏବ ସେ…କରନ୍ତି (ତେବେ ଏଠାରେ ଦେଖନ୍ତୁ ।)…-ଏବ…ସେ ଯାହାକୁ ଇଚ୍ଛା କରନ୍ତି, ତାହାକୁ ଦୟା କରନ୍ତି, ପୁଣି ଯାହାକୁ ଇଚ୍ଛା କରନ୍ତି, ତାହାକୁ କଠିନ କରନ୍ତି ।*

*ଏଥିରେ ତୁମ୍ଭେ…ମୋତେ କହିବ, ତେବେ ସେ ଆଉ ଦୋଷ…ଧରନ୍ତି କାହିଁକି? କାରଣ ତାହାଙ୍କର ଇଚ୍ଛା କିଏ ପ୍ରତିରୋଧ କରିପାରେ?*

*କିନ୍ତୁ, ହେ ମନୁଷ୍ୟ, ତୁମ୍ଭେ କିଏ ଯେ ପରମେଶ୍ୱରଙ୍କ ପ୍ରତିବାଦ କର? ନିର୍ମିତ ବସ୍ତୁ କି ନିର୍ମାତାଙ୍କୁ କହିବ, ମୋତେ ଏପରି ଗଢିଲ କାହିଁକି?*

*କିମ୍ବା ଗୋଟିଏ ମାଟି ପିଣ୍ଡୁଳାରୁ ଗୋଟିଏ ପାତ୍ର ଆଦର ନିମନ୍ତେ ଓ ଅନ୍ୟଟି ଅନାଦର ନିମନ୍ତେ ଗଢିବା ପାଇଁ କି ମାଟି ଉପରେ କୁମ୍ଭକାରର ଅଧିକାର ନାହିଁ?*

*କିନ୍ତୁ ପରମେଶ୍ୱର, ଆପଣା କ୍ରୋଧ ପ୍ରଦର୍ଶନ କରିବା ନିମନ୍ତେ, ଓ ଆପଣା ଶକ୍ତି ଜ୍ଞାତ କରାଇବା ନିମନ୍ତେ ଇଚ୍ଛା କଲେ ସୁଦ୍ଧା, ଯଦି ବିନାଶାର୍ଥେ ପ୍ରସ୍ତୁତ ହୋଇଥିବା କ୍ରୋଧର ପାତ୍ରଗୁଡାକ ପ୍ରତି ଦୀର୍ଘସହିଷ୍ଣୁତା…ଧୈର୍ଯ୍ୟ ଧରିଅଛନ୍ତି:*

*...ଯଦି ଗୌରବ ନିମନ୍ତେ ତାହାଙ୍କ ଦ୍ୱାରା ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୟାର* ପାତ୍ର *ଯେ ଆମ୍ଭେମାନେ, ଆମ୍ଭମାନଙ୍କ ନିକଟରେ ଆପଣା ଗୌରବରୂପ ଧନ ପ୍ରକାଶ କରିବା ନିମନ୍ତେ ତାହା କରିଅଛନ୍ତି,*

151 ତେବେ କିଛି ସମୟ ତାହା ସହିତ ଯୁକ୍ତିତର୍କ କରନ୍ତୁ । ପରମେଶ୍ୱର ଏହା କଲେ! ତାହାଙ୍କୁ ଏହା ଏହି ଉପାୟରେ କରିବାକୁ ପଡିଲା । ଏହାକୁ ସେଠାରେ ରହିବାକୁ ଥିଲା । ତେବେ ଶୁଣନ୍ତୁ । ତେବେ ପ୍ରାୟଃ ପାଞ୍ଚ ମିନିଟ୍ ପାଇଁ, ମୁଁ ଆପଣଙ୍କର ଧ୍ୟାନକୁ କିଛି ବିଷୟଆଡକୁ ଆକର୍ଷିତ କରିବାକୁ ଚାହୁଁଛି ।

152 ପରମେଶ୍ୱର କଅଣ ଅଟନ୍ତି? ପରମେଶ୍ୱର ଏକ ମହାନ ଅନନ୍ତ ଅଟନ୍ତି । ଆଦ୍ୟରେ, ତାହାର ବହୁତ ପୂର୍ବରୁ କି ସେଠାରେ ଏକ ଆରମ୍ଭ ରହିଥାନ୍ତା, ସେ ପରମେଶ୍ୱର ସୁଦ୍ଧା ନ ଥିଲେ । କଅଣ ଆପଣ ତାହା ଜାଣିଛନ୍ତି? *ପରମେଶ୍ୱର* ଏକ "ଉପାସ୍ୟ ବସ୍ତୁ," ଅଟନ୍ତି ଏବଂ ତାହାଙ୍କୁ ଉପାସନା କରିବା ପାଇଁ କିଛି ହିଁ ନ ଥିଲା । ସେ ଏକାକୀ ରହୁଥିଲେ ।

153 ଏବଂ ତାହାଙ୍କଠାରେ ଗୁଣସକଳ ଥିଲା । ଏକ ଗୁଣ କଅଣ ଅଟେ? ଏକ ଚିନ୍ତା । ତେବେ ଆପଣ ଏପରି କିଛି ପାଇବେ ଯାହାକି ଆଜି ରାତି ପାଇଁ ସେହି ପାଠ୍ୟରେ ସୀମାବଦ୍ଧ ହେବ । ଧ୍ୟାନ ଦିଅନ୍ତୁ ଯେ, ସେ ତାହାଙ୍କର ଗୁଣସକଳ ଥିଲେ ଯାହା ତାହାଙ୍କଠାରେ ଥିଲା । ତେବେ, ପିତା ହେବା ଏହା ତାହାଙ୍କଠାରେ ଥିଲା, ପରମେଶ୍ୱର ହେବା ଏହା ତାହାଙ୍କଠାରେ ଥିଲା, ପୁତ୍ର ହେବା ଏହା ତାହାଙ୍କଠାରେ ଥିଲା, ତ୍ରାଣକର୍ତ୍ତା ହେବା ଏହା ତାହାଙ୍କଠାରେ ଥିଲା, ଆରୋଗ୍ୟକାରୀ ହେବା ଏହା ତାହାଙ୍କଠାରେ ଥିଲା । ଏବଂ ଏଠାରେ ଥିବା ଏହି ସମସ୍ତ ବିଷୟଗୁଡ଼ିକ କେବଳ ତାହାଙ୍କର ଗୁଣସକଳକୁ ପ୍ରଦର୍ଶନ କରୁଅଛି । କ୍ରମର ବାହାରେ କିଛି ହେଲେ ନାହିଁ । କଅଣ ଆପଣ ଭାବୁଛନ୍ତି ଯେ ପରମେଶ୍ୱର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖିନାହାଁନ୍ତି କି? ନିଶ୍ଚିତ ଭାବରେ, ସେ ଦେଖିଛନ୍ତି । କ୍ରମର ବାହାରେ କିଛି ହିଁ ନାହିଁ, ଏହା କେବଳ ତାହାଙ୍କର ଗୁଣସକଳକୁ ପ୍ରଦର୍ଶନ କରୁଅଛି ।

154 ତେବେ, ସେ *ଧାର୍ମିକ* ହୋଇ ଜଣେ ବ୍ୟକ୍ତିଙ୍କୁ ପତିତ କରାଇପାରିବେ ନାହିଁ । ତାହାଙ୍କୁ ତ ସେହି ବ୍ୟକ୍ତିଙ୍କୁ ତାର ପସନ୍ଦ କରିବା ପାଇଁ, ସ୍ୱାଧୀନ ନୈତିକ ମୂଲ୍ୟର କର୍ତ୍ତା ଭାବରେ, ସମାନ ଆଧାରରେ ରଖିବାକୁ ପଡିଥିଲା, ମାତ୍ର ଏହା ଜାଣି ସେ ପତିତ ହେବ ।

155 ତେବେ, ସେ ଜଣେ ତ୍ରାଣକର୍ତ୍ତା ହୋଇପାରନ୍ତି ନାହିଁ ଯେପର୍ଯ୍ୟନ୍ତକି କିଛି ବିଷୟ ନଷ୍ଟ ନ ହୁଏ । ସେ ଜଣେ ଆରୋଗ୍ୟକାରୀ ହୋଇପାରନ୍ତି ନାହିଁ ଯେପର୍ଯ୍ୟନ୍ତକି କିଛି ଅସୁସ୍ଥ ନ ହୁଏ । ଏହି ବିଷୟଗୁଡିକୁ ସେହିପରି ହେବାକୁ ପଡିଥିଲା । ପରମେଶ୍ୱର ସେମାନଙ୍କୁ ସେହିପରି ନିର୍ମାଣ କରିଥିଲେ ଯେପରିକି ତାହାଙ୍କର ମହାନ ଗୁଣସକଳ ପ୍ରଦର୍ଶିତ ହୋଇପାରେ । ଯଦି ତାହା ସେଠାରେ ସେପରି ନ ଥାନ୍ତା, ସେ କଦାପି ତ୍ରାଣକର୍ତ୍ତା ହୋଇ ନ ଥାନ୍ତେ । ମାତ୍ର ଆମେ ଜାଣୁ ଯେ ସେ ଥିଲେ, ଏପରିକି ଏହା ପୂର୍ବରୁ କି ସମୟ ରହିଥିଲା, ସେ ଜଣେ ତ୍ରାଣକର୍ତ୍ତା

ଥିଲେ । ସେ ଜଣେ ତ୍ରାଣକର୍ତ୍ତା ଥିଲେ, ତେଣୁ କିଛି ଗୋଟାଏ ନଷ୍ଟ ହେବାକୁ ଥିଲା । ଏହା କିପରି ହେବାକୁ ଯାଉଅଛି?

156 ଯଦି ସେ ଏହାକୁ ଗ୍ରହଣ କରି ହରାଇ ଦିଅନ୍ତି, କେବଳ ଏହାକୁ ରକ୍ଷା କରିବା ପାଇଁ, ତେବେ ଏହା ତାହାଙ୍କ ବିଚାର ପ୍ରତି ଯୁକ୍ତିଯୁକ୍ତ ନୁହେଁ । ସେ ଜଣେ ବ୍ୟକ୍ତିଙ୍କୁ ନର୍କକୁ ପଠାଇ, ଧାର୍ମିକ ହୋଇ ରହିପାରିବେ ନାହିଁ । ସେ ଦୟାଳୁ, ଭଦ୍ର, ସତ୍ୟ, ବିଶ୍ୱସ୍ତ ଅଟନ୍ତି, ଏବଂ ସେ ଜଣେ ମହାନ ବିଚାରପତି ଅଟନ୍ତି । ଦେଖନ୍ତୁ, ତେବେ ସେ ନିଜ ବିରୁଦ୍ଧରେ କାର୍ଯ୍ୟ କରିବା ପରି ହୋଇଯିବ ।

157 ତେଣୁ ତାହାଙ୍କୁ ଏଠାରେ ଜଣେ ବ୍ୟକ୍ତିଙ୍କୁ ରଖିବାକୁ ପଡିଥିଲା, ଏବଂ ତାକୁ ସ୍ୱାଧୀନ ନୈତିକ ମୂଲ୍ୟର କର୍ତ୍ତା କରିବାକୁ ପଡ଼ିଥିଲା, ଯେଣୁ ସେ କରିବ, ଏହା ଜାଣି, ଯେ ପତିତ ହେବ; ଏବଂ ସେହି ବ୍ୟକ୍ତି, ତାହାଙ୍କର ନିଜ ପ୍ରତିମୂର୍ତ୍ତିରେ, ସେ କିପରି ପତିତ ହୋଇପାରେ? ତେବେ କଅଣ ଆପଣ ଦିବାଲୋକ ଦେଖୁଛନ୍ତି? ତେଣୁ, ତାହାଙ୍କୁ ଏକ ଉପ-ଉତ୍ପାଦ ତିଆରି କରିବାକୁ ପଡିଲା, ମୂଳ ସୃଷ୍ଟିରୁ କିଛି ଗୋଟାଏ ବିଷୟ । ତେବେ ଆପଣ ଏହା ଦେଖୁଛନ୍ତି । ବୁଝିଲେ? ଆପଣ ସେଠାରେ ଆସନ୍ତି । ବୁଝିଲେ? ତାହାପରେ, ତାହା ହିଁ ଅଟେ ଯାହାକି ପତିତ ହେଲା । ସେ ଏହାକୁ ତିଆରି କଲେ, ଏହା ଜାଣି ଯେ ତାହା ପତିତ ହେବ । ଏବଂ ଏହାକୁ ଅନାଦରର ପାତ୍ର ହେବା ପାଇଁ, ଶୟତାନର ହାତରେ ଦେଇ ଦିଆଗଲା । ଆଜି ଆଦର କେଉଁଠାରେ ଦିଆ ଯାଇଅଛି? ଆପଣ ସେ ବିଷୟରେ ଚିନ୍ତା କରନ୍ତୁ । ତେବେ ଧ୍ୟାନ ସହକାରେ ଦେଖନ୍ତୁ ।

158 ତେବେ ପୁନର୍ବାର, ସେହି ସ୍ତ୍ରୀ କାହିଁକି ଏହିପରି ଭାବରେ ପରିକଳ୍ପିତ ହୋଇଥିଲେ ଏବଂ ଅନ୍ୟ ମାଈମାନଙ୍କ ପରି ନୁହେଁ, ସେହି ସ୍ତ୍ରୀ କାହିଁକି ଏହିପରି ଭାବରେ ପରିକଳ୍ପିତ ହୋଇଥିଲେ ଏବଂ ଅନ୍ୟ ମାଈମାନେ ନୁହଁନ୍ତି? ଅନ୍ୟ କୌଣସି ମାଈମାନେ ସେହିପରି ଭାବରେ ପରିକଳ୍ପିତ ହୋଇ ନ ଥିଲେ । ଆଜି, ସେମାନେ ନୁହଁନ୍ତି । ସେମାନେ ହୋଇପାରନ୍ତି ନାହିଁ । ସେହିପରି ଭାବରେ ତିଆରି ହୋଇନାହିଁ ବୋଲି, ସେ ତାହା କରିପାରିବ ନାହିଁ । ତେବେ ସେ କାହିଁକି ଏହି ନାରୀକୁ, ଅନ୍ୟ ମାଈମାନଙ୍କ ପରି, ଏକ ସ୍ତ୍ରୀ ଭାବରେ ତିଆରି କଲେ ନାହିଁ, ଯେପରିକି ସେ ଠିକ୍ ସେହି ସମାନ ଭାବରେ ରୁହନ୍ତା, କେବଳ ତାହାର ଶିଶୁମାନଙ୍କୁ ଦେଖାଶୁଣା କରିପାରନ୍ତା? ତା'ପରେ ସେ ତା'ର ସ୍ୱାମୀକୁ ଗ୍ରହଣ କରନ୍ତା ଏବଂ ରୁହନ୍ତା; ଏବଂ ଯେତେବେଳେ ତାର ଶିଶୁ କରିବାର ସମୟ ଆସନ୍ତା, ସେ ତାର ସନ୍ତାନକୁ ଜନ୍ମ ଦିଅନ୍ତା । ସେ ତାକୁ ଏପରି କାହିଁକି— କାହିଁକି କଲେ?

159 ମୁଁ ଏହି ଶବ୍ଦଗୁଡିକ କହିପାରେ ନାହିଁ । ଏବଂ ଆପଣମାନେ ବୁଝୁଛନ୍ତି ଯେ ମୁଁ କଅଣ କହୁଅଛି, କଅଣ ଆପଣ ନୁହଁନ୍ତି କି? ଯଦି ଆପଣ ବୁଝିପାରୁଛନ୍ତି, ତେବେ କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ହଁ । ବୁଝିଲେ? ଏଠାରେ ଯୁବା ଝିଅମାନେ, ଏବଂ ଯୁବା ପିଲାମାନେ ବସିଛନ୍ତି, ଦେଖନ୍ତୁ । ମାତ୍ର ଆପଣ ଜାଣନ୍ତି, ସେହି ପଶୁକୁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟକୁ ଆସିବାକୁ ଅଛି, ତା'ପରେ ତା'ର ସାଥୀ, ତେବେ ତାହାହିଁ ସବୁକିଛି ଅଟେ । ମାତ୍ର, ଜଣେ ସ୍ତ୍ରୀ, ଏହା ଯେକୌଣସି ସମୟରେ । ଏବଂ ସେ ତାକୁ ଏପରି କାହିଁକି କଲେ?

160 ତେବେ ତାହାଙ୍କର ମହାନ କାର୍ଯ୍ୟକ୍ରମକୁ ଉନ୍ମୋଚିତ ହେବାର ଦେଖନ୍ତୁ, ଯେତେବେଳେକି ଆମେମାନେ ବର୍ତ୍ତମାନ ଏହା ଦେଇ ଏଠାରେ ଗତି କରୁଅଛୁ, ଠିକ୍ ସେତିକି ସିଦ୍ଧ ଭାବରେ ଯେତିକି ତାହା ସିଦ୍ଧ ହୋଇପାରେ । ଅନ୍ୟ ଦିନ ପର୍ଯ୍ୟନ୍ତ ମୁଁ ଏହା ଜାଣି ନ ଥିଲି ।

161 କାହିଁକି ସେ ତାକୁ ତାହାଙ୍କର ଅନ୍ୟ ମାଈମାନଙ୍କ ପରି, ଆରମ୍ଭରେ ସେହିପରି କଲେ ନାହିଁ? କାରଣ ଏହା ତାହାଙ୍କ ପାଇଁ ଅସ୍ୱାଭାବିକ ହେବ । ସେ ସମସ୍ତ ଶୁଦ୍ଧତାର ନିର୍ଝର ଅଟନ୍ତି । ସେହି କାରଣରୁ ହିଁ ସେ ଶୟତାନକୁ ସେହି ସ୍ତ୍ରୀକୁ ଅଧିକାର କରିବା ପାଇଁ ଦେଲେ, ଯାହାକି ସେ ବିକୃତିରେ କରିଥିଲା । ଏହିପରି ଏକ ପ୍ରାଣୀ, ତାହାଙ୍କ ପାଇଁ ମୂଳତଃ ପରିକଳ୍ପନାରେ, ସ୍ୱାଭାବିକ ହେବ ନାହିଁ ।

162 ତାହାଙ୍କର ସମସ୍ତ କାର୍ଯ୍ୟ ଯାହା ସେ ମୂଳରେ, ପରିକଳ୍ପନା କରିଥିଲେ, ନିରନ୍ତରତାରେ ଅଛି । ତାହାଙ୍କର ସମସ୍ତ ମୂଳ କାର୍ଯ୍ୟଗୁଡ଼ିକ ନିରନ୍ତରତାରେ ଥିଲା । ସେହି ମାଈ କୁକୁର, ସେହି ଅଣ୍ଡିରା କୁକୁର; ଦେଖନ୍ତୁ, ମାଈ ଗାଈ, ସେହି ଅଣ୍ଡିରା ଗାଈ; ସବୁକିଛି ନିରନ୍ତରତାରେ ଅଛି । ସମସ୍ତ ପ୍ରକୃତି ନିରନ୍ତରତାରେ ଅଛି । ବୀଜ ମରିଯାଏ, ଭୂମିକୁ ଯାଏ; ମୃତ୍ୟୁ, ସମାଧି, ପୁନରୁତ୍‌ଥାନ ପରି । ସେହି ରସ ଗୋଟିଏ ଗଛରୁ ତଳକୁ ଚାଲିଯାଏ, ଏହାର ପତ୍ର ଝଡିଯାଏ, ପରବର୍ତ୍ତୀ ବର୍ଷ ଏକ ନୂତନ ପତ୍ରର ପୁନରୁତ୍‌ଥାନ ସହିତ ଫେରି ଆସେ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ପରମେଶ୍ୱରଙ୍କ, ସମସ୍ତ ବିଷୟ, ଏପରିକି ପ୍ରକୃତି, ସବୁକିଛି ଏକ ନିରନ୍ତରତାରେ, ଐକ୍ୟତାରେ ଅଛି; ଏବଂ ଏଠାରେ ଜଣେ ଅଛି ଯିଏକି ପରମେଶ୍ୱରଙ୍କ ନିରନ୍ତରତା ମଧ୍ୟରୁ ବାହାରେ ଅଟେ । ପ୍ରକୃତି ଏହିପରି ପରିକଳ୍ପିତ ହୋଇଅଛି ଯେ ଏହା ପାପ କରିପାରେ ନାହିଁ । ଚିନ୍ତା କରନ୍ତୁ! ପରମେଶ୍ୱରଙ୍କ, ମୂଳ ସୃଷ୍ଟି, ପାପ କରିପାରିବ ନାହିଁ ।

163 ଓଃ, କଅଣ ଆପଣମାନେ ବର୍ତ୍ତମାନ ଏଠାରେ ଏହି ଦୃଶ୍ୟରେ ଏହାକୁ, ମଣ୍ଡଳୀର ବିକୃତିକୁ ଦେଖୁ ନାହାଁନ୍ତି? ସେହି ମୂଳ ହେଉଛି ପରମେଶ୍ୱରଙ୍କ ବାକ୍ୟ! ପରମେଶ୍ୱରଙ୍କଠାରେ କୌଣସି ପାପ ନାହିଁ । ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ଏଠାରେ ଏକ ପ୍ରାଣୀ ଅଛି ଯାହାକି ଏକ ବିକୃତତା ଦ୍ୱାରା ଅସ୍ତିତ୍ୱକୁ ଆସିଲା । ପରମେଶ୍ୱର ଏକ ମଣ୍ଡଳୀ କରିବାକୁ ଯାଉଅଛନ୍ତି, ମାତ୍ର ଏହି ବିକୃତ ବିଷୟକୁ ଦେଖନ୍ତୁ ଯାହାକି ସେମାନଙ୍କ ପାଖରେ ଏଠାରେ ଅଛି ।

164 ପରମେଶ୍ୱରଙ୍କ ପାଖରେ ଅଣ୍ଡିରା ଏବଂ ମାଈ ଅଛନ୍ତି । ମାତ୍ର, ଏହି ସ୍ତ୍ରୀ, ଦେଖନ୍ତୁ, ଯେ ଏହାର ସେହି ଲକ୍ଷଣଗୁଡିକ ଠିକ୍ ଏହା ଦର୍ଶାଇଥାଏ ଯେ ପରମେଶ୍ୱରଙ୍କ ମନରେ କଅଣ ଥିଲା । ଆମେମାନେ ଗୋଟିଏ ଘଣ୍ଟା, କିମ୍ବା ଦୁଇ ଘଣ୍ଟା ନେଇପାରିବା, ଏବଂ ତାହାକୁ ଭାଙ୍ଗି ପାରିବା । ସେ...ଏହି ପ୍ରାଣୀକୁ ସେହି ଉଦ୍ଦେଶ୍ୟରେ ନିର୍ମାଣ କରିଥିଲେ, ସେ ପ୍ରାଣୀଟିକୁ ନିର୍ମାଣ କଲେ ଏବଂ ହୁଗୁଳା ଛାଡ଼ି ଦେଲେ ଯେପରିକି ଶୟତାନ ତାକୁ ଧରି ପାରିଥିଲା, ଏବଂ ସେ ତାହା କଲା । ସେ ଏବେ ମଧ୍ୟ ତାକୁ ଧରିଅଛି । ଭଲ ହୋଇଥାନ୍ତା ଯେ ସେ ମଧ୍ୟ, ପୁରୁଷ ପରି, କ୍ରୁଶ ନିକଟକୁ ଦୌଡି ପଳାଇ ଯାଇଥାନ୍ତା ।

165 ଧ୍ୟାନ ଦିଅନ୍ତୁ, ଯେ ସମସ୍ତ ପ୍ରକୃତି ନିରନ୍ତରତାରେ ଗତି କରିଥାଏ । ଯଦି ସେ ସ୍ତ୍ରୀକୁ ସେହି ସମାନ ମୂଳ ସୃଷ୍ଟିରେ ତିଆରି କରିଥାନ୍ତେ, ତେବେ କୌଣସି ପାପ ନ ଥାଆନ୍ତା, କାରଣ ସେହି ସ୍ତ୍ରୀ ଏହା କରିପାରି ନ ଥାଆନ୍ତା, ସେ ଏହା କରିପାରି ନ ଥାଆନ୍ତା । ସେ ମୂଳ ସୃଷ୍ଟିର ଏକ ବିକୃତି ଅଟେ ।

166 ସେହିପରି ସମସ୍ତ ପାପ ହେଉଛି ପ୍ରକୃତ ସତ୍ୟର ଏକ ବିକୃତି! ମିଥ୍ୟା କଅଣ ଅଟେ? ସତ୍ୟର ବିକୃତି । ବ୍ୟଭିଚାର କଅଣ? ସଠିକ୍ କାର୍ଯ୍ୟର ବିକୃତି । ତେଣୁ ସେଠାରେ ସେହି ବିକୃତ ପ୍ରାଣୀ ଅଟେ, ସେଠାରେ ସେହି ବିକୃତ ସମ୍ପୂର୍ଣ୍ଣ ବିଷୟ ଅଟେ । ଏବଂ ସମଗ୍ର ବିଷୟଟି ପାପ ବନାନ କରାଯାଏ, ଯାହାକି ଠିକ୍ ସେହିଠାରେ ପଡ଼ି ରହିଅଛି । ସେଥିପାଇଁ ପ୍ରଶ୍ନଟି ବହୁତ ବଡ଼ ଅଟେ ।

167 ମଣିଷକୁ ପ୍ରତାରଣା କରିବା ପାଇଁ, ଜଣେ ମନୁଷ୍ୟରୁ ନିର୍ମିତ, କେବଳ ଗୋଟିଏ ଖଣ୍ଡ, ଟୁକୁରା; ପରମେଶ୍ୱର ଏହାକୁ ନିର୍ମାଣ କଲେ, ଠିକ୍ ଏଠାରେ ଏହାକୁ ପ୍ରମାଣିତ କରିଅଛୁ । ତାହାହିଁ ଅଟେ ଯେଉଁଥିପାଇଁ ସେହି ସ୍ତ୍ରୀ ତିଆରି କରାଯାଇଥିଲେ ।

168 ଜଣେ ଅନୈତିକ ସ୍ତ୍ରୀଲୋକ ପୃଥିବୀର ସବୁଠୁଁ ନିମ୍ନ ବସ୍ତୁ ଅଟେ, ଯାହାକି ଚିନ୍ତା କରାଯାଇପାରେ । ଯୁବା ମହିଳାମାନେ, ଏହାକୁ କ୍ଷମା କରନ୍ତୁ । ସେ ଆଉ କିଛି ନୁହେଁ ବରଂ କେବଳ ଏକ ମାନବ ଅଳିଆ ଗଦା, ଏକ ଯୌନ ଅନାବରଣର ବିଷୟ । ତାହାହିଁ ସେ ସବୁକିଛି ଅଟେ, ଜଣେ ଅନୈତିକ ସ୍ତ୍ରୀ, ଏକ ମାନବୀୟ ଯୌନ ଅଳିଆ ଗଦା, ଏକ ପ୍ରଦୂଷଣ, ଯେଉଁଠାରେକି ଅପରିଷ୍କାର, ମଇଳା, ବିରକ୍ତିକର, ନିମ୍ନ-ସ୍ତରର ଆବର୍ଜନା ତା ଦ୍ୱାରା ନିଷ୍କାସିତ ହୁଏ । ସେ କଅଣ ପାଇଁ ଏହିପରି ତିଆରି ହୋଇଛି? ପ୍ରତାରଣା ପାଇଁ । ପୃଥିବୀରେ ରହିଥିବା କଦାଚିତ୍ ପ୍ରତ୍ୟେକ ପାପ ଜଣେ ସ୍ତ୍ରୀଲୋକ ଦ୍ୱାରା ଘଟିଥିଲା ।

169 ଏବଂ ବର୍ତ୍ତମାନ ହିଁ ଶିକାଗୋରୁ ଜଣେ ବିଶ୍ଳେଷକ, ଜଣେ—ଜଣେ ମହିଳା ଏହି ବିବୃତ୍ତିକୁ ଲେଖିଥିଲେ, ସେହି ପୋଲିସ୍ ଦଳ, ଯିଏକି ଯୁକ୍ତରାଷ୍ଟ୍ରରେ, ଯୁକ୍ତରାଷ୍ଟ୍ରର ମହାନଗରରେ, ସେମାନେ ପିଛା କରନ୍ତି, ଯେ, "ଯୁକ୍ତରାଷ୍ଟ୍ରରେ, ଯେକୌଣସି ରୂପରେ କରାଯାଇଥିବା ପ୍ରତ୍ୟେକ ଅପରାଧର ଅଠା-ନବେ ପ୍ରତିଶତ, ଏଥିରେ ଜଣେ ମହିଳା ସଂଲଗ୍ନ ଅଟନ୍ତି କିମ୍ବା ଏହା ପଛରେ ଥାଆନ୍ତି ।"

170 ତେବେ ମୁଁ ଏହାସବୁ ଏଇଥିପାଇଁ କହୁଅଛି, ଯେ ଶେଷରେ ଏଠାରେ ଗୋଟିଏ ବିଷୟ ନିକଟକୁ ଆସିପାରେ, ଯେପରିକି ଆପଣମାନେ ଏହା ଦେଖିପାରନ୍ତି ଯେ ମାମଲାଟି କଅଣ ଅଟେ ।

171 ସେ ପ୍ରତାରଣା କରିବା ନିମନ୍ତେ ତିଆରି ହୋଇଥିଲେ, ଯେପରିକି ଆରମ୍ଭରେ ସେ ଆଦମଙ୍କୁ କରିଥିଲେ, ତାଙ୍କୁ କହିଥିଲେ ଯେ ଫଳଟି ସୁଖଦ ଥିଲା, ଏବଂ ଇତ୍ୟାଦି, ତାଙ୍କୁ ପ୍ରତାରଣା କରିବା ପାଇଁ ଏବଂ ତାଙ୍କୁ ବାକ୍ୟରୁ ଦୂରେଇ ନେବା ପାଇଁ । ଠିକ୍ ସେହିପରି ଭାବରେ ମଣ୍ଡଳୀ ଆଜି କରେ, ସେହି ସମାନ ବିଷୟ ।

ମାତ୍ର ତେବେ, ତାହାପରେ, ସେ ତାହା ଉପରେ କର୍ତ୍ତୃତ୍ୱ କରିବାକୁ, ତାର ଶାସକ ହେଲେ ।

172 ତେବେ ଏହି ଦିନରେ, ଗର୍ଭଧାରଣର ଏହି ଦିନରେ ତାହା କି ଏକ ପାର୍ଥକ୍ୟ ଅଟେ । ସେ ସେହି ସ୍ତ୍ରୀର ଶାସକ ହେବା ପରିବର୍ତ୍ତେ, ସେହି ସ୍ତ୍ରୀ ତାର ଈଶ୍ୱର ହୋଇଯାଇଛି । ନିଶ୍ଚିତରେ, ସେହି ସ୍ତ୍ରୀ ତାକୁ ଶାସନ କରେ । ବର୍ତ୍ତମାନ ଆପଣ ବୋଧହୁଏ ଭଲ ଭାବରେ ବୁଝିପାରିବେ ଯାହା ଉପରେ ମୁଁ ଆଘାତ କରି ଆସୁଛି । ତା'ର ସୌନ୍ଦର୍ଯ୍ୟ ଏବଂ ତା'ର ଯୌନ ନିୟନ୍ତ୍ରଣ ଦ୍ୱାରା, ତା'ର ଆକୃତି ଯାହା ତାକୁ ଶୟତାନ ଦ୍ୱାରା ଦିଆଯାଇଥିଲା, ସେହି ଉପ-ଉତ୍ପାଦ ଯାହା ଶୟତାନ କରିଥିଲା, ତାକୁ ପରମେଶ୍ୱରଙ୍କ ପୁତ୍ରମାନଙ୍କୁ ପ୍ରତାରଣା କରିବା ପାଇଁ ପଠାଯାଇଅଛି । ଏବଂ ଶୟତାନ ପାଖରେ ଥିବା ଅନ୍ୟ କୌଣସି ଅସ୍ତ୍ର ଅପେକ୍ଷା ସେହି ସ୍ତ୍ରୀ ସେମାନଙ୍କ ମଧ୍ୟରୁ ଅଧିକକୁ ନର୍କକୁ ପଠାଇପାରେ । ତାହା ଅବିକଳ ଠିକ୍ ଅଟେ ।

173 ମୁଁ ବର୍ତ୍ତମାନ ଅନୈତିକ ବିଷୟରେ କହୁଅଛି, ଆପଣ ଭଉଣୀମାନଙ୍କ ବିଷୟରେ ନୁହେଁ । ଆମେ ଆପଣଙ୍କୁ ଆପଣଙ୍କର ସ୍ଥାନ, ଯଥା ସ୍ଥାନ, କିଛି ମିନିଟରେ, ଏଠାରେ ପରମେଶ୍ୱରଙ୍କ ବାକ୍ୟରେ ଦେବୁ । ଏହା ଆରମ୍ଭ—ଆରମ୍ଭରୁ ପରମେଶ୍ୱରଙ୍କ ଯୋଜନାରେ ଥିଲା ।

174 ତେବେ ଆଜି ଏହା କରିବା ପାଇଁ, ଆମେରିକାର ଈଶ୍ୱର କଅଣ? କଅଣ ଆପଣମାନଙ୍କର ମନେ ଅଛି ଯେ ଅନେକ ବର୍ଷ ପୂର୍ବରୁ ଆରାଧନାଳୟରେ, ମୁଁ ତାହା ଉପରେ ପ୍ରଚାର କରିଥିଲି? ଏହି ଆଧୁନିକ ଦିନର ଈଶ୍ୱର, ମେକ୍-ଅପ ଲଗାଇ ସେଠାରେ ବସିଥିବା ଜଣେ ସାନ ଆଧୁନିକ ରଙ୍ଗ ଢଙ୍ଗର ମହିଳା, ଏବଂ ପୋଷାକଟି ତାର ଆଣ୍ଠୁ ଉପରେ ଟାଣି ହୋଇ ରହିଥିଲା, ଏବଂ ସେହିପରି ବିଷୟ ପ୍ରଭୃତି । ମୁଁ କହିଲି, "ଦେଖ ତୁମର ଈଶ୍ୱର!" ଏବଂ ତାହା ଠିକ୍, ସେ ପ୍ରତ୍ୟେକ ବିଜ୍ଞାପନରେ ଅଛି, ଅଧା ଉଲଗ୍ନ । ସେ ରାସ୍ତାରେ, ସେହି ସମାନ ଭାବରେ ଅଛି ।

175 ଯୀଶୁ କହିଲେ, "ଆଦ୍ୟରୁ ହିଁ," ଏହା ଶୟତାନର ଏକ ଉପକରଣ ଅଟେ । ବୁଝିଲେ? ଆମେ ଦେଖୁ ଯେ ବର୍ତ୍ତମାନ ଏହା ସେହିପରି ଅଟେ, ଏବଂ "ଆଦ୍ୟରୁ," ଏବଂ ସେ ଯାହା ବିଷୟରେ କହୁଛନ୍ତି ।

176 ତେବେ, ପ୍ରତିମା ପୂଜକମାନେ ତାକୁ ଏକ ଈଶ୍ୱର ଭାବରେ ଉପସ୍ଥାପିତ କରୁଥିଲେ, (କଅଣ ଆପଣମାନେ ତାହା ଜାଣନ୍ତି?) ଏକ ଦେବୀ ଭାବରେ । ନିଶ୍ଚିତରେ । ସେମାନେ ତାକୁ ଏକ ଦେବୀ କରିଥାନ୍ତି, କାରଣ ସେମାନଙ୍କର ଉପାସନାରେ ସେମାନେ ଯୌନ କ୍ରିୟାମାନ ରଖିଥିଲେ । ସେମାନେ ଦାବି କରନ୍ତି ଯେ, "ସେ ସୃଷ୍ଟିକର୍ତ୍ତା ଅଟନ୍ତି । ସେ ନିଜ ଗର୍ଭରେ ବୀଜ ବହନ କରିଥିଲେ ଏବଂ ସୃଷ୍ଟି କଲେ ।" ତାହା ଏକ ମିଥ୍ୟା ଅଟେ । କେବଳ ଜଣେ ହିଁ ସୃଷ୍ଟିକର୍ତ୍ତା ଅଛନ୍ତି, ସେ ହେଲେ ପରମେଶ୍ୱର । ମାତ୍ର କଅଣ ଆପଣମାନଙ୍କୁ ସେଠାରେ ପାଉଲଙ୍କୁ ମନେ ଅଛି କି? "ଏଫିସର, ଡାଏନା," ଏକ ପଥରର ପ୍ରତିମା, କହିଲେ, "ସ୍ୱର୍ଗର ଦେବୀ, ତଳେ ନିକ୍ଷେପ କରାଗଲେ ।" କଅଣ ଆପଣ ଦେଖୁନାହାଁନ୍ତି ଯେ ପ୍ରତିମା ପୂଜା କିପରି ହୁଏ?

177 ଏବଂ ଆମ୍ଭେମାନେ, ଏହା ନ ଜାଣି, ପୁଣିଥରେ ସୀଧା ସଳଖ ସେହି ପ୍ରତିମା ପୂଜା ନିକଟକୁ, ସ୍ତ୍ରୀମାନଙ୍କ ପାଖକୁ ଫେରି ଯାଉଅଛୁ, ପୃଥିବୀରେ ଥିବା ସବୁଠୁଁ ନିମ୍ନ ଶ୍ରେଣୀର ପ୍ରାଣୀ, ନାରୀ-ଉପାସନା! ସେ ପୁରୁଷକୁ ଯେପରି ଇଚ୍ଛା କରେ ସେପରି ଭାବରେ କୌଣସି ଉପାୟରେ ଘୂରାଇ ଦେବ । ଏବଂ ଏହା ନ ଜାଣି, ସମସ୍ତ ସୌନ୍ଦର୍ଯ୍ୟ ବାହାରେ ଥାଏ, ସେହି ନର୍କ ଭିତରେ ଥାଏ । ଶଲୋମନ କହିଲେ, “ତାର, ତାର ଫାଟକମାନ ନରକର ଦ୍ୱାର ଅଟେ ।”

178 ତେବେ ଆମେ ଏଠାରେ ସ୍ପଷ୍ଟ ଭାବରେ ଦେଖୁଛୁ ଯେ ପ୍ରକାଶିତ ବାକ୍ୟ, 2ୟ ପର୍ବ ଏବଂ ତାର 15ଶ ପଦରେ ଯୀଶୁ ଯାହା କହିଥିଲେ, ନିକଲାତୀୟ ମତବାଦ ବିଷୟରେ, ସେହି ମଣ୍ଡଳୀର ଆଗମନ ବିଷୟରେ ଯିଏକି ନିଜକୁ ବାକ୍ୟଠାରୁ ଦୂରେଇ ନେଇ ଯାଉଅଛି ।

179 ଆହୁରି ମଧ୍ୟ ଆମେ ଏଠାରେ, ସ୍ପଷ୍ଟ ଭାବରେ, ଏହି ଅଶ୍ଳୀଳ, ଅଧାର୍ମିକ, ମନ୍ଦ କାର୍ଯ୍ୟକ୍ରମଗୁଡିକ ଯାହାକି ଆମର ଟେଲିଭିଜନରେ ଆସିଥାଏ, ହଲିଉଡ ସିନେମା ଜଗତର କାମାସକ୍ତ ରାଣୀମାନଙ୍କୁ ଦେଖିପାରୁ । ଆମେ ଏହି ସହରର ଅପରିଷ୍କାରିତା ଦେଖିପାରୁ, ଯେପରିକି ଏହି ସାନ ପିଲାମାନେ, ଛୋଟ ବୟସର ଝିଅମାନେ ଏଠାରେ ରାସ୍ତାରେ ଉପର-ଓ-ତଳକୁ ଚାଲୁଥାନ୍ତି, ଛୋଟ ଛୋଟ, ଚିପା ପୋଷାକଗୁଡିକ ସହିତରେ, ଚାରିପାଖରେ ମୋଡ଼ି ହୋଇ, ଏବଂ ଏହା ସେମାନଙ୍କୁ ବରଫ ଭଳି ଜମେଇ ଦେଇ ମାରିବା ପାଇଁ ଯଥେଷ୍ଟ ଥଣ୍ଡା ଅଟେ । ସେମାନେ ଜାଣନ୍ତି ନାହିଁ ଯେ ତାହା ତ ଶୟତାନ ଏହା କରୁଛି । ସେମାନେ ଏକ ମନ୍ଦ ଆତ୍ମାରେ ଗ୍ରସିତ ଅଟନ୍ତି, ଏବଂ ଏହା ଜାଣନ୍ତି ନାହିଁ! ଆପଣ ଜଣେ ମାଈ କୁକୁରକୁ ତାହା କରୁଥିବାର ଦେଖନ୍ତି ନାହିଁ, କଅଣ ଦେଖନ୍ତି କି? ଆପଣ ଅନ୍ୟ କୌଣସି ମାଈ ପ୍ରାଣୀକୁ ତାହା କରୁଥିବାର ଦେଖନ୍ତି ନାହିଁ, ଏବଂ ଉତ୍ତମ ଯେ ଏପରିକି ଅନ୍ୟ କୌଣସି ଅଣ୍ଡିରା ପ୍ରାଣୀ ମଧ୍ୟ, ତା ନିକଟକୁ ଚାଲିକି ନ ଯାଏ ।

180 ଦେଖନ୍ତୁ, ତେବେ କଅଣ ଆପଣ ସେହି ଚିତ୍ରକୁ ପାଇଲେ? ପ୍ରଭୁଙ୍କ ଇଚ୍ଛା ହେଲେ, ଆମେ ଅଳ୍ପ କ୍ଷଣ ମଧ୍ୟରେ କିଛି ବିଷୟକୁ ଉପସ୍ଥାପନ କରିବା ।

ତେବେ ଆପଣ ନିକୋଲାତୀୟମାନଙ୍କୁ ଦେଖନ୍ତୁ, ଆପଣ ସେମାନଙ୍କର ମତବାଦକୁ ଦେଖନ୍ତୁ ।

181 ଆପଣ କିଶୋର-ବୟସର ସେହି ରାଣୀମାନଙ୍କୁ ଦେଖନ୍ତୁ, ସେମାନେ ଏହି ରାସ୍ତାରେ, ଏମାନଙ୍କୁ ବସ୍ତ୍ରହୀନ ସ୍ତ୍ରୀ ବୋଲି ଡାକନ୍ତି । ଜଣେ ବସ୍ତ୍ରହୀନ ସ୍ତ୍ରୀକୁ ଦେଖିବା ପାଇଁ, ସେହି ପାର୍ଶ୍ୱରେ କୌଣସି ଏକ ଅଶ୍ଳୀଳ ପ୍ରଦର୍ଶନୀକୁ ଯିବାକୁ ପଡୁଥିଲା । କେବଳ ନିଜର ଆଖିକୁ ଖୋଲନ୍ତୁ, ରାସ୍ତାରେ ଦେଖନ୍ତୁ, ତାହାହିଁ ସବୁକିଛି ଯାହାକି ଆପଣମାନଙ୍କୁ ବର୍ତ୍ତମାନ କରିବାକୁ ପଡିଥାଏ । ସମଗ୍ର ବିଷୟ ଏକ ବସ୍ତ୍ରହୀନ ସ୍ତ୍ରୀ ଅଟେ । ନିଶ୍ଚିତରେ । ସେମାନେ ଏହା କଅଣ ପାଇଁ କରନ୍ତି? କାମାତୁର କରିବାକୁ, ପ୍ରଲୋଭନ କରିବାକୁ, ତାହାହିଁ କେବଳ ମାତ୍ର ବିଷୟ ଯାହାପାଇଁକି ସେ ତାହା କରିପାରେ । ସେ ଏହା କରେ କାରଣ ସେ ଅଶୁଚି ଅଟେ । ସେ ଏହା

କରେ କରଣ ସେ ସେହିପରି ତିଆରି ହୋଇଅଛି । ସେ ଏହା ଅନୁଭବ କରେ ନାହିଁ ଯେ ସେ ଶୟତାନର ହାତରେ ଏକ ସାଧନ ଅଟେ, ଏବଂ ତାହାହିଁ ଯାହାକି ସେ ଅଟେ ।

182 ଏପରିକି ଆଜି ଆମ ବିଦ୍ୟାଳୟଗୁଡିକରେ ମଧ୍ୟ, ସେମାନେ ଯୌନ କ୍ରିୟା ବିଷୟରେ ଶିକ୍ଷା ଦେଉଅଛନ୍ତି । ନାରୀ-ଉପାସନାର ଆମର କ୍ଷୟପ୍ରାପ୍ତ ଜଗତ! ମୁଁ ଜାଣେ ଯେ ସେମାନେ ତାହା ବିଶ୍ୱାସ କରିବାକୁ ଚାହାଁନ୍ତି ନାହିଁ । ଗୋଟିଏ ଦିନ, ଛିଡା ହୋଇ କୌଣସି ପ୍ରକାରର ଭଜନ ଗାନ କରନ୍ତି, ଓ ପ୍ରଭୃତି କରନ୍ତି; ଆଉ ସମ୍ପୂର୍ଣ୍ଣ ରାତିସାରା, ମହିଳାମାନଙ୍କ ସହିତ, ଚାରିଆଡେ ବୁଲିଥାନ୍ତି । ବୁଝିଲେ? ଠିକ୍ ଅଛି । ଯେତେବେଳେକି, ପରମେଶ୍ୱରଙ୍କ ଦୃଷ୍ଟିରେ, ସେହି ବାକ୍ୟରେ, ସେହି ସ୍ତ୍ରୀଲୋକଟି ପୃଥିବୀ ଉପରେ ପରମେଶ୍ୱର ରଖିଥିବା ସମସ୍ତ ପ୍ରାଣୀମାନଙ୍କ ମଧ୍ୟରୁ ସର୍ବନିମ୍ନ ସ୍ତରର ଅଟେ । ଲକ୍ଷ୍ୟ କରନ୍ତୁ ।

183 ସେଥିପାଇଁ ପରମେଶ୍ୱର ତାହାଙ୍କର ବାକ୍ୟ ଶିକ୍ଷାଦାନ କରିବାକୁ ତାକୁ ବାରଣ କରନ୍ତି । ତାହା ଠିକ୍ । ପ୍ରଥମ ତୀମଥି 2:9-15, "ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ, ଅବା କର୍ତ୍ତାପଣ କରିବା ପାଇଁ ଅନୁମତି ଦେଇ ନାହିଁ ।" ବୁଝିଲେ? ଆହୁରି ପୁଣି ପ୍ରଥମ କରିନ୍ଥୀୟ 14:34, "ତୁମର ସ୍ତ୍ରୀଲୋକମାନେ ମଣ୍ଡଳୀରେ ନୀରବ ରୁହନ୍ତୁ, ଯେଣୁ କଥା କହିବା ପାଇଁ ସେମାନେ ଅନୁମତି ପାଇ ନାହାଁନ୍ତି, ବରଂ ବ୍ୟବସ୍ଥାର ଉକ୍ତି ଅନୁସାରେ; ସେମାନେ ବଶୀଭୂତା ହୋଇ ରୁହନ୍ତୁ ।" ମାତ୍ର, ଆଜି, ମଣ୍ଡଳୀ କଅଣ କରେ? ସେମାନେ ସ୍ତ୍ରୀମାନଙ୍କୁ ପାଳକ, ସୁସମାଚାର ପ୍ରଚାରକ କରି ଦିଅନ୍ତି, ଯେତେବେଳେକି ବାଇବଲ ଏହାକୁ ସମ୍ପୂର୍ଣ୍ଣ ଭାବରେ ବାରଣ କରେ । ଏବଂ ବାଇବଲ କୁହେ, "ବ୍ୟବସ୍ଥାର ଉକ୍ତି ଅନୁସାରେ," ଏହାକୁ କ୍ରମାଗତ ଭାବରେ, ସମଗ୍ର ବିଷୟ ସହିତରେ ନିରନ୍ତରତାରେ ଗତି କରାଏ ।

184 ଠିକ୍ ଯେପରିକି ମେଷଶାବକ ଥିଲେ, ଗତକାଲି ରାତିରେ, ଉପାସନାର ଏକମାତ୍ର ସ୍ଥାନ, ତାହା ମେଷଶାବକଙ୍କର ପାତିତ ରକ୍ତ ତଳେ ଥିଲା । ଆଜି ଏହାହିଁ ଏକମାତ୍ର ସ୍ଥାନ ଅଟେ, ଖ୍ରୀଷ୍ଟଙ୍କଠାରେ । କେବଳ ମାତ୍ର ଉପାୟ ଯାହା ଆପଣ କରନ୍ତି ତାହା ହେଲା ତାହାଙ୍କ ନିକଟକୁ ଆସିବା । ତାହାହିଁ ଉପାସନାର କରିବାର ଏକମାତ୍ର ସ୍ଥାନ ଅଟେ । ଏହା ସବୁବେଳେ ସେହିପରି ହିଁ ଥିଲା । ଉପାସନାର କରିବାର ଏକମାତ୍ର ସ୍ଥାନ ହେଉଛି ପାତିତ ରକ୍ତ ତଳେ ।

185 ଏଣୁ ବର୍ତ୍ତମାନ ଆମେ ଏହାର ସମ୍ପୂର୍ଣ୍ଣ ଚିତ୍ରକୁ ଆମ ପ୍ରତି ଉନ୍ମୋଚିତ ହେଉଥିବାର ଦେଖୁଅଛୁ । ସେହି ସ୍ତ୍ରୀ ସେଠାରେ ଅଛନ୍ତି । ସେଇଥିପାଇଁ ପରମେଶ୍ୱର ତାକୁ ଶିକ୍ଷାଦାନ କରିବାକୁ ଦିଅନ୍ତି ନାହିଁ, ମଣ୍ଡଳୀରେ ତାକୁ କିଛି କରିବାକୁ ଦିଅନ୍ତି ନାହିଁ, ମାତ୍ର ମୁଖକୁ ଆଚ୍ଛାଦିତ କରି ସ୍ଥିର ଭାବରେ ବସିବାକୁ ଦିଅନ୍ତି ।

186 ତେବେ କଅଣ ଆପଣମାନେ ଦେଖିପାରୁଛନ୍ତି ଯେ ମୁଁ କାହିଁକି ସେହି ବିଷୟସବୁ କହିଥାଏ ଏବଂ କରିଥାଏ ଯାହା ମୁଁ କରିଅଛି, ଏହିସବୁ ବିଷୟ ମୋ ହୃଦୟରେ ଜାଣି, ଭାଇ, ଭଉଣୀମାନେ? ମୁଁ ଜାଣେ, ଭଉଣୀମାନେ, ମୁଁ...ଆପଣମାନେ ନିଜର ସ୍ଥାନ ପାଇଛନ୍ତି (ଅଳ୍ପ କିଛି କ୍ଷଣରେ), ଏବଂ ଅଦ୍ଭୁତ ଚରିତ୍ର ଯାହାକି ପରମେଶ୍ୱର ଆପଣଙ୍କ ଭିତରେ ଗଢି ପାରିବେ ।

ମାତ୍ର ମୁଁ କେବଳ ଅନ୍ୟ ପକ୍ଷରେ କହିବାକୁ ଚେଷ୍ଟା କରୁଛି, ଏହା ଦେଖାଇବା ପାଇଁ ଯେ ଆପଣ ପ୍ରକୃତରେ, "ଆଦ୍ୟରେ" କେଉଁଠାରୁ ଅଟନ୍ତି । ଯୀଶୁ ଆମକୁ ଏହାକୁ ଖୋଜିବା ପାଇଁ "ଆଦ୍ୟକୁ ଫେରିଯିବା ପାଇଁ," କହିଲେ । ତାହାହିଁ ଅଟେ ଯାହାକି ଆମେ କରୁଅଛୁ ।

187 ତେବେ ମୋତେ ଏହାର ଅନେକ ବିଷୟ ଉପରେ ମୂଖ୍ୟ ମୂଖ୍ୟ ବିନ୍ଦୁକୁ ସ୍ପର୍ଶ କରିବାକୁ ପଡିବ, ଏବଂ ମୁଁ ଆଶା କରେ ଯେ ଆପଣ ତାହା ବୁଝିଯିବେ । ଏବଂ ଆପଣ ଲୋକମାନେ ଯେଉଁମାନେକି ଏହି ଟେପ୍‌କୁ ଶୁଣିବେ, ମୁଁ ଆଶା କରେ ଯେ ଆପଣ ବୁଝିବେ । କେବଳ ଯାଆନ୍ତୁ । ଏହା କେବଳ ଏହା ଦର୍ଶାଇବା ପାଇଁ ଅଟେ ଯେ ଯୀଶୁ କହିଥିଲେ, "ଆଦ୍ୟକୁ, ଫେରିଯାଅ, ଏବଂ ଖୋଜ ।" ସମସ୍ତ ବିଷୟ, ଆଦ୍ୟକୁ ଫେରିଯାଆନ୍ତୁ । ଆଜି, ଆପଣ ଦେଖିପାରନ୍ତି ।

188 କାହିଁକି, ଲୋକମାନେ, ସେମାନେ କୁହନ୍ତି ଯେ ମୁଁ ଜଣେ ସ୍ତ୍ରୀ-ଘୃଣାକାରୀ । ତାହା ସତ୍ୟଠାରୁ ବହୁତ ଦୂରରେ । ମୁଁ ନୁହେଁ । ସେମାନେ ଡାକନ୍ତି, "ଜଣେ ସ୍ତ୍ରୀ-ଘୃଣାକାରୀ ।" ମନେରଖନ୍ତୁ, ସେମାନେ ପାଉଲଙ୍କୁ ଜଣେ ସ୍ତ୍ରୀ-ଘୃଣାକାରୀ ବୋଲି ଡାକିଥିଲେ । କିଛି ସମୟ ପୂର୍ବରୁ, ଜଣେ ମହିଳା ସେବକ, କହିଲେ, "ଓଃ, ଆପଣ ତ ବୃଦ୍ଧ ପାଉଲଙ୍କ ପରି ଅଟନ୍ତି, ଯାହାସବୁ ସେ କରିଥିଲେ ତାହା ହେଲା ଆମ ସ୍ତ୍ରୀମାନଙ୍କ ବିସୃଦ୍ଧରେ କହିବା ।"

189 ପରମେଶ୍ୱରଙ୍କ ଜଣେ ସାଧୁ, ଯାହାଙ୍କୁ ସେହି ବାଇବଲ, ସେହି ନୂତନ ନିୟମକୁ ଲେଖିବା ପାଇଁ ଅନୁମତି ଦିଆଯାଇଥିଲା, ଏବଂ ତାଙ୍କ ବାକ୍ୟଗୁଡିକ ସହିତରେ ବିବାଦ କରୁ? ସେ କହିଲେ, "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ଆସି ଯାହା ମୁଁ କହିଅଛି ଏହା ବ୍ୟତୀତ ଅନ୍ୟ କୌଣସି ବିଷୟ ଶିକ୍ଷା ଦିଅନ୍ତି, ତେବେ ସେ ଅଭିଶପ୍ତ ହେଉ," ମହିଳା ପ୍ରଚାରକଙ୍କୁ ତ ଏକାକୀ ଛାଡିଦିଅନ୍ତୁ ।

190 ସେମାନେ କହିଲେ ଯେ ଏଲିୟ ଜଣେ ସ୍ତ୍ରୀ-ଘୃଣାକାରୀ ଥିଲେ । ସେ ବାସ୍ତବିକ ସ୍ତ୍ରୀଲୋକମାନଙ୍କର, ଜଣେ ସ୍ତ୍ରୀ-ଘୃଣାକାରୀ ନ ଥିଲେ । ସେ କେବଳ ସେହି ଯିଜେବଲମାନଙ୍କୁ ପସନ୍ଦ କରୁ ନ ଥିଲେ ।

191 ଏବଂ ଯଦି ତାହା ସେହିପରି ହୁଏ, ତେବେ ପରମେଶ୍ୱରଙ୍କୁ ନିଶ୍ଚିତ ଭାବରେ ସେହି ସମାନ ହେବା ଉଚିତ, କାରଣ ସେ ହେଉଛନ୍ତି ସେହି ବାକ୍ୟ ଯାହାକି ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆସିଥାଏ । ତେଣୁ ଏହା ନିଶ୍ଚିତ ଭାବରେ ପରମେଶ୍ୱର ହେବା ଆବଶ୍ୟକ, ସେହି ସମାନ ଭାବରେ, ତେଣୁ, ଦେଖନ୍ତୁ, ସେ ମୂଳ ସୃଷ୍ଟିକୁ ଜାଣନ୍ତି, "ଆଦ୍ୟରୁ," ସେ କହିଲେ, "ଆଦ୍ୟରୁ ।" ସେମାନେ ଭବିଷ୍ୟଦ୍‌ବକ୍ତାମାନେ ଥିଲେ, ଯେଉଁମାନଙ୍କ ପାଖକୁ ବାକ୍ୟ ଆସିଥିଲା ।

192 ଏବଂ ସେ ସ୍ତ୍ରୀକୁ ପୁରୁଷ ପାଇଁ ନିର୍ମାଣ କଲେ, ଏବଂ ତା ପାଇଁ ପୁରୁଷ ନୁହେଁ । କଅଣ ଆପଣ ଜାଣିଛନ୍ତି କି, ଯେ, "ସ୍ତ୍ରୀ ପୁରୁଷ ପାଇଁ ନିର୍ମାଣ କରାଯାଇଥିଲେ, ପୁରୁଷ ସ୍ତ୍ରୀ ପାଇଁ ନୁହେଁ"? କେତେ ଜଣ ତାହା ଜାଣନ୍ତି? ବାଇବଲ ତାହା ଶିକ୍ଷା ଦିଏ । ଠିକ୍ ଅଛି । ତାକୁ ପୁରୁଷର ଭିତରେ ଏକ ସ୍ଥାନ ଦିଆଯାଇଥିଲା, ପତନ ପୂର୍ବରୁ, ସମସ୍ତ ସୃଷ୍ଟି ଉପରେ ସମାନ ଭାବରେ । ମାତ୍ର

ପତନ "ପରେ," ତେବେ ଏଠାରେ ଆମେ ବିଷୟକୁ ନେଇକି ଆସୁଅଛୁ। ମାତ୍ର ପତନ "ପରେ," ପୁରୁଷ ତାର ଶାସକ ହେଲା, ତେବେ ସେହି ମୂଳ ଆରମ୍ଭ ଶେଷ ହୋଇଯିବା ପରେ, ସ୍ତ୍ରୀକୁ ସବୁ ବିଷୟରେ ନୀରବ ରହିବା ଆବଶ୍ୟକ ହେଲା।

193 ଯୀଶୁ କହିଲେ, "ଆଦ୍ୟରୁ ତାହା ସେପରି ନ ଥିଲା।" ସେତେବେଳେ ତାହା ସମୟ ଆରମ୍ଭ ହେଲା, ଯେତେବେଳେ ପରମେଶ୍ୱର ଏହାକୁ ତାହାଙ୍କର ମୂଳ ସୃଷ୍ଟିରେ ପ୍ରଥମେ ରଚନା କଲେ। ସମସ୍ତେ ଯେଉଁମାନେ ବୁଝୁଛନ୍ତି, ପୁନର୍ବାର କୁହନ୍ତୁ "ଆମେନ୍।" [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ଆଦ୍ୟରେ ପରମେଶ୍ୱର କେବଳ ଗୋଟିଏ ପୁରୁଷ ଏବଂ ଗୋଟିଏ ସ୍ତ୍ରୀକି ସୃଷ୍ଟି କରିଥିଲେ। କିନ୍ତୁ ତାହାପରେ ସେହି ସ୍ତ୍ରୀକୁ ପ୍ରତାରଣା ପାଇଁ, ସମସ୍ତ ପଶୁ, ଅନ୍ୟ ସମସ୍ତ ପ୍ରାଣୀମାନଙ୍କଠାରୁ ଭିନ୍ନ ନିର୍ମାଣ କରା ଯାଇଥିଲା। ତେବେ ବର୍ତ୍ତମାନ ଦେଖନ୍ତୁ, "ଆଦ୍ୟରୁ ତାହା ସେହିପରି ନ ଥିଲା।" ସେ ନିର୍ମାଣ କରାଯାଇଥିଲେ, ଯଦି ସେ ମୂଳ ଅବସ୍ଥାରେ ରହିଥାନ୍ତେ, ତେବେ ସେ କେବେହେଲେ ପତିତ ହୋଇ ନ ଥାନ୍ତେ। ମାତ୍ର ସେ ପତନ ଘଟାଇଲା ଏବଂ ବାଧା ସୃଷ୍ଟି କଲା ଯାହାକି ପରମେଶ୍ୱରଙ୍କ ସମଗ୍ର ନିରନ୍ତରତାକୁ ଭାଙ୍ଗିଦେଲା, ଏବଂ ପୃଥିବୀ ଉପରେ ମୃତ୍ୟୁ, ଦୁଃଖ, ଏବଂ ଅନ୍ୟ ସମସ୍ତ ଜିନିଷକୁ, ଆଣି ପକାଇଲା। ସେ ସେହିପରି ଭାବରେ ନିର୍ମାଣ ହୋଇଥିଲା।

194 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ। ତେବେ, ଆରମ୍ଭ *ପରେ*, ଆରମ୍ଭ *ପରେ*, ସମୟ ଆରମ୍ଭ ହେବା *ପରେ*; ସେଠାରେ ପଛରେ, ଏହା ଅନନ୍ତତା ଥିଲା, ସମାପ୍ତ ହୋଇଗଲା। ଧ୍ୟାନ ଦିଅନ୍ତୁ, ହବା ଦ୍ୱାରା ସେହି ପତନ ଘଟାଇବା ପରେ, ପତନ ପରେ, ଆଉ ଏକ ନିୟମ ବାନ୍ଧିବାର ଆବଶ୍ୟକତା ଉପୁଜିଲା। ତେବେ ଏହା ଆପଣଙ୍କୁ ଝୁଣ୍ଟି ପକାଇବାକୁ ଯାଉଅଛି, ମାତ୍ର ମୁଁ ଆପଣଙ୍କୁ ଏହା ସତ୍ୟ ବୋଲି ପ୍ରମାଣ କରିବା ପାଇଁ ଶାସ୍ତ୍ରାଂଶ ଦେବାକୁ ଯାଉଅଛି। ତେବେ ଧ୍ୟାନ ଦିଅନ୍ତୁ ପତନ ପରେ, ଯୀଶୁ କହିଲେ...ପରମେଶ୍ୱର, ଆରମ୍ଭରେ, ଗୋଟିଏ ପ୍ରକାର ସୃଷ୍ଟି କଲେ; କିନ୍ତୁ ବର୍ତ୍ତମାନ, ପତନ ପରେ, ବର୍ତ୍ତମାନ ଆମେ ତାହାଠାରୁ ଅଧିକ ଆର ପାରିକୁ ଯାଉଅଛୁ। ସେହି ନିୟମ ସମ-କକ୍ଷ ଥିଲା; କିନ୍ତୁ ବର୍ତ୍ତମାନ, ପତନ ପରେ, ସେଠାରେ ଆଉ ଏକ ନିୟମ ବନ୍ଧା ହେଲା। ତେବେ ସେ ଆଉ ପୁରୁଷ ସହିତ ଶାସକ ନ ଥିଲା, ପ୍ରତ୍ୟେକଙ୍କର ଏକ ଅଲଗା ନିୟମ ହେବା ଆବଶ୍ୟକ ଥିଲା।

195 ତେବେ ଆସନ୍ତୁ ଦେଖିବା ଯେ ତାହା ଠିକ୍ କି ନାହିଁ। ଆସନ୍ତୁ ଆଦିପୁସ୍ତକ ୩ ନେବା, ଏବଂ ଜାଣିବା ଯେ ଏହା ଠିକ୍ ଅଟେ କି, ତେବେ ଯେତେବେଳେକି ଆମେ ଆଗକୁ ବଢୁ, 'କାରଣ ଆମେ ଏହି ବିଷୟଗୁଡ଼ିକ ଉପରେ ସକାରାତ୍ମକ ହେବାକୁ ଚାହୁଁ, ସେଗୁଡିକ ଯେପରି ସଠିକ୍ ଭାବରେ ଶିକ୍ଷା ଦିଆଯାଏ ଏବଂ ସଠିକ୍ ଭାବରେ ବାହାରେ ଉପସ୍ଥାପିତ କରାଯାଏ। ଯାହାଫଳରେ ବୋଧହୁଏ କି ଠିକ୍ ଏଠାରେ ଆମର ଅଳ୍ପ ସମୟ ରହିଛି, 'ଯେହେତୁ ବର୍ତ୍ତମାନ ସେହି ବିଷୟର ଶେଷ ଭାଗକୁ ଯିବା ପାଇଁ, ଆମେ ଶେଷଠାରୁ ବହୁତ ଦୂରରେ ନାହୁଁ, ଯେପରିକି ଏହା ଦର୍ଶାଇବାକୁ ଯେ ଛାଡପତ୍ର ବିଷୟରେ ତାହା *କାହିଁକି* ଏବଂ *କଅଣ* ଅଟେ,

ଏବଂ ଇତ୍ୟାଦି । ତେବେ ଆଦିପୁସ୍ତକ 3ୟ ଅଧ୍ୟାୟରେ, ଏବଂ ଆମେ ବର୍ତ୍ତମାନ 3ୟ, ଏବଂ 16ଶ ପଦରୁ ଆରମ୍ଭ କରିବା । ଆସନ୍ତୁ 14ଶ ପଦରୁ ଆରମ୍ଭ କରିବା ।

*ତହୁଁ ସଦାପ୍ରଭୁ...ସର୍ପକୁ କହିଲେ,* (ବର୍ତ୍ତମାନ ସେ ଏହାକୁ ଅଭିଶାପ ଦେବାକୁ ଯାଉଛନ୍ତି), *ଏହି କାର୍ଯ୍ୟ କରିବା—ବା ହେତୁରୁ, ତୁମ୍ଭେ ସମସ୍ତ ଗ୍ରାମ୍ୟ...ବନ୍ୟ ପଶୁଠାରୁ ଅଧିକ ଶାପଗ୍ରସ୍ତ ହେଲ; ତୁମ୍ଭେ ଆପଣା ପେଟ ଦେଇ ଗମନ କରିବ ଓ ଯାବଜ୍ଜୀବନ ଧୂଳି ଖାଇବ:*

*ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା; ସେ ତୁମ୍ଭର ମସ୍ତକକୁ ଆଘାତ କରିବ ଓ ତୁମ୍ଭେ* ତାହାଙ୍କ *ଗୋଇଠିକି ଆଘାତ କରିବ ।* (ସେହି ପ୍ରତିଜ୍ଞାକାରୀ, "ସେହି ସ୍ତ୍ରୀର ବଂଶ ଦେଇ ଆସୁଅଛି," ସେହି ମଶୀହ, ମୁକ୍ତ କରିବା ନିମନ୍ତେ ।)

*ତହୁଁ ସେ ନାରୀଙ୍କି କହିଲେ,...*

196 ତେବେ ଦେଖନ୍ତୁ, ବର୍ତ୍ତମାନ ସର୍ପ ସହିତ ସେହି ନିୟମ ଅଛି । ଯାହାକି, ତାହା ପୂର୍ବରୁ, ଆରମ୍ଭରେ କିମ୍ବା ଆରମ୍ଭ ପୂର୍ବରୁ, ସେମାନେ ସମସ୍ତେ ଠିକ ଥିଲେ ।

*ତହୁଁ ସେ ନାରୀଙ୍କି କହିଲେ, ଆମ୍ଭେ ତୁମ୍ଭର ଗର୍ଭବେଦନା ଅତିଶୟ ବଢାଇବା; ତୁମ୍ଭେ ବ୍ୟଥାରେ ସନ୍ତାନ ପ୍ରସବ କରିବ; ପୁଣି ସ୍ୱାମୀ ପ୍ରତି ତୁମ୍ଭର ବାସନା ରହିବ, ସେ ତୁମ୍ଭ ଉପରେ କର୍ତ୍ତୃତ୍ୱ କରିବ,* (ଆଉ ଆଦୌ କୌଣସି ସମ-କକ୍ଷ ରହିବାର ନାହିଁ ।)

197 ବର୍ତ୍ତମାନ ସେ ଠିକ୍ ବୁଲି ପଡିଛି, ଏବଂ ସେ କର୍ତ୍ତୃତ୍ୱକାରୀ ଅଟେ ।

*ଆଉ ସେ ଆଦମଙ୍କୁ କହିଲେ, ଯେଉଁ ବୃକ୍ଷର ଫଳ ଖାଇବା ବିଷୟରେ ଆମ୍ଭେ ତୁମ୍ଭକୁ ଆଜ୍ଞା ଦେଇ କହିଥିଲୁ, ତାହା ଖାଇବ ନାହିଁ, ତୁମ୍ଭେ ଆପଣା ଭାର୍ଯ୍ୟାର, କଥା ଶୁଣି, ତାହା...ଖାଇଅଛ: ଏଣୁ ତୁମ୍ଭ ସକାଶୁ ଭୂମି* (ଆଦମ ଶାପଗ୍ରସ୍ତ ହେଲେ ନାହିଁ, ତେବେ) *ଏଣୁ ତୁମ୍ଭ ସକାଶୁ ଭୂମି ଶାପଗ୍ରସ୍ତ ହେଲା; ତୁମ୍ଭେ ଯାବଜ୍ଜୀବନ* କ୍ଳେଶରେ *ତହିଁରୁ ଭକ୍ଷ୍ୟ ପାଇବ;*

*ତହିଁରେ...କଣ୍ଟା ଓ ଗୋଖରା ଗଛ ଜାତ ହେବ; ପୁଣି ତୁମ୍ଭେ କ୍ଷେତ୍ରର ଶାକ ଭୋଜନ କରିବ;*

ତୁମ୍ଭେ *ଯେଉଁ ମୃତ୍ତିକାରୁ ଗୃହୀତ* ହେଲ, *ତହିଁରେ ନ ମିଶିବା ପର୍ଯ୍ୟନ୍ତ ମୁଖର* ଝାଳରେ *ଆହାର କରିବ; ଯେହେତୁ ତୁମ୍ଭେ ଧୂଳି ଓ ଧୂଳିରେ—ରେ: ପୁନର୍ବାର, ମିଶିଯିବ ।*

198 ଦୁଇଟି ନିୟମ । ବର୍ତ୍ତମାନ ତାହା ସେହି "ଆଦ୍ୟ," ବିଷୟକୁ ସମାପ୍ତ କରେ ଯାହା ବିଷୟରେ ଯୀଶୁ କହିଥିଲେ, "ଆଦ୍ୟରେ ତାହା ସେହିପରି ନ ଥିଲା ।" ଆମେ ବର୍ତ୍ତମାନ

ଆଉ ଏକ ନିୟମକୁ ପାଇଅଛୁ । ଧ୍ୟାନ ଦିଅନ୍ତୁ, ଏହା ଏକ ଅନ୍ୟ ନିୟମ ଅଟେ । ତେବେ ସେହି ଉତ୍ପାଦ, ଏବଂ ସେହି ଉପ-ଉତ୍ପାଦ ପାଇଁ ଏକ ଏକ ନିୟମ ଅଛି । ଧ୍ୟାନ ଦିଅନ୍ତୁ, ଯେ ସେହି ପତନ ସୃଷ୍ଟିର ପ୍ରତ୍ୟେକ ପ୍ରାଣୀଙ୍କ ପାଇଁ ସଙ୍କଟକୁ, ମୃତ୍ୟୁକୁ ନେଇ ଆସିଥିଲା, ଯଦ୍ୱାରା ସମସ୍ତ ପ୍ରକୃତିରେ ଏକ ପାର୍ଥକ୍ୟ ଆଣିଲା । ତେବେ ଆସନ୍ତୁ ଆମେ ଧ୍ୟାନ ଦେବା ଯେ ଯୀଶୁ ତାହା ବିଷୟରେ କଅଣ କହିଥିଲେ, "ଆଦ୍ୟରେ ତାହା ସେହିପରି ନ ଥିଲା ।" ବର୍ତ୍ତମାନ ତାହା ତେବେ ସେହିପରି "ଠାରୁ" ନୁହେଁ, ଏହା ବର୍ତ୍ତମାନ ତାହା ସେହି ଆରମ୍ଭ "ପରେ" ଅଟେ । ତେବେ ସେଠାରେ ଏକ ଦ୍ୱିଗୁଣ ନିୟମ ଅଛି ।

199 ପ୍ରଥମେ କେବଳ ଏକ ନିୟମ ଥିଲା, ଆଦମ ଏବଂ ହବା ସମ-କକ୍ଷ ଥିଲେ, ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ । ତେବେ ସେହି ସ୍ତ୍ରୀ ପାପ କଲା, ଏବଂ (ସେ କଅଣ କଲା?) ତାହା ସମସ୍ତଙ୍କୁ ମୃତ୍ୟୁମୁଖକୁ ପକାଇଦେଲା, ଏବଂ ପରମେଶ୍ୱରଙ୍କୁ ତାହା ଦ୍ୱାରା, ଅନ୍ୟ ଏକ ନିୟମକୁ କରିବାକୁ ପଡିଥିଲା । ଏଠାରେ ତାହା ଠିକ୍ ଆଦିପୁସ୍ତକ 3:16 ରେ ଅଛି, ସେ ଆଉ ଏକ ନିୟମ କଲେ ।

200 ତେବେ ସଂସାର ପୁନର୍ବାର ଜନସଂଖ୍ୟାରେ ପରିପୂର୍ଣ୍ଣ ହେବାକୁ ଅଛି, ପରମେଶ୍ୱରଙ୍କ ମୂଳ ସୃଷ୍ଟି ଦ୍ୱାରା ନୁହେଁ, ଯେପରିକି ଆରମ୍ଭରେ ଥିଲା, ମୂଳ ସୃଷ୍ଟି ଦ୍ୱାରା ନୁହେଁ, ମାତ୍ର ଯୌନ ଅଭିଳାଷ ଦ୍ୱାରା । ତେବେ ତାହା ଏହା "ସେହି ଆଦ୍ୟ" ବିଷୟକୁ ଯତ୍ନ ନିଏ, କଅଣ ଏହା ନୁହେଁ କି? ଆଦ୍ୟରେ କେବଳ ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ ଥିଲେ, ଜଣେ ଅଣ୍ଡିରା ଏବଂ ଜଣେ ମାଈ ଥିଲେ; ମାତ୍ର ଯେତେବେଳେ ସେ ସେହି ସୀମାକୁ ଅତିକ୍ରମ କରି ଏହି ପାପକୁ ଆଣିଲା, ବର୍ତ୍ତମାନ ଜଗତ ଯୌନ କ୍ରିୟା ଦ୍ୱାରା, ପୁନର୍ବାର ଜନସଂଖ୍ୟାରେ ପରିପୂର୍ଣ୍ଣ ହେବାକୁ ଅଛି, ସୃଷ୍ଟି ଦ୍ୱାରା ନୁହେଁ; ଯୌନ କ୍ରିୟା ଦ୍ୱାରା । ଦେଖନ୍ତୁ ଯେ ବର୍ତ୍ତମାନ ସେହି ସ୍ତ୍ରୀ କେଉଁଠାରେ ଅଛି? ତେବେ, ମାତ୍ର ସେହି ଉପାୟରେ ହିଁ ଆଜି ଜଗତ ଜନସଂଖ୍ୟାରେ ପରିପୂର୍ଣ୍ଣ ହେବାକୁ ଅଛି, ସ୍ତ୍ରୀର ମାଧ୍ୟମରେ ।

201 ସେହି କାରଣରୁ ହିଁ ଯୀଶୁଙ୍କୁ ସେହି ସ୍ତ୍ରୀ ମାଧ୍ୟମରେ ଆସିବାକୁ ପଡିଥିଲା, ଯେପରିକି ଏହାକୁ ଯୌନ ଅଭିଳାଷ ବିନା ହିଁ, ପୁନର୍ବାର ତାହାର ମୂଳ ଆରମ୍ଭକୁ ଫେରାଇ ଅଣାଯାଏ । ସେ କୁମାରୀ କନ୍ୟାରୁ ଜାତ ଅଟନ୍ତି । ମାତ୍ର, ହାଲ୍ଲେଲୁୟା, ଏପରି ଏକ ସମୟ ଆସିବ ଯେଉଁଠାରେକି ଏହା ଆଉ ଅଧିକ ଯୌନ ସମ୍ପର୍କ ରହିବ ନାହିଁ, ମାତ୍ର ପରମେଶ୍ୱର ନିଜ ସନ୍ତାନମାନଙ୍କୁ ପୃଥିବୀର ଧୂଳିରୁ ଡାକିବେ, ଯେପରିକି ସେମାନେ ମୂଳରେ ଥିଲେ, କୌଣସି ସ୍ତ୍ରୀ ଦ୍ୱାରା ନୁହେଁ; ବରଂ ମାଟି ଏବଂ କସ୍ମିକ୍ ପ୍ରକାଶ, ଏବଂ ପେଟ୍ରୋଲିୟମ ପଦାର୍ଥରୁ ଅନ୍ୟ କୌଣସି ରୂପରେ ତିଆରି ହେବା ଦ୍ୱାରା, ସେ ପୁନର୍ବାର ସୃଷ୍ଟି କରିବେ ଯେପରିକି ସେ ପ୍ରଥମ ଥର ଆଦମଙ୍କୁ କରିଥିଲେ । ଯୀଶୁ ଏହାକୁ ସମ୍ଭବ କଲେ, ଯେତେବେଳେ ପରମେଶ୍ୱର ଆପଣାକୁ ଏହି ସ୍ତ୍ରୀଲୋକ ମାଧ୍ୟମରେ ଜଣେ ମନୁଷ୍ୟ କରି ଜଗତକୁ ଆସିଲେ, ଯେପରିକି ସେ ମୃତ୍ୟୁବରଣ କରିପାରନ୍ତି । ବର୍ତ୍ତମାନ ଏହା ପାପ ଦ୍ୱାରା, ପରୀକ୍ଷା କରାଯିବାର ସମୟ ଅଟେ ।

202 ତେବେ ଆପଣମାନେ ଦେଖନ୍ତୁ ସେହି ଆରମ୍ଭ, "ପରେ," ଏହା ଅନ୍ୟ କିଛି ବିଷୟ ଉପସ୍ଥାପିତ କରାଗଲା। ବର୍ତ୍ତମାନ ଏହା ଆପଣଙ୍କୁ ଚକିତ କରିବାକୁ ଯାଉଅଛି। କଅଣ ଆପଣମାନେ ଥକି ଯାଇଛନ୍ତି କି? [ମଣ୍ଡଳୀ କୁହନ୍ତି, "ନା।"—ଅନୁ।] ଟିକିଏ ଅଧିକ ସମୟ ବସି ରୁହନ୍ତୁ।

203 ତା'ପରେ ଯେତେବେଳେ ସେହି ଦ୍ଵିତୀୟ ନିୟମଟି ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ, ଯୌନ ସମ୍ପର୍କ ଦ୍ଵାରା କରାଗଲା, ସଂପୂର୍ଣ୍ଣ ଭାବରେ ଏକ ଅନ୍ୟ ନିୟମ (ସେହି ମୂଳ ନିୟମ ନୁହେଁ, ମାତ୍ର ଅନ୍ୟ ଏକ ନିୟମ), ତେବେ କଅଣ ଉପସ୍ଥାପିତ କଲା? ବହୁବିବାହ, ସର୍ବଶେଷରେ। ତେବେ, ଆରମ୍ଭ ପରେ, ଉଭୟ ମନୁଷ୍ୟମାନଙ୍କ ଏବଂ ପଶୁମାନଙ୍କ ମଧ୍ୟରେ ବହୁବିବାହ ଆରମ୍ଭ ହେଲା; ସେହି ଆରମ୍ଭ, ସେହି ପତନ ପରେ। ପରମେଶ୍ଵର ବର୍ତ୍ତମାନ, ଦ୍ଵିତୀୟତଃ, ଯୌନ ସମ୍ପର୍କ ଦ୍ଵାରା, ପୁନର୍ବାର ଏକ ନୂତନ ପ୍ରକୃତି ସ୍ଥାପନ କରନ୍ତି। ପରମେଶ୍ଵର ପ୍ରଥମଟି ବିନା ଯୌନ ସମ୍ପର୍କରେ ସୃଷ୍ଟି କରିଥିଲେ। କଅଣ ଆପଣ ତାହା ବିଶ୍ଵାସ କରନ୍ତି? ତେବେ ଏହା ପ୍ରକୃତି ସହିତ ଆଉ ଏକ ନିୟମ ଅଟେ, ସେ ଏହାକୁ ଅନ୍ୟ କ୍ରମରେ, ଯୌନ ସମ୍ବନ୍ଧ ଦ୍ଵାରା ସ୍ଥିର କରନ୍ତି। ଦ୍ଵିତୀୟ ନିୟମ: ଜଣେ ପୁରୁଷ, ଅନେକ ସ୍ତ୍ରୀ; ଗୋଟିଏ ଅଣ୍ଡିରା ହରିଣ, ଏବଂ ମାଈ ହରିଣମାନଙ୍କର ଏକ ସମ୍ପୂର୍ଣ୍ଣ ଦଳ। କଅଣ ଏହା ଠିକ୍? ଗୋଟିଏ ଷଣ୍ଢ, ଏବଂ ଗୋପଶୁ, ଗାଈମାନଙ୍କର ଏକ ସମଗ୍ର ପଲ; ଗୋଟିଏ ଗଞ୍ଜା, ଏବଂ ଏକ ଅଗଣାରେ ପରିପୂର୍ଣ୍ଣ କୁକୁଡ଼ାମାନେ। କଅଣ ଏହା ଠିକ୍? ଜଣେ ଦାଉଦ, ତାହାଙ୍କ ମନର ମତ, ପାଞ୍ଚଶହ ପତ୍ନୀଙ୍କ ସହିତ; ପୁଣି ବିଭିନ୍ନ ସ୍ତ୍ରୀଙ୍କ ଦ୍ଵାରା, ଗୋଟିଏ ବର୍ଷରେ, ତାଙ୍କୁ ଶହେ ଶହେ ପିଲା ଜନ୍ମ ହୋଇଥିଲେ; ଉମ୍-ହମ୍, ପରମେଶ୍ଵରଙ୍କ ମନର ମତ ଜଣେ ପୁରୁଷ। ଜଣେ ଶଲୋମନ, ଏକ ହଜାର ପତ୍ନୀଙ୍କ ସହିତ। ମାତ୍ର ତେବେ ଧ୍ୟାନ ଦିଅନ୍ତୁ, ଏହା ଆରମ୍ଭରେ ସେହିପରି ନ ଥିଲା, ମାତ୍ର ବର୍ତ୍ତମାନ ଏହା ସେହି ଆରମ୍ଭ "ପରେ" ଅଟେ। ସେହି ସ୍ତ୍ରୀ ଏହା କରିଅଛି, ତେବେ ସେ ତାହା ହୋଇଅଛି ଯାହାକି ସେ ବର୍ତ୍ତମାନ ଅଟେ। ବୁଝିଲେ?

204 ଦାଉଦ, ସେହି ରାଜା ଯିଏକି ଖ୍ରୀଷ୍ଟଙ୍କୁ ପ୍ରତିନିଧିତ୍ଵ କରିଥିଲେ! ଏହାକୁ ନିଜ ମନରେ ରଖନ୍ତୁ। ଦାଉଦ ଖ୍ରୀଷ୍ଟଙ୍କୁ ପ୍ରତିନିଧିତ୍ଵ କଲେ। କଅଣ ଆପଣମାନେ ଏହା ବିଶ୍ଵାସ କରନ୍ତି କି? ଖ୍ରୀଷ୍ଟ ବସିଛନ୍ତି...ତାହାଙ୍କର ସିଂହାସନରେ ବସିବାକୁ ଯାଉଛନ୍ତି। ଏବଂ ଏହି ଦାଉଦ, ପରମେଶ୍ଵରଙ୍କ ମନର ମତ ଜଣେ ବ୍ୟକ୍ତି, ତାଙ୍କର ପାଞ୍ଚ ଶହ ପତ୍ନୀ ଥିଲେ। ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ଦାଉଦ ତାଙ୍କର ପାଞ୍ଚଶହ ପତ୍ନୀଙ୍କ ସହିତ, ଶଲୋମନ ତାଙ୍କର ଏକ ହଜାର ସହିତ ଥିଲେ। ଶଲୋମନ ସ୍ଵାଭାବିକ ଭାବରେ, ଦାଉଦଙ୍କ ପୁତ୍ର ଥିଲେ; ଯାହାକି ଆତ୍ମିକ ଭାବରେ, ଦାଉଦଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରତିନିଧିତ୍ଵ କରେ। ମାତ୍ର ତାହା ସ୍ଵାଭାବିକ, ଯୌନ ଜୀବନ ଅଟେ। ଏହା ଆତ୍ମିକ, ସୃଷ୍ଟି ହେବାକୁ ଯାଉଛି, କାହିଁକି, ସୃଷ୍ଟି। ବୁଝିଲେ? ଏହା ଆରମ୍ଭରେ ସେହିପରି ଥିଲା, ମାତ୍ର ବର୍ତ୍ତମାନ ଏହି ଜୀବନରେ ନୁହେଁ ଯାହାକି ଆମେ ବର୍ତ୍ତମାନ ଜୀବନ ଯାପନ କରୁଅଛୁ।

205 ଧ୍ୟାନ ଦିଅନ୍ତୁ, ତେବେ ଏହାକୁ ବୁଝିବାରେ ବିଫଳ ହୁଅନ୍ତୁ ନାହିଁ, ଏହାକୁ ନିଜ ହୃଦୟରେ ସମ୍ପୂର୍ଣ୍ଣ ନିଅନ୍ତୁ। କିନ୍ତୁ ସେହି ସ୍ତ୍ରୀମାନଙ୍କ ମଧ୍ୟରୁ ଜଣେ ହେଲେ କେହି ଆଉ ଏକ ସ୍ୱାମୀ କରିପାରିବେ ନାହିଁ। ସେ ହେଉଛନ୍ତି ସେହି ମୂଳ ସୃଷ୍ଟି, ସେହି ସ୍ତ୍ରୀ ନୁହେଁ। ସେହି ସ୍ତ୍ରୀମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଆଉ ଏକ ସ୍ୱାମୀ କରିପାରିବେ ନାହିଁ, କିନ୍ତୁ ସେହି ଜଣେ ସ୍ୱାମୀ ଏକ ହଜାର ପତ୍ନୀ କରିପାରନ୍ତି। ତାହା **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ। ତାହା ବାଇବଲ ଅଟେ। ତେବେ ମୁଁ ପଛକୁ ଯାଇଅଛି, ମୋର ସମୟ ନେଇଅଛି ଏବଂ ଆପଣଙ୍କୁ ପଶ୍ଚାତ ସମୟରେ ଏହା ଦେଖାଇଅଛି ଯେ ଏହା କେଉଁଠାରୁ ଆରମ୍ଭ ହେଲା, ଯୀଶୁ କଅଣ କହିଥିଲେ। ବର୍ତ୍ତମାନ କଅଣ ଆପଣ ଏହାକୁ ସ୍ପଷ୍ଟ ଭାବରେ ଦେଖୁଛନ୍ତି କି? ସେମାନଙ୍କର ଯେତିକି ଇଚ୍ଛା ସେତିକି କରି ପାରିଥିଲେ...

206 "ଓଃ," ଆପଣ କୁହନ୍ତି, "ତାହା ତ କେବଳ ଇସ୍ରାଏଲ ପାଇଁ ଥିଲା।" କଅଣ ଏହା କି?

207 ଯେତେବେଳେ ଅବ୍ରହାମ ସାରାଙ୍କୁ ପଲେଷ୍ଟୀୟ ଦେଶକୁ ନେଇକରି ଗଲେ, ସେଠାରେ ଅବୀମେଲକ ନାମକ ଜଣେ ରାଜା ଥିଲେ। ଏବଂ ସାରାଙ୍କୁ ଠିକ୍ ସେତେବେଳେ, ଶହେ ବର୍ଷ ବୟସ ହୋଇଥିଲା, ମାତ୍ର ସେ ଏକ ଯୁବା ସ୍ତ୍ରୀଲୋକରେ ପରିବର୍ତ୍ତିତ ହୋଇଥିଲେ ଏବଂ ସୁନ୍ଦର କରାଯାଇଥିଲେ। କଅଣ ଆପଣ ତାହା ଜାଣନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍"—ଅନୁ।] ଠିକ୍ ଅଛି। ଏବଂ ଅବୀମେଲକ ତାଙ୍କୁ ନିଜର ସ୍ତ୍ରୀ କରିବା ପାଇଁ ଚାହିଁଥିଲେ। କଅଣ ଆପଣଙ୍କୁ ଏହା ଉପରେ ମୋର ବାର୍ତ୍ତା ମନେ ଅଛି? ଅବୀମେଲକ ସାରାଙ୍କୁ ସ୍ତ୍ରୀ କରିବା ପାଇଁ ନେବାକୁ ଚାହୁଁଥିଲେ। ହୋଇପାରେ ସ୍ତ୍ରୀଲୋକମାନଙ୍କର ଏକ ସମୂହ ରହିଥିଲା, ମାତ୍ର ସେ ତାଙ୍କୁ ନେଇପାରନ୍ତି ନାହିଁ ଯଦି ସେ ଅବ୍ରହାମଙ୍କୁ ବିବାହ କରିଥାନ୍ତି। ତେଣୁ ଅବ୍ରହାମ ସାରାଙ୍କୁ କହିଲେ, "କହିବ ଯେ ତୁମେ, 'ମୋ ଭାଇ,' ଅଟ ନୋହିଲେ ସେ ମୋତେ ହତ୍ୟା କରିଦେବ ଯେପରିକି ସେ ତୁମକୁ ଗ୍ରହଣ କରିପାରେ।" ସେ କାହିଁକି ଅବ୍ରହାମଙ୍କୁ କେବଳ ସେହି ଦେଶରୁ ଘଉଡାଇ ଦେଲେ ନାହିଁ, ଏବଂ ତାଙ୍କ ପତ୍ନୀଙ୍କୁ ନେଇଗଲେ ନାହିଁ? ନିୟମଟି ଯେ କେବଳ ବିଶ୍ୱାସୀମାନଙ୍କ ସହିତ ଥିଲା ତାହା ନୁହେଁ, ବରଂ ଏହା ସୃଷ୍ଟିର ସମସ୍ତ ଲୋକଙ୍କ ପାଇଁ ଥିଲା। ପାପୀ ହେଉ କିମ୍ବା ଜଣେ ସାଧୁ, ହେ ମନୁଷ୍ୟ, ଆପଣ ହିଁ ଏହି କାର୍ଯ୍ୟଗୁଡ଼ିକ ପାଇଁ ଦାୟୀ ଅଟନ୍ତି। ସେଠାରେ ଜଣେ ପ୍ରତିମାପୂଜକ ରାଜା ଥିଲେ। କେତେଜଣ ଜାଣନ୍ତି ଯେ ସେହି କାହାଣୀଟି ସତ ଅଟେ? ["ଆମେନ୍।"] ମୁଁ ଭାବୁଛି ଯେ ଏହା ବାଇବଲ, ଆଦିପୁସ୍ତକ, ତାହାର 1ଶେ ପର୍ବ ଅଟେ।

208 ଆପଣ ଧ୍ୟାନ ଦିଅନ୍ତୁ, ଯେ ଅବୀମେଲକ ତାଙ୍କୁ ଏକ ସ୍ତ୍ରୀ ପାଇଁ ନେଇ ଯାଇଥାନ୍ତେ। ସେ ଏହି ନୂତନ ଏବ୍ରୀ ଝିଅକୁ ନେବା ପାଇଁ ନିଜ ମନକୁ ସ୍ଥିର କରି ନେଇଥିଲେ। ଏବଂ ସେ କହିଲେ, "ଏହା ମୋର..." ସାରା କହିଲେ, "ସେ ମୋର ଭାଇ।"

ସେ କହିଲେ, "ସେ ମୋର ଭଉଣୀ।"

209 ଆଉ ଅବୀମେଲକ କହିଲେ, "ତାହାହେଲେ ମୁଁ ତାଙ୍କୁ ଏକ ପତ୍ନୀ ପାଇଁ ଗ୍ରହଣ କରିନେବି।" କଅଣ ଆପଣ ଜଣେ ବ୍ୟକ୍ତିଙ୍କୁ ସେହିପରି କାର୍ଯ୍ୟ କରୁଥିବାର କଳ୍ପନା କରିପାରନ୍ତି କି? ମାତ୍ର ସେ ତାହା କଲେ।

210 ଏବଂ ସେହି ଦିନ ରାତିରେ, ଯେତେବେଳେ ସେ ଶୋଇବାକୁ ଗଲେ, ସଦାପ୍ରଭୁ ସ୍ୱପ୍ନରେ ତାଙ୍କୁ ଦେଖା କରି, କହିଲେ, "ଅବୀମେଲକ, ତୁମେ ଜଣେ ମୃତ ଲୋକ ସଦୃଶ ଅଟ।" ସେ ସେଠାରେ ତାହାକୁ, ଯିହୁଦୀ ରକ୍ତର ସେହି ସ୍ରୋତକୁ ସୁରକ୍ଷା କରୁଥିଲେ, ଆପଣମାନେ ଦେଖନ୍ତୁ। ସେ କହିଲେ, "ତୁମେ ଜଣେ ମୃତ ଲୋକ ସଦୃଶ ଅଟ। ତୁମେ ଅନ୍ୟ ପୁରୁଷର ପତ୍ନୀକୁ ରଖିଅଛ ଯାହାକୁ ତୁମେ ବିବାହ କରିବାକୁ ସ୍ଥିର କରୁଛ।"

211 ସେ କହିଲା, "ପ୍ରଭୁ, ତୁମେ ମୋର ହୃଦୟର ଅଖଣ୍ଡତା ଜାଣ।" କହିଲା, "କଅଣ ସେ ମୋତେ କହି ନାହିଁ କି ଯେ ତାହା ତାର 'ଭାଇ' ଅଟେ? କଅଣ ସେ ନିଜେ କହି ନାହିଁ କି, 'ତାହା ମୋର ଭଉଣୀ ଅଟେ'?"

212 ସେ କହିଲେ, "ମୁଁ ତୁମର ହୃଦୟର ଅଖଣ୍ଡତା ଜାଣେ, ସେହି କାରଣରୁ ମୁଁ ତୁମକୁ ମୋ ବିରୁଦ୍ଧରେ ପାପ କରିବାକୁ ଅନୁମତି ଦେବି ନାହିଁ।" କଅଣ ଏହା ଠିକ୍? କହିଲେ, "ତାଙ୍କ ସ୍ତ୍ରୀକୁ ଫେରାଇ ଦିଅ, କାରଣ ସେହି ବ୍ୟକ୍ତି ମୋର ଭବିଷ୍ୟଦ୍‌ବକ୍ତା ଅଟେ। ଏବଂ ଯେପର୍ଯ୍ୟନ୍ତ ତୁମେ ତାଙ୍କୁ ତାଙ୍କର ପତ୍ନୀକୁ ଫେରାଇ ନ ଦିଅ...ଏବଂ ସେ ତୁମ ପାଇଁ ପ୍ରାର୍ଥନା କରନ୍ତୁ, ତୁମର ଯାଜକ ନୁହେଁ। ଯଦି ସେ ତୁମ ପାଇଁ ପ୍ରାର୍ଥନା ନ କରନ୍ତି, ତେବେ ତୁମର ସମଗ୍ର ଜାତି ବିନଷ୍ଟ ଅଟେ।" ଆମେନ୍। ସେଠାରେ ଆଶ୍ଚର୍ଯ୍ୟଜନକ ଅନୁଗ୍ରହ ଅଟେ। ଠିକ୍। "ତୁମର ସମଗ୍ର ଜାତି ବିନଷ୍ଟ ଅଟେ। ତାହା ହେଉଛି ସେହି ଲୋକର ସ୍ତ୍ରୀ, ଏବଂ ସେ ମୋର ଭବିଷ୍ୟଦ୍‌ବକ୍ତା ଅଟେ।" ଆମେନ୍। ତାହା **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ। ତାହା ଶାସ୍ତ୍ର ଅଟେ। ଠିକ୍।

213 ତେବେ ଆମେ ଜାଣିବାକୁ ପାଉ ଯେ, ମୃତ୍ୟୁ ଘଟିଥିଲା। ମୃତ୍ୟୁ ହେଉଛି ସେହି ନାରୀର ପାପର କାରଣ, ସେହି ନାରୀ ମାଧ୍ୟମରେ ଆସିଥିଲା ଓ ପୁରୁଷ ମାଧ୍ୟମରେ ନୁହେଁ। ତା'ର ଜୀବନଯାପନର ତା'ର ଶୈଳୀ ଦ୍ୱାରା, ଏବଂ ତାହା ଦ୍ୱାରା, ସମସ୍ତ ମୃତ୍ୟୁ ଆସିଥାଏ। ତା'ର ଜୀବନ ଦେବାର ଉପାୟ ହେଉଛି ମୃତ୍ୟୁ। କେତେ ଜଣ ତାହା ଜାଣନ୍ତି? ଆୟୁବ 14, ଯଦି ଆପଣ ସେହି ଶାସ୍ତ୍ରାଂଶକୁ ଲେଖିବାକୁ ଚାହାଁନ୍ତି।

214 ମୋ ପାଖରେ ଅଛି, ଯଦି ଆପଣ ଏହା ଉପରେ ପ୍ରଶ୍ନ କରନ୍ତି, ମୋ ପାଖରେ ଏହାର ପ୍ରତ୍ୟେକଟି ବିଷୟ ପାଇଁ ଶାସ୍ତ୍ରାଂଶ ଲେଖା ଅଛି।

215 ଯଦି ଆପଣ ସେଠାରେ ଆୟୁବ 14କୁ ପାଠ କରିବାକୁ ଚାହାଁନ୍ତି, ଏହା କୁହେ, "ସ୍ତ୍ରୀଜାତ ମନୁଷ୍ୟ ଅଳ୍ପାୟୁ, ଓ ଦୁଃଖରେ ପରିପୂର୍ଣ୍ଣ।" କଅଣ ଏହା ଠିକ୍ ଅଟେ? "ସେ ପୁଷ୍ପ ତୁଲ୍ୟ ପ୍ରସ୍ଫୁଟିତ ହୋଇ, କଟାଯାଏ, ମଧ୍ୟ ସେ ଛାୟା ତୁଲ୍ୟ ବହିଯାଇ ସ୍ଥିର ନ ଥାଏ," ଏବଂ ଇତ୍ୟାଦି। ବୁଝିଲେ? ସ୍ତ୍ରୀଜାତ ପ୍ରତ୍ୟେକ ମନୁଷ୍ୟ, ଆସିବା ମାତ୍ରେ ମୃତ୍ୟୁରେ ଜନ୍ମ ହୁଅନ୍ତି।

216 ମାତ୍ର ଯେତେବେଳେ ସେ ପରମେଶ୍ୱରଙ୍କ ସୃଷ୍ଟିରେ ଜନ୍ମ ହୁଅନ୍ତି, ସେ ମରିପାରନ୍ତି ନାହିଁ; ସେ ଏଦନ ବଗିଚାରେ ଥିବା ସେହି ଅନ୍ୟ ବୃକ୍ଷରୁ ଆସିଥାନ୍ତି ଯାହାକି ଖ୍ରୀଷ୍ଟ ଅଟନ୍ତି । ଅନନ୍ତ ଜୀବନ ସେହି ବୃକ୍ଷ ଦ୍ୱାରା ଆସେ ।

217 "ଓଃ," ଆପଣ କୁହନ୍ତି, "ସେ ଏକ ଗଛ ଥିଲା କି?" ନିଶ୍ଚିତ । "ତେବେ, ସେମାନେ କହିଥିଲେ, 'ତୁମେ ଏହି ଗଛରୁ ଖାଇବ ନାହିଁ।' ପରମେଶ୍ୱର, ସେଠାରେ ପଛରେ ଆଦିପୁସ୍ତକରେ କହିଥିଲେ, 'ତୁମେ ଏହି ଗଛରୁ ଖାଇବ ନାହିଁ ।'"

218 ତେବେ, ସ୍ତ୍ରୀ ହେଉଛି ସେହି ବୃକ୍ଷ । ସେ ହେଉଛି ସେହି ଫଳ ଗଛ । ଆପଣ ହେଉଛନ୍ତି ଆପଣଙ୍କର ମାତାର ଫଳ । ସେହି ଗର୍ଭର ଫଳ ହେଉଛନ୍ତି ଆପଣ । ତାହା ଠିକ୍ । ଏବଂ ତା'ପରେ ଏଦନ ବଗିଚାରେ ଥିବା, ସେହି ଜୀବନ ବୃକ୍ଷର ଫଳ, ହେଉଛନ୍ତି ଖ୍ରୀଷ୍ଟ । ସେହି ସ୍ତ୍ରୀ ଦ୍ୱାରା ମୃତ୍ୟୁ ଆସିଥିଲା; ପୁରୁଷ ମାଧ୍ୟମରେ, ମୂଳ ସୃଷ୍ଟିରେ, ଜୀବନ ଆସିଲା । ସ୍ତ୍ରୀଠାରୁ ଜାତ ହେବା ହେଉଛି ମୃତ୍ୟୁ; ଖ୍ରୀଷ୍ଟଙ୍କଠାରୁ ଜାତ ହେବା ହେଉଛି ଜୀବନ । ଧାରଣା ବୁଝିପାଇଲେ କି? ସେହିଠାରେ ହିଁ ଅଟେ ଯେଉଁଠାରେକି । ତେବେ ଆପଣମାନେ ଦେଖନ୍ତୁ ଯେ ସେହି ଦେବୀମାନେ କେଉଁଠାକୁ ଗଲେ, କଅଣ ଆପଣ ଦେଖୁ ନାହାଁନ୍ତି କି?

219 ପ୍ରଥମ ଆଦମ ଓ ହବା ଦ୍ୱିତୀୟ ଆଦମ ଓ ହବାକୁ ନିଦର୍ଶିତ କଲେ, ଦେଖନ୍ତୁ, ସେହି ବହୁଗୁଣନ । ତେବେ ଆଦମ ଓ ହବାଙ୍କର ବହୁଗୁଣନ, ପୃଥିବୀକୁ ପରିପୂର୍ଣ୍ଣ କରିବା ପାଇଁ, ଯୌନକ୍ରିୟା ମାଧ୍ୟମରେ ହୋଇଥିଲା, ମାତ୍ର ଆରମ୍ଭରେ ଏହା ସେହିପରି ନ ଥିଲା । ପରମେଶ୍ୱର କେବଳ ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀକି ସୃଷ୍ଟି କରିଥିଲେ, ଯେପରିକି ସେ ତାହାଙ୍କର ଅନ୍ୟ ପ୍ରାଣୀମାନଙ୍କୁ କରିଥିଲେ, ଦେଖନ୍ତୁ, ଆଇନଗତ, ଠିକ୍ ମଣ୍ଡଳୀ ପରି ।

220 ତେବେ ଆସନ୍ତୁ, ପରମେଶ୍ୱରଙ୍କ ଏହି ସୁପ୍ରମାଣିତ ସତ୍ୟତାଗୁଡିକୁ ଦୃଷ୍ଟିରେ ରଖି, ଯଦି ଆପଣ ଚାହାଁନ୍ତି, ଟିକିଏ ଆଗକୁ ଖୋଜିବା । [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ଠିକ୍ ଅଛି । ବର୍ତ୍ତମାନ ଏହା ଟିକିଏ ଆଘାତ ଦେଇପାରେ ଯେପର୍ଯ୍ୟନ୍ତକି ଆମେ ଏହାର ତଳ ଭାଗକୁ ନ ଆସିଯାଉ, ମାତ୍ର ମୁଁ ଆପଣଙ୍କୁ କେବଳ ଏହାର ସତ୍ୟତା ଦେଖାଇବାକୁ ଯାଉଅଛି ।

221 କୌଣସି ବି ସେବକ ଜଣେ ବିଧବାଙ୍କୁ ବିବାହ କରିପାରିବେ ନାହିଁ । କଅଣ ଆପଣ ଏହା ଜାଣିଛନ୍ତି? କଅଣ ଆପଣ ତାହା ପଢ଼ିବାକୁ ଚାହାଁନ୍ତି କି? ଠିକ୍ ଅଛି, ଆପଣ ଲେବୀୟପୁସ୍ତକ, ଲେବୀୟପୁସ୍ତକ 21:7 ଏବଂ ଯିହିଜିକଲ 44:22 ରେ ତାହା ପାଇବେ, ଏବଂ ଏହା ଆପଣଙ୍କୁ ଦେଖାଇବ ଯେ ଯାଜକତ୍ୱ ଏପରି ଜଣେ ସ୍ତ୍ରୀଲୋକଙ୍କୁ ବିବାହ କରିବା ନାସ୍ତି କରେ ଯାହାକି ଅନ୍ୟ ପୁରୁଷଙ୍କ ଦ୍ୱାରା ସ୍ପର୍ଶ ହୋଇଥାଏ । ଏହି ପ୍ରକାରଟି ଯୀଶୁ ଖ୍ରୀଷ୍ଟଙ୍କର ସେହି କୁମାରୀ କନ୍ୟା ଅଟେ, କାରଣ ସେମାନେ ପରମେଶ୍ୱରଙ୍କ ଅଗ୍ନିକୁ ପରିଚାଳନା କରିଥିଲେ, ସେହି ଯାଜକମାନେ, ହାରୋଣଙ୍କ ପୁତ୍ରମାନେ କରିଥିଲେ । ଆମ ପାଖରେ ଏହାସବୁକୁ ପଢ଼ିବାର, ଏବଂ ମଧ୍ୟାହ୍ନ ସୁଦ୍ଧା ବାହାରି ଯିବାର ସମୟ ନାହିଁ, ଆମ ପାଖରେ ଏବେ ସୁଦ୍ଧା କୋଡ଼ିଏ ମିନିଟ୍ ଅଛି । ଏବଂ ସେମାନେ ହାରୋଣଙ୍କ ପୁତ୍ରମାନେ ଅଟନ୍ତି ଯେଉଁମାନେକି ସେହି—ସେହି—

ସେହି ପରମେଶ୍ୱରଙ୍କ ଅଗ୍ନିକୁ ପରିଚାଳନା କରିଥିଲେ, ତେଣୁ ସେମାନେ ଏପରି ଜଣେ ସ୍ତ୍ରୀକୁ ବିବାହ ହୋଇପାରିବେ ନାହିଁ ଯାହାକି ଅନ୍ୟ ଜଣେ ପୁରୁଷଙ୍କ ଦ୍ୱାରା ସ୍ପର୍ଶ ହୋଇଥିଲା। ସେହି ଅପରିବର୍ତ୍ତନୀୟ ପରମେଶ୍ୱର ଏପରି କହିଥିଲେ। ସେମାନେ ଅନ୍ୟ ଜଣେ ସ୍ତ୍ରୀଲୋକଙ୍କୁ ବିବାହ କରିପାରିବେ ନାହିଁ, ଏବଂ ଏପରି ଏକ ସ୍ତ୍ରୀ ଯାହାକି ଜଣେ ପୁରୁଷଙ୍କ ଦ୍ୱାରା ସ୍ପର୍ଶ ହୋଇଥିଲା, ତାହା ଏଠାରେ ନିଦର୍ଶନରେ ଏହା ଦର୍ଶାଉଥିଲା, ଯଦି ଆପଣ ଏହାକୁ ଦେଖିବାକୁ ଚାହାଁନ୍ତି, ଯେ ଜୀବନ୍ତ ପରମେଶ୍ୱରଙ୍କ ସେହି ମଣ୍ଡଳୀଟି ନିର୍ମଳ, ବିଶୁଦ୍ଧ, ପରମେଶ୍ୱରଙ୍କ ବାକ୍ୟ ଅଟେ, ଏବଂ ଏକ ନାମଧାରୀ ସଂସ୍ଥା ନୁହେଁ ଯାହାକି ମନୁଷ୍ୟ ଦ୍ୱାରା ପରିଚାଳିତ ହୋଇଥାଏ।

222 ଧ୍ୟାନ ଦିଅନ୍ତୁ, ଆସନ୍ତୁ ଏହାକୁ ଏଠାରେ ପାଠ କରିବା। ମୁଁ ଏହାକୁ ଆପଣମାନଙ୍କ ନିକଟରେ ଆଣିବାକୁ ଚାହେଁ। ମାଥିଉ 5, ଯୀଶୁ ଏଠାରେ ଏପରି କିଛି ବିଷୟରେ କହିଲେ ଯାହାକି ପ୍ରକୃତରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଆମେ ଏହାକୁ ଦେଖିବାକୁ ଚାହୁଁ, ମାଥିଉ 5। ମୁଁ ମୋ ଠାରେ ଲେଖିଛି...

223 ମୁଁ କେତୋଟି ବିଷୟଗୁଡିକୁ ଚିହ୍ନିତ କରିଥିଲି ଯାହାକି ମୁଁ କେବଳ ପୁରୁଷମାନଙ୍କୁ କହିବାକୁ ଯାଉଥିଲି, ତେଣୁ ଆମ ଭଉଣୀମାନଙ୍କ ଆଗରେ ଏହା କହିବା ଟିକେ କଷ୍ଟକର ଥିଲା। ମାତ୍ର ବର୍ତ୍ତମାନ ତା ପୁର୍ବରୁ—ରୁ ମୁଁ ଏଠାକୁ ଯିବା ପାଇଁ ଚାହେଁ...

224 ତେବେ, ଭଉଣୀ, ମୁଁ ଆପଣଙ୍କୁ ସେହି ସ୍ଥାନରେ ରଖିବାକୁ ଚାହେଁ ଯେଉଁଠାରେ ପରମେଶ୍ୱରଙ୍କ ବାକ୍ୟ ଆପଣଙ୍କୁ ପ୍ରତିଜ୍ଞା କରିଅଛି, ଏବଂ ଆପଣ ଦେଖନ୍ତୁ ତେବେ ଆପଣ ମଧ୍ୟ, ସେହି ସ୍ଥାନରେ ରୁହନ୍ତୁ।

225 ମାଥିଉ 5:32। ମୁଁ ଚାହେଁ ଯେ ଆପଣ ଏଠାରେ, ଏହି ସମାନ "ଏକ" ଏବଂ "ଅନେକ" ର ଧାରଣାକୁ ସମର୍ଥନ କରିବା ହେତୁ ଧ୍ୟାନ ଦିଅନ୍ତୁ। ମାଥିଉ, ତିରିଶ-...ମୁଁ ଭାବୁଛି ଏହା 5:32 ଅଟେ, 31ରୁ ଆରମ୍ଭ କରିବା।

> *ଆହୁରି ଉକ୍ତ ଅଛି, ଯେକେହି ଆପଣା ସ୍ତ୍ରୀକି ପରିତ୍ୟାଗ କରେ, ସେ ତାହାକୁ ତ୍ୟାଗପତ୍ର ଦେଉ:*

226 ତାହା ଯୀଶୁ କହୁଛନ୍ତି, ସେହି ଜଣକା ଯିଏକି କହିଥିଲେ, "ଆଦ୍ୟରୁ।" ତେବେ ଦେଖନ୍ତୁ।

> *କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେକେହି ଆପଣା ସ୍ତ୍ରୀକି ବ୍ୟଭିଚାର...ଦୋଷ ବିନା ଅନ୍ୟ କାରଣରୁ ପରିତ୍ୟାଗ କରେ,* ସେ *ତାହାକୁ ବ୍ୟଭିଚାରିଣୀ କରାଏ;* ... (ଦେଖନ୍ତୁ) *ଯେକେହି ଆପଣା ସ୍ତ୍ରୀକି ବ୍ୟଭିଚାର...ଦୋଷ ବିନା ଅନ୍ୟ କାରଣରୁ ପରିତ୍ୟାଗ କରେ,* ସେ ତାହାକୁ *ବ୍ୟଭିଚାରିଣୀ କରାଏ:* (କାହିଁକି? ସେ ପୁନର୍ବାର ବିବାହ କରିବ।) *ଆଉ ଯେକେହି ପରିତ୍ୟକ୍ତା ସ୍ତ୍ରୀକି ବିବାହ କରେ ସେ ବ୍ୟଭିଚାର କରେ।*

227 ଦେଖନ୍ତୁ, ତାର ଏକ ଜୀବନ୍ତ ସ୍ୱାମୀ ଅଛି, ତେଣୁ କୌଣସି ପୁରୁଷ ତାକୁ ବିବାହ କରିପାରିବେ ନାହିଁ । ଏଥିରେ ଯାଏ ଆସେ ନାହିଁ ଯେ ସେ କ'ଣ କରେ ଏବଂ ସେ କିଏ ଅଟେ, ତାର ଏକ ଜୀବନ୍ତ ସ୍ୱାମୀ ଅଛି, ତାହା ପାଇଁ ଆଦୌ କୌଣସି କାରଣ ନାହିଁ । କିନ୍ତୁ, ଏହା ସେହି ପୁରୁଷ, ପାଇଁ ନୁହେଁ । "ତାକୁ କରାଏ," ପୁରୁଷକୁ ନୁହେଁ । ଏହାକୁ ବୁଝିଲେ କି? ଆପଣଙ୍କୁ ତ ବାକ୍ୟକୁ ନିରନ୍ତରତାରେ ରଖି ଚଲାଇବାକୁ ପଡିବ । ଦେଖନ୍ତୁ, କୌଣସି ବିଷୟ ଏହା କୁହେ ନାହିଁ ଯେ ପୁରୁଷ କରିପାରିବେ ନାହିଁ, ମାତ୍ର ସ୍ତ୍ରୀ କରିପାରିବ ନାହିଁ । ଦେଖନ୍ତୁ, "ତାକୁ କରାଏ," ପୁରୁଷକୁ ନୁହେଁ । ବାଇବଲ ଅବିକଳ ଭାବେ ଠିକ୍ ତାହାହିଁ କୁହେ, "ସ୍ତ୍ରୀକୁ କରାଏ ।" ପୁରୁଷର ପୁନର୍ବିବାହ କରିବା ବିରୁଦ୍ଧରେ ଏହା କୁହାଯାଇ ନାହିଁ, ମାତ୍ର "ସ୍ତ୍ରୀର ।" କାହିଁକି? ଖ୍ରୀଷ୍ଟ ପ୍ରତିରୂପରେ ଅଟନ୍ତି ।

228 ଧ୍ୟାନ ଦିଅନ୍ତୁ, ଏହା କୁହାଯାଇଛି ଯେ ସେ ପୁନର୍ବାର ବିବାହ କରିପାରିବେ ନାହିଁ, କେବଳ ଜଣେ କୁମାରୀକୁ । ସେ ପୁନର୍ବାର ବିବାହ କରିପାରିବେ । ସେ କରିପାରିବେ ବିବା-...ଯଦି ତାହା କୁମାରୀ ଅଟନ୍ତି ତେବେ ସେ ପୁନର୍ବାର ବିବାହ କରିପାରନ୍ତି, ମାତ୍ର ସେ ଅନ୍ୟର ପତ୍ନୀଙ୍କୁ ବିବାହ କରିପାରିବେ ନାହିଁ । କୌଣସି ମତେ ନୁହେଁ । ଏବଂ ଯଦି ସେ ଜଣେ ଛାଡପତ୍ର ପାଇଥିବା ସ୍ତ୍ରୀଲୋକଙ୍କୁ ବିବାହ କରନ୍ତି, ତେବେ ସେ ବ୍ୟଭିଚାରରେ ଜୀବନ ଯାପନ କରୁଛନ୍ତି, ମୋର ଯାଏ ଆସେ ନାହିଁ ଯେ ସେ କିଏ ଅଟନ୍ତି । ବାଇବଲ କୁହେ, "ଆଉ ଯେକେହି ପରିତ୍ୟକ୍ତା ସ୍ତ୍ରୀକି ବିବାହ କରେ, ସେ ବ୍ୟଭିଚାର କରେ ।" ସେଠାରେ ଆପଣମାନେ ଅଟନ୍ତି, ଛାଡପତ୍ର ପରିତ୍ୟକ୍ତା କୌଣସି ମତେ ନୁହେଁ ।

229 ସେହି ମୂଳକୁ ସେଠାରେ ଦେଖନ୍ତୁ, "ଆଦ୍ୟରୁ," ବର୍ତ୍ତମାନ? ପୁନର୍ବିବାହ, ତେବେ ଧ୍ୟାନ ଦିଅନ୍ତୁ, ପୁରୁଷ କରିପାରିବେ, କିନ୍ତୁ ସ୍ତ୍ରୀ କରିପାରିବ ନାହିଁ । ଦାଉଦଙ୍କ ପରି, ଶଲୋମନଙ୍କ ପରି, ସମଗ୍ର ବାଇବଲର ନିରନ୍ତରତା ପରି, ତେବେ, ଦାଉଦ ଏବଂ ଅବଶିଷ୍ଟ ଅନ୍ୟମାନଙ୍କ ପରି ।

230 ବର୍ତ୍ତମାନ ଆପଣ ପ୍ରଥମ କରିନ୍ଥୀୟ 7:10 ରେ ଲକ୍ଷ୍ୟ କରନ୍ତୁ, ଧ୍ୟାନ ଦିଅନ୍ତୁ, ପାଉଲ ସେହି ପତ୍ନୀଙ୍କୁ ଆଜ୍ଞା ଦିଅନ୍ତି, ଯିଏକି ତାର ସ୍ୱାମୀଙ୍କୁ ତ୍ୟାଗପତ୍ର ଦିଏ, ସେ ଆଉ ବିବାହ ନ କରୁ କିମ୍ବା ଆପଣା ସ୍ୱାମୀ ସହିତ ମିଳିତ ହେଉ, ମାତ୍ର ପୁନଃବିବାହ ନ କରୁ । ତାକୁ ଅବିବାହିତ ରହିବାକୁ ଅଛି, କିମ୍ବା ତାଙ୍କ ସ୍ୱାମୀଙ୍କ ସହିତ ମିଳିତ ରହିବାକୁ ଅଛି । ସେ ପୁନର୍ବାର ବିବାହ କରିପାରିବେ ନାହିଁ । ତାକୁ ନିଶ୍ଚୟ ଅବିବାହିତ ରହିବାକୁ ଅଛି, କିନ୍ତୁ, ଧ୍ୟାନ ଦିଅନ୍ତୁ, ସେ ପୁରୁଷ ବିଷୟରେ କେବେବି କହିଲେ ନାହିଁ । ଦେଖନ୍ତୁ, ଆପଣ ବାକ୍ୟକୁ ମିଥ୍ୟା କରିପାରିବେ ନାହିଁ । "ଆଦ୍ୟରୁ," ବହୁବିବାହ ଦ୍ୱାରା ଯୌନ ନିୟମ । ତେବେ, ପରମେଶ୍ୱରଙ୍କ ବାକ୍ୟ ପରମେଶ୍ୱରଙ୍କ ପ୍ରକୃତି ସହିତ ସତ୍ୟ ଭାବରେ ଗତି କରେ, ନିରନ୍ତରତା ସହିତ କରେ ।

231 ଦେଖନ୍ତୁ ଯେ ତାହା ଉପରେ, ଗୋଟିଏ ବିଚାରଧାରାର ବିଦ୍ୟାଳୟ କିପରି ପୂର୍ବକୁ ଚାଲିଗଲା, ଏବଂ ଅନ୍ୟଟି ପଶ୍ଚିମ ଦିଗକୁ ଚାଲିଗଲା? ଆପଣଙ୍କୁ ତ ସତ୍ୟତା ନିକଟକୁ ଫେରି ଆସିବାକୁ ଅଛି, ଏହା ଜାଣିବା ପାଇଁ ଯେ ତାହା କଅଣ ଅଟେ ।

232 ଏହା ସର୍ବଦା ସେହିଭଳି ହିଁ ରହିଛି, ତାହା ଆରମ୍ଭରୁ ହିଁ ପରମେଶ୍ୱରଙ୍କ ସହିତ ଧାରାପ୍ରବାହ ନିୟମ ଅଟେ । *ପ୍ରଥମେ*, ଆରମ୍ଭ ପୂର୍ବରୁ, ଆରମ୍ଭରୁ କେବଳ ଗୋଟିଏ ଏବଂ ଗୋଟିଏ ହିଁ ଥିଲା । ପାପ ଆସିବା *ଉତ୍ତାରେ*, ତାହାପରେ ସେଠାରେ ଜଣେ ପୁରୁଷ ଏବଂ ଦଳେ ସ୍ତ୍ରୀଲୋକ ହେଲେ; ପ୍ରକୃତିରେ ସେହି ଉପାୟରେ ହିଁ ଚାଲେ, ପ୍ରତ୍ୟେକ ପ୍ରାଣୀ, ଏବଂ ମଣିଷ ମଧ୍ୟରେ ଏବଂ ପ୍ରାକୃତିକ ଶରୀର ପଶୁ ହିଁ ଅଟେ । ଆମେ ସ୍ତନ୍ୟପାୟୀ, ଆମେ ଜାଣୁ ଯେ, ଆମେ ସମସ୍ତେ, ଦେଖନ୍ତୁ, ଏବଂ ଏହାସବୁ ପରମେଶ୍ୱରଙ୍କର ପ୍ରକୃତି ନିରନ୍ତରତାରେ ଅଟେ ।

233 କିନ୍ତୁ ବର୍ତ୍ତମାନ ଯେ ମୁଦ୍ରାଗୁଡିକ ଫିଟା ଯାଇଅଛି, ସେହି ସତ୍ୟର ଆତ୍ମା ଆମକୁ ବାକ୍ୟ ଆଡ଼କୁ ନିର୍ଦ୍ଦେଶିତ କରୁଛନ୍ତି । ତାହା ଏହି ବିଷୟକୁ ବ୍ୟାଖ୍ୟା କରେ ଯେ ଯୁଗ ଯୁଗଧରି ଏହି ସମସ୍ତ ତ୍ରୁଟି କାହିଁକି ରହିଆସିଛି, କାରଣ ମୁଦ୍ରାଗୁଡିକ ଫିଟା ଯାଇ ନ ଥିଲା, ଏହା ପ୍ରକାଶିତ ହୋଇ ନ ଥିଲା । ଏହା ସତ୍ୟ ଅଟେ ।

234 ଧ୍ୟାନ ଦିଅନ୍ତୁ, ଯେ ଆପଣ, ଆପଣ ଛାୟାଗୁଡ଼ିକୁ ବିଫଳ କରିପାରନ୍ତି ନାହିଁ । ଗତକାଲି ରାତି ଯେପରି ମୁଁ ଆପଣମାନଙ୍କୁ ଭୂମି ଉପରେ ଛାଇ ପଡିବା ବିଷୟରେ ପ୍ରଚାର କରିଥିଲି, ଏହାକୁ ସଠିକ୍ ଭାବରେ ଆସିବାକୁ ଅଛି । କିପରି ଭାବରେ ଚଟାଣରେ ଏକ ହାତୀର ଛାଇ ହୋଇପାରେ, ଏବଂ ଏକ ସାନ ଆକୃତି ବିଶିଷ୍ଟ, ପତଳା ମଣିଷ ହାତୀ ଭାବରେ ବାହାରକୁ ଆସେ, କିମ୍ବା ହାତୀ ଭାବରେ ଏକ ସାନ ଆକୃତି ବିଶିଷ୍ଟ, ପତଳା ମଣିଷ ବାହାରି ଆସେ?

235 ତେବେ ଯଦି ଆପଣ ଏହାକୁ ସଂପୂର୍ଣ୍ଣ ପ୍ରତିଚିତ୍ରଣରେ ଧ୍ୟାନ ଦେବେ ।

236 ତେବେ, ଜଣେ ପ୍ରକୃତ ସ୍ତ୍ରୀ, ଜଣେ ପ୍ରକୃତ ନାରୀ, କୁମାରୀ, ଯିଏକି ତାର ସ୍ୱାମୀଙ୍କୁ ବିବାହ କରେ, ଏବଂ ଜୀବନ ଯାପନ କରେ, ଏବଂ ସେ ପୁରୁଷ ପାଇଁ ଏକ ଆଶୀର୍ବାଦର ବିଷୟ ଅଟେ । ଯଦି ପରମେଶ୍ୱର ତାଙ୍କର ପୁତ୍ରକୁ ଏକ ପତ୍ନୀ ଅପେକ୍ଷା କୌଣସି ଅଧିକ ଉତ୍ତମ ଜିନିଷ ଦେଇପାରିଥାନ୍ତେ, ତେବେ ସେ ତାକୁ ତାହା ହିଁ ଦେଇଥାନ୍ତେ ।

237 ମାତ୍ର ସେହି ସ୍ତ୍ରୀ ଏକ ଯୌନ କାର୍ଯ୍ୟ ପାଇଁ ପରିକଳ୍ପିତ ଅଟେ, ଆଉ ଅନ୍ୟ କୌଣସି ପ୍ରାଣୀ ସେହିପରି ଭାବରେ ପରିକଳ୍ପିତ ନୁହେଁ । ପୃଥିବୀର ଅନ୍ୟ କୌଣସି ପ୍ରାଣୀ ସେହିପରି ପରିକଳ୍ପିତ ନୁହେଁ । ତାହା ହିଁ ସେହି କାରଣ ଯେ ଆପଣ ବହୁବିବାହ ଦେଖନ୍ତି, ସେହି କାରଣ ଯୋଗୁଁ । ତାହା ହିଁ ଅଟେ ଯାହାକି ତାକୁ ଭିତରକୁ ଆଣିଲା ।

238 ତେବେ ଦେଖନ୍ତୁ, ଅନ୍ତିମ ବିଶ୍ଳେଷଣରେ, ଦେଖନ୍ତୁ, ସେଠାରେ ଜଣେ ଯୀଶୁ ଖ୍ରୀଷ୍ଟ ଅଛନ୍ତି (କଅଣ ଏହା ଠିକ୍?), ଜଣେ ମଣିଷ, ପରମେଶ୍ୱର, ଇମ୍ମାନୁୟେଲ୍ । କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? କିନ୍ତୁ ତାହାଙ୍କ ପତ୍ନୀଙ୍କର ସଦସ୍ୟମାନେ ଅନେକେ, ଦେଖନ୍ତୁ, ହଜାର ଗୁଣନ ହଜାର ହଜାର (କଅଣ ଏହା ଠିକ୍?), ତାହାଙ୍କ ପତ୍ନୀ, ସେହି କନ୍ୟା, ସେହି ମଣ୍ଡଳୀ । କଅଣ ଆପଣ ବର୍ତ୍ତମାନ ବୁଝୁଛନ୍ତି?

239 ସେଥିପାଇଁ ସେ ଆଦମଙ୍କୁ କହିଲେ, ଏହା ପୂର୍ବେକି ଯୌନ ସମ୍ପର୍କ କଦାପି ମତେଇଥାନ୍ତା କିମ୍ବା ପ୍ରଥମେ ଅଣା ଯାଇଥାନ୍ତା, "ପୃଥିବୀକୁ ପରିପୂର୍ଣ୍ଣ କରିବା ପାଇଁ, ବହୁଗୁଣିତ ହୁଅ,"

ଯେତେବେଳେକି ସେ ଏବେ ସୁଦ୍ଧା ଆରମ୍ଭରେ ଥିଲେ, ଯେତେବେଳେକି ସେ ଏବେ ସୁଦ୍ଧା ନିଜେ ଉଭୟ ପୁରୁଷ ଏବଂ ସ୍ତ୍ରୀ ଥିଲେ। ସେଠାରେ, ସେତେବେଳେ ତାହା ଦର୍ଶାଏ ଯେ ସେହି କନ୍ୟାକୁ ବାକ୍ୟରୁ ଆସିବାକୁ ଅଛି, ଆତ୍ମିକ ବହୁଗୁଣନ ଦ୍ଵାରା, ବହୁଗୁଣନ କରିବା ଦ୍ଵାରା, ଦେଖନ୍ତୁ, ପୃଥିବୀକୁ ପରିପୂର୍ଣ୍ଣ କରିବାକୁ ଅଛି।

240 ତେବେ ଯୌନ କ୍ରିୟାରେ, ଦେଖନ୍ତୁ, ସେହି ବିଚାରଧାରାର ବିଦ୍ୟାଳୟଗୁଡ଼ିକ ସେହି ଦୁଇଟି ବିଷୟକୁ ମିଶ୍ରିତ କରି ପକାଇଲେ। ଏଣୁ ଆପଣ ଏହା କରିପାରନ୍ତି ନାହିଁ, ଆପଣଙ୍କୁ ତ ଏହାକୁ ତାହାର ସତ୍ୟତା ନିକଟକୁ ଫେରାଇ ଆଣିବାକୁ ଅଛି, "ଆଦ୍ୟରେ।"

241 ଏବଂ ଶେଷରେ ସେଠାରେ ଜଣେ ପ୍ରଭୁ ଯୀଶୁ ରହିବେ, ଏବଂ ତାହାଙ୍କର ଅନେକେ କନ୍ୟା, ଏକକ ଭାବରେ ହେବେ। କଅଣ ଆପଣ ଏହା ବୁଝିଲେ କି? ସେଠାରେ ଜଣେ ଦାଉଦ, ଜଣେ ରାଜା (ପରମେଶ୍ଵରଙ୍କ ନିଜ ମନର ମତ) ଗୋଟିଏ ସିଂହାସନରେ ପାଞ୍ଚ ଶହ ପତ୍ନୀଙ୍କ ସହ ଥିଲେ। ସହସ୍ରାବ୍ଦୀରେ ଯୀଶୁ ତାହାଙ୍କ ସିଂହାସନରେ (ହାଲ୍ଲେଲୁୟା!), ଜଣେ ପତ୍ନୀଙ୍କ ସହିତ ବସିବେ; ଯେପରିକି ତାହା ଆଦ୍ୟରେ ଥିଲା, ପୃଥିବୀରୁ ସୃଷ୍ଟି ହୋଇଥିଲା, ପୁନରୁତ୍‌ଥାନରେ, ସର୍ବଶକ୍ତିମାନ୍ ପରମେଶ୍ଵରଙ୍କ ହସ୍ତ ଦ୍ଵାରା, ଅନେକ ସଦସ୍ୟଙ୍କର ସୃଷ୍ଟି ହେବ। ସେଠାରେ ଆପଣ ଅଛନ୍ତି।

242 ସ୍ତ୍ରୀଲୋକମାନେ, ତାହା ହେବା ପାଇଁ ସଂଘର୍ଷ କରନ୍ତୁ, ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତୁ, ତାହାପରେ ଆପଣ ସେଠାକାର ସେହି ଅପରିଷ୍କାର ବିଶୃଙ୍ଖଳା ଭିତରେ ରହିବେ ନାହିଁ। ମାତ୍ର ଯେପର୍ଯ୍ୟନ୍ତ ଆପଣ କେବଳ ଜଣେ ମଣ୍ଡଳୀର ସଦସ୍ୟ ହୋଇ ନିଜେ, ନୈତିକ ଏବଂ ଉତ୍ତମ ଭାବେ ଜୀବନଯାପନ କରିବାକୁ ଚେଷ୍ଟା କରନ୍ତି, ଆପଣ ଏହାକୁ କଦାପି କରି ପାରିବେ ନାହିଁ। କିଅବା କୌଣସି ଜଣେ ବ୍ୟକ୍ତି ଏହାକୁ ଖ୍ରୀଷ୍ଟଙ୍କ ବାହାରେ କରିପାରିବେ ନାହିଁ। ଯେପରିକି ପାଉଲ କହିବାକୁ ଗଲେ, "ମାତ୍ର ସେଠାରେ, ଖ୍ରୀଷ୍ଟଙ୍କଠାରେ, କେହି ପୁରୁଷ କିମ୍ବା ସ୍ତ୍ରୀ ନୁହଁନ୍ତି।" ସେମାନେ ସମସ୍ତେ ସମାନ ଅଟନ୍ତି।

243 ମାତ୍ର ଏହି *ବିବାହ ଏବଂ ଛାଡପତ୍ର* ବିଷୟକୁ ସଳଖ କରିବା ପାଇଁ, ଯେପରିକି ଆପଣ ଏହା ଜାଣିପାରନ୍ତି ଯେ କେଉଁଟି ଠିକ୍ ଏବଂ କେଉଁଟି ଭୁଲ୍, ବର୍ତ୍ତମାନ ସେ ଏଠାରେ ଏହାକୁ ସ୍ପଷ୍ଟ ଭାବରେ ପ୍ରତିରୂପରେ ଦେଖାଉ ଅଛନ୍ତି। ଜଣେ ଖ୍ରୀଷ୍ଟ ଅଛନ୍ତି, ଏବଂ ସେହି ପତ୍ନୀଙ୍କର ଅନେକ ସଦସ୍ୟ ଅଛନ୍ତି। ଧ୍ୟାନ ଦିଅନ୍ତୁ, ଯେ ସେ ଯେକୌଣସି ସମୟରେ ତାହାଙ୍କ ଇଚ୍ଛା ଅନୁସାରେ, ଆମମାନଙ୍କୁ ଆତ୍ମିକ ବ୍ୟଭିଚାର ଏବଂ ଭଣ୍ଡ ଶିକ୍ଷା ପାଇଁ ପରିତ୍ୟାଗ କରି ଦେଇପାରନ୍ତି; ମାତ୍ର ଆପଣ ତାହାଙ୍କୁ ପରିତ୍ୟାଗ କରି ଏହା ପାଇଯିବେ ବୋଲି, ଚେଷ୍ଟା କରିବାକୁ କିପରି ସାହସ କରୁଛନ୍ତି? ପୁରୁଷ ନିଜ ପତ୍ନୀକୁ ପରିତ୍ୟାଗ କରି ଅନ୍ୟ ଜଣକୁ ବିବାହ କରିପାରିବ; ମାତ୍ର ସେହି ସ୍ତ୍ରୀ ନିଜ ସ୍ଵାମୀକୁ ପରିତ୍ୟାଗ କରି ଅନ୍ୟ ଜଣକୁ ବିବାହ କରିପାରିବ ନାହିଁ। କଅଣ ସମସ୍ତ ଛାୟାଗୁଡିକୁ ଏବଂ ପ୍ରତିରୂପଗୁଡିକୁ ସଂପୂର୍ଣ୍ଣ ଭାବେ ସନ୍ତୁଳିତ ରହିଥିବାର ଦେଖୁଛନ୍ତି? ମୂଳ ସୃଷ୍ଟିକୁ ଦେଖନ୍ତୁ; କୌଣସିଠାରେ ସେହି ଉପ-ଉତ୍ପାଦକୁ ନୁହେଁ। ସେହି ମଣ୍ଡଳୀକୁ ନୁହେଁ; ବାକ୍ୟ

ମାଧ୍ୟମରେ ସେହି କନ୍ୟାକୁ । ସେହି ସ୍ତ୍ରୀ ନୁହେଁ, ପ୍ରତ୍ୟେକ ଥର, ସେହି ପୁରୁଷ । ସେଇଥିପାଇଁ ଏହା ସେହି ପୁରୁଷ କରୁଥିବା ବିରୁଦ୍ଧରେ କଦାପି କିଛି କୁହେ ନାହିଁ; ଏହା ସର୍ବଦା ସେହି ସ୍ତ୍ରୀ ହିଁ ଅଟେ । ତାହା ଅବିକଳ ଠିକ୍ ।

244 ମାତ୍ର ସେ ଖ୍ରୀଷ୍ଟଙ୍କ କନ୍ୟା, ତାହା ହେବା ଦ୍ୱାରା ହୋଇପାରନ୍ତି...ଏବଂ ମନେରଖନ୍ତୁ, ଯେ ସେ ଜଣେ ପୁରୁଷର ଅଂଶ ହୋଇଥିବାରୁ, ବାଇବଲ କୁହେ ଯେ ସେ କରିପାରେ-... "ତଥାପି ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ, ଅବା କର୍ତ୍ତାପଣ କରିବା ପାଇଁ ଅନୁମତି ଦେଇ ନାହିଁ, ବରଂ ନୀରବ ହୋଇ ରହିବାକୁ ଆଜ୍ଞା ଦେଇଛି । କାରଣ ପ୍ରଥମେ ଆଦମ ସୃଷ୍ଟି ହେଲେ, ଏବଂ ପରେ ହବା । ଆଉ ଆଦମ ପ୍ରତାରିତ ହୋଇ ନ ଥିଲେ, କିନ୍ତୁ ସେହି ଉପ-ଉତ୍ପାଦ ପ୍ରତାରିତ ହୋଇଥିଲେ । ତଥାପି ସେ ଉଦ୍ଧାରପ୍ରାପ୍ତ ହେବ *ଯଦି* ସେ ପବିତ୍ରତା ଏବଂ ଗାମ୍ଭୀର୍ଯ୍ୟରେ, ଏବଂ ସନ୍ତାନ ପ୍ରସବରେ, ଏବଂ ଏହିପରି ସମସ୍ତ କାର୍ଯ୍ୟରେ ଲିପ୍ତ ରହିବ," କାରଣ ତା'ପରେ ଯାଇ ସେ ଏହି ପୁରୁଷର ଏକ ଅଂଶ ବିଶେଷ ହୁଏ । ତାହା ହିଁ ନେଇକି ଆସେ...

245 ଅବ୍ରହାମ କାହିଁକି କଲେ ନାହିଁ...ପରମେଶ୍ୱର କାହିଁକି ସାରାକୁ ସେଠାରେ ମାରି ଦେଲେ ନାହିଁ ଯିଏକି ସେଠାରେ ବସି ଥାଇ, ଅସ୍ୱୀକାର କଲା, ଏବଂ ପରମେଶ୍ୱରଙ୍କ ଠିକ୍ ସମ୍ମୁଖରେ ହିଁ ମିଛ କହିଲା? ସେଠାରେ ଏକ ମର୍ତ୍ତ୍ୟ ମଣିଷ ଭାବରେ ବସି, ମାଂସ ଖାଇଥିଲେ, ରୋଟି ଖାଇଥିଲେ, କ୍ଷୀର ପିଇଥିଲେ, ଏବଂ ସେ କହିଲେ, "ସାରା ସେଠାରେ ପଛରେ କାହିଁକି ହସିଲା," ତାଙ୍କ ପଛରେ ଥିବା, ତମ୍ବୁରେ ଥିଲେ, ସେ ସାରାଙ୍କୁ କଦାପି ଦେଖି ନ ଥିଲେ, "ଏହା କହିଥିଲେ ଯେ, 'ଏହି ବିଷୟଗୁଡିକ କିପରି ହୋଇପାରେ?'"

246 ସାରା କହିଲା, "ମୁଁ ଏହା କେବେ କହି ନାହିଁ!" ଓଃ, ଉଃ, ମୋର ପ୍ରଭୁ! ପରମେଶ୍ୱରଙ୍କୁ, ତାଙ୍କ ମୁଖରେ କହିବା ଯେ ସେ ମିଥ୍ୟାବାଦୀ ଅଟନ୍ତି? ମାତ୍ର ସେ ତାଙ୍କର ପ୍ରାଣ ନେଇ ପାରିଲେ ନାହିଁ । କାହିଁକି? ସେ ଅବ୍ରହାମଙ୍କର ଏକ ଅଂଶ ଥିଲା । ଆମେନ୍ । ସେ ଅବ୍ରହାମଙ୍କୁ ଆଘାତ ନ କରି ତାଙ୍କୁ ଆଘାତ କରିପାରିବେ ନାହିଁ ।

247 ତେବେ ଆପଣ ସ୍ତ୍ରୀଲୋକମାନେ ଦେଖନ୍ତୁ ଯେ ଆପଣ କେଉଁଠାରୁ ଅଟନ୍ତି । ଏବଂ ବାଇବଲ କୁହେ "ତୁମେ ସ୍ତ୍ରୀଲୋକମାନେ ସାରାଙ୍କ ପରି ହୁଅ, ଯିଏକି ଆପଣାକୁ ଶାଳୀନ ପୋଷାକରେ ସୁସଜ୍ଜିତ କରିଥିଲା, ତାର ନିଜ ସ୍ୱାମୀଙ୍କ ପ୍ରତି ସଚ୍ଚୋଟ ଏବଂ ବିଶ୍ୱସ୍ତ ରହିଥିଲା, ତାଙ୍କୁ ଏତେ ପ୍ରେମ କରୁଥିଲା ଯେ ସେ...ସେ ତାଙ୍କୁ ନିଜର 'ପ୍ରଭୁ'" ଡାକିଥିଲା, କର୍ତ୍ତୃତ୍ୱକାରୀ, କର୍ତ୍ତାପଣ ।

248 ଏବଂ ଆପଣ, ସ୍ତ୍ରୀଲୋକମାନଙ୍କ ମଧ୍ୟରୁ କେତେକ, ଏହି ଖରାପ ପୋଷାକଗୁଡିକ ପିନ୍ଧନ୍ତି ଏବଂ ପୁରୁଷମାନଙ୍କ ଆଗରେ ନିଜକୁ ଦେଖାଇ ହେବାକୁ ଏଠାକୁ ବାହାରନ୍ତି । ଯୀଶୁ କହିଲେ, "ଯେକେହି କୌଣସି ସ୍ତ୍ରୀକୁ କାମୁକ ଦୃଷ୍ଟିରେ ଦେଖେ ନିଜ ହୃଦୟରେ ତା ସହିତ ବ୍ୟଭିଚାର କରିସାରିଛି ।" ତେବେ ଦୋଷୀ କିଏ, ସେହି ପୁରୁଷ ନା ଆପଣ? ସେ ଜଣେ ପୁରୁଷ,

ସେହିପରି ନିର୍ମିତ ହୋଇଅଛି ଯେପରିକି ସେ ଏହି କ୍ରିୟାକୁ କରିପାରନ୍ତି, ଦେଖନ୍ତୁ; ଏବଂ ଆପଣ ସେହି ସ୍ତ୍ରୀ ଅଟନ୍ତି, ଯିଏକି ମନା କରିବା ଉଚିତ୍ ।

249 ଏବଂ ଆପଣ ନିଜକୁ ବାହାରେ ସେହିପରି କାହିଁକି ଉପସ୍ଥାପିତ କରନ୍ତି? ଏହା ଆରାମ ପାଇଁ ନୁହେଁ, ଆପଣ ଜାଣନ୍ତି ଯେ ତାହା ହୋଇପାରେ ନାହିଁ, ଯେତେବେଳେକି ଆପଣ ସେହି ଛୋଟ ପେଣ୍ଟ ପିନ୍ଧିବା ସହ ଥଣ୍ଡାରେ ଅଧା ଜମିକି ମରିଯିବେ । ଦେଖନ୍ତୁ, ଆରାମ ପାଇଁ ହୋଇପାରେ ନାହିଁ । ତେବେ ଏହା କଅଣ ପାଇଁ ଅଟେ? ଏହା ଅଶୁଚିତା ପାଇଁ ଅଟେ! ଆପଣ ଏହାକୁ ସ୍ୱୀକାର କରିବେ ନାହିଁ, ମାତ୍ର ଏହା ତ ବାଇବଲ ସେହିପରି ହି କୁହେ । ଏହା ସତ୍ୟ ଅଟେ । ଏହା ତ ଏକ ଅଶୁଚି ଆତ୍ମା ଅଟେ ଯାହାକି ଆପଣଙ୍କ ଭିତରେ ଅଛି । ଆପଣ ଅଶୁଚି ହେବାକୁ ଚାହାଁନ୍ତି ନାହିଁ; ମାତ୍ର ଆପଣ ଅନୁଭବ କରୁନାହାଁନ୍ତି, ଆତ୍ମିକ ଭାବରେ ଆପଣ ଅଶୁଚି ଅଟନ୍ତି, କାରଣ ଆପଣ ନିଜକୁ ଅଶୁଚି ଭାବରେ ଉପସ୍ଥାପନ କରୁଛନ୍ତି ।

250 ତେବେ, ଜଣେ ପୁରୁଷ, ତାଙ୍କର ପୁରୁଣା, ମଇଳା, ଗଣ୍ଠି ଆଣ୍ଠୁ, ଏବଂ ଯଦି ସେ କୌଣସି ପୋଷାକ ପିନ୍ଧି ବି ନ ଥାନ୍ତି, ତେବେ କିଛି ଫରକ୍ ପଡ଼େ ନାହିଁ, ତାଙ୍କ ଶରୀର ପ୍ରଲୋଭନକାରୀ ନୁହେଁ । କାହିଁକି? ସେ ମୂଳ ସୃଷ୍ଟିରେ ଥିଲେ, ଚରିତ୍ର; ରହିବା ଉଚିତ, ଦେଖନ୍ତୁ । କିନ୍ତୁ, ପ୍ରଲୋଭନ କରିବା ହେତୁ, ଆପଣ ଉପ-ଉତ୍ପାଦ ଅଟନ୍ତି ।

251 ପରମେଶ୍ୱର, ଦୟା କର! ହେ ମୋର ପ୍ରଭୁ, ଏହି ପାପପୂର୍ଣ୍ଣ ଜଗତ! ଯେତେବେଳେ ଏହା ସମାପ୍ତ ହେବ ମୁଁ ଖୁସି ହେବି ।

252 ଧ୍ୟାନ ଦିଅନ୍ତୁ, ସେ ଯେକୌଣସି ସମୟରେ ଚାହିଁବେ ନିଜ ପତ୍ନୀଙ୍କୁ ପରିତ୍ୟାଗ କରିପାରନ୍ତି, ମାତ୍ର ସେହି ସ୍ତ୍ରୀ ତାଙ୍କୁ ପରିତ୍ୟାଗ କରିପାରିବ ନାହିଁ; ସେ ମୋତେ ତିଆରି କରିପାରନ୍ତି, ସେ ଯେକୌଣସି ସମୟରେ ଚାହିଁଲେ ଧାରଣା ନେଇ ମୋତେ ଧୂଳିରେ ପକାଇ ପାରନ୍ତି, କିନ୍ତୁ, ହେ, ଭାଇ, ଉତ୍ତମ ହେବ ଯେ ମୁଁ ତାହାଙ୍କୁ ସେଠାରେ କେବେହେଲେ ପକାଇବାକୁ ଚେଷ୍ଟା ନ କରେ, ମୁଁ ବିନଷ୍ଟ ଅଟେ ।

253 ଶଲୋମନ ଯେକୌଣସି ଅବିବାହିତ ସ୍ତ୍ରୀଙ୍କୁ ବିବାହ କରିପାରନ୍ତି, ସେ ଯେକୌଣସି ସ୍ତ୍ରୀଙ୍କୁ ଚାହାଁନ୍ତି ତାହାକୁ ବିବାହ କରିପାରନ୍ତି । ଜଣେ ଯାଜକ କେବଳ ଏପରି ଜଣେ ସ୍ତ୍ରୀଙ୍କୁ ବିବାହ କରିପାରିବେ ଯାହାକି କୁମାରୀ ଅଟେ । ଶଲୋମନ...

254 ଯେପରିକି ଦାଉଦ, ସେ (ତାହାର ନାମ କଅଣ ଥିଲା?) ଅବୀଗଲଙ୍କୁ ବିବାହ କଲେ । ଯେଉଁଠିରେ, ଜଣେ ବ୍ୟକ୍ତି ଥିଲେ ଯାହାକୁ ଏକ "ମୂର୍ଖ" ବୋଲି ଡକା ଯାଉଥିଲା, ଏବଂ ସେ ମରିଗଲେ, ତାଙ୍କର ଏକ ଉତ୍ତମ ପତ୍ନୀ ଥିଲା । ଆଉ ଅବୀଗଲ ଦାଉଦଙ୍କୁ ବିବାହ କଲେ; ସେ ଜଣେ ରାଜା ଥିଲେ, ଯାଜକ ନୁହଁନ୍ତି, ଦେଖନ୍ତୁ, ତେଣୁ ସେ—ସେ ବିବାହ କଲେ ।

255 ମାତ୍ର ଜଣେ ଯାଜକ ତାହା କରିପାରିବେ ନାହିଁ, କାରଣ ସେ ଛୁଇଁଥିଲେ କିମ୍ବା ତାଙ୍କ ପତ୍ନୀ ନିମନ୍ତେ ଜଣେ ଏପରି ସ୍ତ୍ରୀକୁ ଗ୍ରହଣ କରୁଥିଲେ ଯାହାକି ପୂର୍ବରୁ କୌଣସି ପୁରୁଷଙ୍କ ପତ୍ନୀ ଥିଲା । ତେଣୁ ତାହା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀର କୁମାରୀତ୍ୱକୁ ଦର୍ଶାଏ, ସେହି କନ୍ୟାକୁ ବିଶୁଦ୍ଧ

ହେବାକୁ ଅଛି, ସେହି ବାକ୍ୟ, ଗୋଟିଏ ବି ବାକ୍ୟ ଏଆଡେ ସେଆଡେ ଲୋପ ହେବାର ନାହିଁ। ନିଶ୍ଚିତ ଭାବରେ। କଅଣ ଆପଣ ଏପରି ଏକ ସଠିକ୍ କନ୍ୟାର କଳ୍ପନା କରିପାରନ୍ତି, ଯାହାର ଗୋଟିଏ ସ୍ତନ ନ ଥାଏ, ଏବଂ ଅନ୍ୟଟି, କୌଣସି କିଛି ବିଷୟ ଭୁଲ୍ ଥାଏ, ଆପଣ ଜାଣନ୍ତି? ତାହା ଖ୍ରୀଷ୍ଟଙ୍କ କନ୍ୟା ହେବାକୁ ଯାଉ ନାହିଁ। ସେ ତ ସିଦ୍ଧ ଅଟେ। ସେ ସମସ୍ତକିଛି ବାକ୍ୟ ଅଟେ, ଗୋଟିଏ ହେଲେ ବାକ୍ୟ କୌଣସିଠାରେ ବିଫଳ ହେବ ନାହିଁ। ନା।

256 ଧ୍ୟାନ ଦିଅନ୍ତୁ, ଯେ ସେ ତାକୁ ପରିତ୍ୟାଗ କରିପାରନ୍ତି, କିନ୍ତୁ ସେହି ସ୍ତ୍ରୀ ତାଙ୍କୁ ପରିତ୍ୟାଗ କରିପାରେ ନାହିଁ। ସେ ଏହା କରିଛନ୍ତି, ଏହାକୁ ପ୍ରମାଣ କରିଛନ୍ତି, ସେହି ଦିନରେ ଯେଉଁ ଦିନରେକି ଲୁଥର୍, ୱେସଲି, ଏବଂ ପେଣ୍ଟିକଷ୍ଟ, ଯେତେବେଳେ ସେମାନେ ଆତ୍ମିକ ଯୌନ ସମ୍ପର୍କ ଦ୍ୱାରା ବାକ୍ୟର ପରବର୍ତ୍ତୀ ଅଂଶ ସହିତ ଗର୍ଭବତୀ ହେବା ପାଇଁ ତାହାଙ୍କର ପରବର୍ତ୍ତୀ ଅଂଶ ହେବାକୁ ମନା କରିଦେଲେ। କଅଣ ଆପଣ ବୁଝିପାରିଲେ? ସେ ମନା କରିଦେଲେ। ଲୁଥରାନ୍ ମଣ୍ଡଳୀ ଖ୍ରୀଷ୍ଟଙ୍କ ସହିତ ଆଉ ଅଧିକ ଅଭିଳାଷ ରଖିବାକୁ ମନା କରିଦେଲା; ଲୁଥର୍ ଏହା ମନା କରିଦେଲେ। ଏବଂ ମୋତେ ଏହା କହିବାକୁ ଦିଅନ୍ତୁ, ଯେକୌଣସି ପ୍ରକାରେ ହେଲେ ମୋତେ କିଛି ଡାକିବାକୁ ଯାଉଛନ୍ତି; ଠିକ୍ ସେହି ପ୍ରକାରେ ଆଜି ମଧ୍ୟ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ସହିତ ତାହାହିଁ ଅଟେ, ସେମାନେ ସେହି ବାକ୍ୟ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ସେମାନେ ଖ୍ରୀଷ୍ଟଙ୍କୁ ପ୍ରତ୍ୟାଖ୍ୟାନ କରିଥାନ୍ତି!

257 ଏବଂ ଯେକୌଣସି ସ୍ତ୍ରୀଲୋକ ଯିଏକି ପୁରୁଷକୁ ତାର ସନ୍ତାନ ପାଇଁ ମନା କରେ, ତାକୁ ତାଙ୍କର ପତ୍ନୀ ହେବାର କୌଣସି ଅଧିକାର ନାହିଁ। ଆମେନ୍। କଅଣ ଆପଣମାନଙ୍କର ମନେ ଅଛି, ବାଇବଲରେ, ଯେତେବେଳେ ସେହି ରାଜା ଏଷ୍ଟରଙ୍କୁ ବିବାହ କରିଥିଲେ? ଯେହେତୁ ରାଣୀ ମନା କରିଦେଇଥିଲେ, ସେଇଥି ପାଇଁ ସେ ନିଜ ନିମନ୍ତେ ଆଉ ଜଣକାକୁ ଗ୍ରହଣ କରିଥିଲେ। ଏବଂ ଯେତେବେଳେ ସେହି...କଅଣ ହେଲା ଯେତେବେଳେ ସେ ରାଜାଙ୍କ ସହିତ ବାହାରକୁ ଆସି ତାଙ୍କ କଥା ମାନିବାକୁ ମନା କରିଦେଲା? ସେହି ସମାନ କଥା ଜଣେ ସ୍ତ୍ରୀଙ୍କ ସହିତରେ ଅଟେ ଯିଏକି ତାର ସ୍ୱାମୀ ପାଇଁ ସ୍ତ୍ରୀ ହେବାକୁ ମନା କରିଦିଏ।

258 ଏବଂ ଠିକ୍ ସେହିପରି ମଣ୍ଡଳୀ ସହିତରେ ଅଟେ ଯିଏକି ଆମେ ବର୍ତ୍ତମାନ ରହୁଥିବା ଏହି ଯୁଗର ସନ୍ତାନମାନଙ୍କୁ ଜନ୍ମ ଦେବା ପାଇଁ, ସେହି ଯୁଗରେ ଗର୍ଭଧାରଣ କରିବାକୁ ମନା କରିଦିଏ। ଆମେ ଲୁଥରାନ୍ ନୋହୁଁ, ଆମେ ୱେସଲିୟ ନୋହୁଁ, କିମ୍ବା ଆମେ ପେଣ୍ଟିକଷ୍ଟାଲ୍ ନୋହୁଁ! ପରମେଶ୍ୱରଙ୍କ ବାକ୍ୟର ଗର୍ଭଧାରଣ ଦ୍ୱାରା ଆମକୁ ଏହି ଯୁଗର ସନ୍ତାନ ହେବା ଆବଶ୍ୟକ, ଯେପରିକି ଏହି ଯୁଗର ଏକ ସନ୍ତାନ, ସେହି ବୀଜ ସନ୍ତାନକୁ ଜନ୍ମ ଦେଉ। ଆମେନ୍। ମୁଁ ଆଶା କରେ ଯେ ଆପଣ ବୁଝୁଛନ୍ତି। ଗର୍ଭବତୀ ହୋଇପାରିବ ନାହିଁ, ନା, ତେବେ ସେ କଅଣ କଲେ? ତାକୁ ଛାଡପତ୍ରରେ, ପରିତ୍ୟାଗ କରିଦେଲେ। ତାହା ଠିକ୍। ମାତ୍ର ସେହି ସ୍ତ୍ରୀ ତାଙ୍କୁ ପରିତ୍ୟାଗ କରିବାକୁ ସାହସ ନ କରୁ। ସେ ସେହି ସ୍ତ୍ରୀକୁ ପରିତ୍ୟାଗ କରିଦେଲେ।

259 ସେ ସେହି ଶରୀରକୁ ତାହାଙ୍କର ବାକ୍ୟ ଠିକ୍ ପ୍ରକାଶ କରି ଚାଲିଲେ, ଏବଂ ନିଜେ, ମଧ୍ୟ, ତାହାକୁ ସୁପ୍ରମାଣିତ କଲେ । ତାହାଙ୍କର ସନ୍ତାନମାନେ ଉଣା ଅଧିକ ତାହାଙ୍କ ପରି ଦେଖାଯିବାକୁ ଆରମ୍ଭ କରୁଛନ୍ତି, କାରଣ ଏହା ସମ୍ପୁର୍ଣ୍ଣ ଭାବେ ପରିପକ୍ୱ ହେଉଅଛି, କିମ୍ୱା, ସେମାନେ ବାକ୍ୟର ସନ୍ତାନ ହେଉଅଛନ୍ତି, ମଣ୍ଡଳୀର ସନ୍ତାନ ନୁହେଁ । ବାକ୍ୟର ସନ୍ତାନ! ଏବଂ ସେହି କନ୍ୟା ବାକ୍ୟର ଏକ ସୁନ୍ଦର ସାନ ମହିଳା ହେବ, ବିଶୁଦ୍ଧ, ମନୁଷ୍ୟର କୌଣସି ସଂଗଠନ ଦ୍ୱାରା, କୌଣସି-ମନୁଷ୍ୟ କୃତ ସିଦ୍ଧାନ୍ତ ଦ୍ୱାରା ସ୍ପର୍ଶ ହୋଇ ନ ଥିବ । ସେ ସମ୍ପୂର୍ଣ୍ଣ ରୂପେ ବିଶୁଦ୍ଧ, ବାକ୍ୟର କନ୍ୟା ହେବ! ଆମେନ୍ ଏବଂ ଆମେନ୍! ମୁଁ ଆଶା କରେ ଯେ ଆପଣ ଆକାଶ ତଳେ ବାହାରେ, ତାହା ବୁଝିଯାଆନ୍ତି । ସେ ପରମେଶ୍ୱରଙ୍କ ଗର୍ଭବତୀ ପୁତ୍ରୀ ହେବେ ।

260 ଦେଖନ୍ତୁ ଯେ କି ଏକ ମହାନ ସମ୍ମାନର ବିଷୟ ଜଣେ ସ୍ତ୍ରୀଲୋକ ହୋଇପାରେ? ଦେଖନ୍ତୁ ଯେ କି ଏକ ମହାନ ବିଷୟ ମଣ୍ଡଳୀ ହୋଇପାରେ, ମାତ୍ର ଆପଣ ଦେଖନ୍ତୁ ଯେ ଅଶୁଚିତା ତାକୁ କେଉଁଠାକୁ ପହଞ୍ଚାଇଅଛି? ତା'ପରେ ବାହାରେ ଥିବା ସେହି ମଣ୍ଡଳୀକୁ ଏଠାରେ ଥିବା ମଣ୍ଡଳୀ ସହିତ ତୁଳନା କରିବାକୁ ଚେଷ୍ଟା କରନ୍ତି, ଆପଣ ତାହା କରିପାରନ୍ତି ନାହିଁ । ଏବଂ ରାସ୍ତାର ସେହି ବେଶ୍ୟାକୁ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ସହିତରେ ତୁଳନା କରିବାକୁ ଚେଷ୍ଟା କରନ୍ତି; କିମ୍ୱା ସେହି ସ୍ତ୍ରୀ, ସଠିକ୍ ସ୍ତ୍ରୀକୁ, ବେଶ୍ୟା ସହିତରେ?

261 ସେହିପରି ବିଷୟସବୁ କାହିଁକି ଅଛି? ଏହା ପରମେଶ୍ୱରଙ୍କ ଏକ ନିୟମ, ବିରୋଧାଭାସର ନିୟମ ଅଟେ । ଯଦି ଗୋଟିଏ ରାତି ନ ଥାନ୍ତା ତେବେ ଆମେ କିପରି ଜାଣିଥାନ୍ତୁ ଯେ ଦିବାଲୋକ କିପରି ଉପଭୋଗ କରିବାକୁ ଅଛି? ଯଦି ବର୍ଷା ନ ଥାନ୍ତା ତେବେ ଆମେ କିପରି ଜାଣିଥାନ୍ତୁ ଯେ ଶୁଖିଲା ପାଗକୁ କିପରି ଉପଭୋଗ କରିବାକୁ ଅଛି? ଯଦି ଜଣେ ମନ୍ଦ ସ୍ତ୍ରୀଲୋକ ନ ଥାନ୍ତା ତେବେ ଆମେ କିପରି ଜଣେ ପ୍ରକୃତ ସ୍ତ୍ରୀଲୋକଙ୍କୁ ଆଦର କରିବାକୁ ଏବଂ ସମ୍ମାନ କରିବାକୁ ଜାଣିଥାନ୍ତୁ?

262 ଏହାକୁ ଠିକ୍ ପ୍ରକାଶ କରି ଚାଲିଲେ, ତାହାଙ୍କର ବାକ୍ୟକୁ ଠିକ୍ ପ୍ରକାଶ କରି ଚାଲିଲେ, ମାତ୍ର ସାବଧାନ ଯେ ଆମ ଭିତରୁ କେହି ତାହାଙ୍କୁ ଛାଡି ଅନ୍ୟ କାହାରିକୁ ବିବାହ କରିବା ପାଇଁ ଚେଷ୍ଟା କରିବାକୁ ସାହସ ନ କରୁ ।

263 ତେବେ ନିଶ୍ଚିତ ଭାବରେ ଏହା ସ୍ପଷ୍ଟ ଅଟେ ଯେ ଉଭୟ ସିଦ୍ଧାନ୍ତ କାହିଁକି ଭୁଲ୍ ଅଟେ? ଆପଣ ଏହାକୁ *ଏହି* ଉପାୟରେ ଚଲାଇ ପାରିବେ ନାହିଁ, ଏହା ବିତି ଯାଇଅଛି; ଆପଣ ଏହାକୁ *ସେହିପରି* ଭାବରେ ଚଲାଇବେ, ଏହା ତ ସେହି ପ୍ରତିଶ୍ରୁତିକୁ ଠିକ୍ ଅତିକ୍ରମ କରି ଚାଲିଯିବ । ଏଠାରେ ସେହି ପ୍ରତିଜ୍ଞା ଅଛି, ଏଠାରେ ସେହି ବିଷୟଟି ଠିକ୍ ଏହିଠାରେ ଅଛି । ବାକ୍ୟ ପରସ୍ପର ବିରୋଧୀ ନୁହେଁ । ଏହାକୁ ତ ତେବେ ନିରନ୍ତରତାରେ ରହିବାକୁ ଅଛି, ଯେପରିକି ମାଥିଉ ୨୫:୧୨ ପ୍ରେରିତ ୨:୩୫ କୁ ବିରୋଧ କରୁଥିବା ବିଷୟଠାରୁ ଅଧିକ କିଛି ନୁହେଁ ।

264 ବର୍ତ୍ତମାନ, ଆପଣମାନଙ୍କ ମଧ୍ୟରୁ କେତେକ ସ୍ତ୍ରୀଲୋକମାନେ, ଆପଣମାନଙ୍କ ମଧ୍ୟରୁ କେତେକ ପୁରୁଷମାନେ, ମୁଁ—ମୁଁ ଜାଣେ ଯେ ଆପଣ—ଆପଣ ଏହା ସହିତ ସହମତ

ନୁହଁନ୍ତି । କାରଣ, ଆପଣ ଜାଣନ୍ତି, ଆପଣ ବର୍ତ୍ତମାନ ତାହାକୁ ଲୁଚାଇ ପାରନ୍ତି ନାହିଁ । ଆପଣ କରିପାରନ୍ତି ନାହିଁ ।

265 ମାତ୍ର ମୋତେ ଆପଣଙ୍କୁ କେବଳ କିଛି ଦେଖାଇବାକୁ ଦିଅନ୍ତୁ । ଯଦି ମାଥିଉ 28:19 କୁହେ, "ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ, ପିତା, ଏବଂ ପୁତ୍ର, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ," ଏବଂ ସେମାନେ ବୁଲିପଡିଲେ, ଆଉ ପ୍ରତ୍ୟେକ ବ୍ୟକ୍ତି ଯିଏକି କେବେ ବାପ୍ତିଜିତ ହୋଇଥିଲେ ଯାହାକି ତାହାର ବିପରୀତରେ ବାପ୍ତିଜିତ ହୋଇଥିଲେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ, ଏପରିକି ସମସ୍ତ ବାଇବଲ ଯୁଗସାରା ଏବଂ ବାଇବଲ ଯୁଗ ପରେ ତିନି ଶହ ବର୍ଷ ପର୍ଯ୍ୟନ୍ତ ସୁଦ୍ଧା, ନିସିଆ ପରିଷଦ ପର୍ଯ୍ୟନ୍ତ ତାହା ଚାଲିଥିଲା । ତା'ପରେ ସେମାନେ ଏହା ବଦଳରେ ମତବାଦସବୁକୁ ଗ୍ରହଣ କଲେ । ତେବେ ପାର୍ଥକ୍ୟ କଅଣ, ଯଦି ଏହା ପ୍ରକାଶିତ ହୋଇ ନ ଥାଏ?

266 ଏବଂ କଅଣ ଆପଣ ଜାଣନ୍ତି ଯେ ସମ୍ପୂର୍ଣ୍ଣ ପୁସ୍ତକଟି, ସମ୍ପୂର୍ଣ୍ଣ ବାଇବଲ, ଏକ ପ୍ରକାଶନ ଅଟେ? ସେହିପରି ଭାବରେ ହିଁ ଆପଣଙ୍କୁ ଏହା ଓ ସେହି ଅନ୍ୟ ଭିତରେ ସତ୍ୟ ଜାଣିବାକୁ ପଡିବ, ଏହାର କାରଣ ହେଲା ଯେ ଏହା ଏକ ପ୍ରକାଶନ ଅଟେ । ଏବଂ ସେହି ପ୍ରକାଶନ ନିଶ୍ଚିତ ଭାବରେ ବାକ୍ୟ ସହିତ ରହିବା ଆବଶ୍ୟକ, ବାକ୍ୟର ବିପରୀତରେ ନୁହେଁ । ଆପଣ କୁହନ୍ତି, "ତେବେ, ମୁଁ, ଏହା ମୋ' ଠାରେ ପ୍ରକାଶିତ ହୋଇଥିଲା ।" ତା'ପରେ ଯଦି ଏହା ବାକ୍ୟର ବିପରୀତ ଅଟେ, ଏହା ପରମେଶ୍ୱରଙ୍କଠାରୁ କେବେବି ଆସି ନାହିଁ । ତାହା ଠିକ୍ ଅଟେ ।

267 ତେବେ ଯଦି ଆପଣ ନେବାକୁ ଚାହିଁବେ ମାଥ-…ମାଥିଉ 16:18 । ଯୀଶୁ ନିଜେ, କହିଲେ, ଯେ ସମଗ୍ର ମଣ୍ଡଳୀ, ତାହାଙ୍କର ମଣ୍ଡଳୀ, ତାହାଙ୍କର ନିଜର ଆତ୍ମିକ ପ୍ରକାଶନ ଉପରେ ନିର୍ମିତ ହେବ, ଯାହା ହେଉଛି ବାକ୍ୟ । "ମୁଁ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର…ମାଂସ ଓ ରକ୍ତ ତୁମ୍ଭ ନିକଟରେ ଏହା କେବେ ପ୍ରକାଶ କରି ନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ତୁମ୍ଭ ନିକଟରେ ଏହା ପ୍ରକାଶ କରିଅଛନ୍ତି । ପୁଣି ଏହି ପଥର ଉପରେ…"

268 ବର୍ତ୍ତମାନ, ମୁଁ ଜାଣେ, ଆମର କ୍ୟାଥୋଲିକ୍ ବନ୍ଧୁମାନେ ସେଠାରେ, ଆପଣ କୁହନ୍ତି, "ଏହା ପିତରଙ୍କ ଉପରେ ନିର୍ମିତ ହୋଇଥିଲା, ଏବଂ ପିତର ସେହି ପ୍ରେରିତ, ତେଣୁ, *ଅମୁକ-ଓ-ଅମୁକ,* ପ୍ରେରିତ ସମ୍ପତିରେ, ଉତ୍ତରାଧିକାରୀ ଭାବରେ ।"

ପ୍ରୋଟେଷ୍ଟାଣ୍ଟମାନେ କୁହନ୍ତି, "ଏହା ଯୀଶୁ ଖ୍ରୀଷ୍ଟଙ୍କ ଉପରେ ନିର୍ମିତ ହୋଇଥିଲା ।"

269 ମାତ୍ର ଭିନ୍ନ ହେବା ପାଇଁ ନୁହେଁ, କେବଳ ତାହାକୁ ନିଏ ଯାହା ସେ କହିଥିଲେ! ସେ କହିଲେ, "ମାଂସ ଓ ରକ୍ତ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ତୁମ୍ଭ ନିକଟରେ ଏହା ପ୍ରକାଶ କରିଅଛନ୍ତି । ପୁଣି ଏହି ପଥର ଉପରେ" (ବାକ୍ୟ କଅଣ ଅଟେ ତାହାର ଆତ୍ମିକ ପ୍ରକାଶନ ଉପରେ) "ମୁଁ ଆପଣା ମଣ୍ଡଳୀ ତୋଳିବି; ଆଉ ନରକର ବଳ ତାହାକୁ କଦାପି ଦୋହଲାଇବ ନାହିଁ ।" ତାହାଙ୍କ ପତ୍ନୀ ଅନ୍ୟ ପୁରୁଷମାନଙ୍କ ସହିତ ପ୍ରଲୋଭିତ ହେବେ ନାହିଁ । "ମୁଁ ଆପଣା ମଣ୍ଡଳୀ ତୋଳିବି; ଆଉ ନରକର ବଳ ତାହାକୁ କଦାପି ଦୋହଲାଇବ ନାହିଁ ।"

270 ଆଉ ହେବଲ ଏବଂ କୟିନ, ଏଦନ ବଗିଚାରେ । କୟିନ ତାର ନିଜର ଧାରଣା ପ୍ରସ୍ତୁତ କଲା, ସେ କହିଲା, "ତେବେ, ଦେଖନ୍ତୁ, ପରମେଶ୍ୱର ଜଣେ ଭଲ ପରମେଶ୍ୱର ଅଟନ୍ତି । ସେ ସମସ୍ତ ପ୍ରକୃତି ଉପରେ ଅଛନ୍ତି, ତେଣୁ ମୁଁ ବିନ୍‌ସ ଛୁଇଁ ଏବଂ ଆଳୁ ନେବି, ଏବଂ ମୁଁ ସେହି— ସେହି ଫୁଲଗୁଡିକୁ ନେବି, ଏବଂ ମୁଁ ତାହାଙ୍କ ପାଇଁ ଏକ ପ୍ରକୃତରେ ସୁନ୍ଦର ବେଦି ତୋଳିବି ।" ତାହା ଏକ ମଣ୍ଡଳୀ ଅଟେ । ସେ ଆଣ୍ଠୁମାଡି ବସି ପଡ଼ିଲେ । ସେ ପରମେଶ୍ୱରଙ୍କୁ ବିଶ୍ୱାସ କଲେ । ସେ ପରମେଶ୍ୱରଙ୍କୁ ଉପାସନା କଲେ, ହାତ ଯୋଡିଲେ, ଏବଂ ଏହି ବଳିଦାନକୁ ଉତ୍ସର୍ଗ କଲେ । ସେ ସେହି ସମସ୍ତ କିଛି ଧାର୍ମିକ କାର୍ଯ୍ୟ କଲେ ଯାହା ହେବଲ କରିଥିଲେ ।

271 ହେବଲ ସେହି ସମାନ ପ୍ରକାରର ଏକ ଯଜ୍ଞବେଦି ନିର୍ମାଣ କଲେ । ମାତ୍ର ଯେତେବେଳେ ହେବଲ ତାର ନିଜର ଆଣିଲେ, ସେ ଗୋଟିଏ ମେଷଶାବକ ଆଣିଲେ । ତେବେ, କୟିନ ଭାବିଲେ ଯେ, ପାପର ଏକ ପ୍ରତିକାର କରିବା ନିମନ୍ତେ, ଯାହା ତାଙ୍କ ପିତା ଏବଂ ମାତା ନିଶ୍ଚୟ ଫଳ ଖାଇଥିଲେ, ଯେପରିକି ସେମାନେ ସେହି ଉଦ୍ୟାନରେ ଶିକ୍ଷା ପାଇଥିଲେ । ମାତ୍ର ହେବଲ, ଦିବ୍ୟ ପ୍ରକାଶନ ଦ୍ୱାରା, ଏହା ଜାଣିଥିଲେ ଯେ ତାହା ରକ୍ତ ଥିଲା ଯାହାକି ତାହା ଘଟାଇଥିଲା । ଦିବ୍ୟ ପ୍ରକାଶନ ଦ୍ୱାରା! ଆଉ ବାଇବଲ ଏବ୍ରୀରେ, ତାର 12ଶ ପର୍ବରେ, ତାର 11ଶ ପର୍ବରେ କୁହେ, ଯେ, "ହେବଲ, ବିଶ୍ୱାସ ଦ୍ୱାରା," (ପ୍ରକାଶନ) "ପରମେଶ୍ୱରଙ୍କୁ କୟିନ ଅପେକ୍ଷା ଏକ ଅଧିକ ଉତ୍ତମ ବଳିଦାନ ଉତ୍ସର୍ଗ କଲେ, ଯାହା ଦ୍ୱାରା ସେ ଧାର୍ମିକ ଅଟେ ବୋଲି ପରମେଶ୍ୱର ସାକ୍ଷ୍ୟ ଦେଲେ ।" କଅଣ ଏହା ଠିକ୍ ଅଟେ? ଆମେନ୍! ଭାଇ, ଭଉଣୀ, ଏହା ମୋ ପାଇଁ, ସେତିକି ସ୍ପଷ୍ଟ ଅଟେ ଯେତିକି ଏହା ହୋଇପାରେ । ସେଠାରେ ସେହି ସମ୍ପୂର୍ଣ୍ଣ ବିଷୟ ରହିଛି ।

272 ତେବେ *ବିବାହ ଏବଂ ଛାଡପତ୍ର* ଉପରେ, ଦେଖନ୍ତୁ, ଏହାକୁ ତ ପ୍ରକାଶିତ ହେବାକୁ ଅଛି । ଯେପର୍ଯ୍ୟନ୍ତ ଏହା ପ୍ରକାଶିତ ନ ହୁଏ, ଆପଣ ଏହାକୁ ଜାଣନ୍ତି ନାହିଁ । ମାତ୍ର ସେ ଏହି ଶେଷ ଦିନରେ, ଏହି ଯୁଗରେ ପ୍ରତିଜ୍ଞା କରିଥିଲେ, ଯେ ବାଇବଲରେ ଥିବା ପ୍ରତ୍ୟେକ ଲୁକ୍କାୟିତ ନିଗୁଢ ବିଷୟ ପ୍ରକାଶ ପାଇବ । କେତେ ଜଣ ତାହା ଜାଣନ୍ତି? ପ୍ରକାଶିତ ବାକ୍ୟ, ତାର 10ମ ପର୍ବ! ଯୀଶୁ ପ୍ରତିଜ୍ଞା କରିଥିଲେ, ଯେ *ବିବାହ ଏବଂ ଛାଡପତ୍ର* ଉପରେ—ରେ ଏହି ସମସ୍ତ ଲୁକ୍କାୟିତ ନିଗୁଢ ବିଷୟମାନ, ଏହି ଅନ୍ୟ ସମସ୍ତ ଲୁକ୍କାୟିତ ନିଗୁଢ ବିଷୟମାନ ଯାହାକି ରହିଥିଲା, ଶେଷ ସମୟରେ ପ୍ରକାଶିତ ହେବ । ତେବେ ଆପଣମାନଙ୍କୁ ମନେ ଥିବ, ସେହି ରବ କହିଥିଲା, "ଟୁ୍ୟସାନ୍‌କୁ ଯାଅ ।" ଆକାଶରେ ସେହି ରହସ୍ୟମୟୀ ଆଲୋକ ମନେ ଅଛି କି? ସେଠାରେ ସେହି ସପ୍ତମ ଦୂତ ଛିଡ଼ା ହୋଇଥିବାର ମନେ ଅଛି କି? ଫେରି ଆସିବା, ଏବଂ ସପ୍ତ ମୁଦ୍ରାକୁ ଖୋଲିବା । ଦେଖନ୍ତୁ ଯେ କଅଣ ଘଟିଅଛି । ତାହା ସତ୍ୟ ଅଟେ ।

273 ତେବେ ଅଳ୍ପ ଟିକିଏ ଆଗକୁ । ମାତ୍ର ବର୍ତ୍ତମାନ, ଏହା ଶୁଣନ୍ତୁ! ମୁଁ ଜାଣେ ଯେ ଏହା ଆପଣଙ୍କର ଖାଇବାକୁ ଯିବା ପାଇଁ ସମୟ ହେଉଅଛି, ମାତ୍ର ମୁଁ ଭଲ ଖାଉଅଛି ।

274 ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ, ସେହି ସ୍ତ୍ରୀ ନିଜର ସ୍ଥାନ ପାଇଛନ୍ତି, ଏବଂ ସେ ଏକ ଅଳଙ୍କାର ଅଟେ । ଶଲୋମନ, ଏହି ବ୍ୟକ୍ତିଙ୍କର ଦଶ ହଜାର ପତ୍ନୀ ଥିଲେ...କିମ୍ବା, ଏକ ହଜାର ପତ୍ନୀ

ଥିଲେ, ବରଂ, ସେ କହିଲେ ଯେ, "ଜଣେ ପୁରୁଷ ଯିଏ ପତ୍ନୀ ପାଇଛନ୍ତି, ଏକ ଉତ୍ତମ ଜିନିଷ ପାଇଛନ୍ତି।" ସେ କହିଲେ, "ଜଣେ ଭଲ ସ୍ତ୍ରୀଲୋକ ତାଙ୍କ ମୁକୁଟରେ ଏକ ଅଳଙ୍କାର ସଦୃଶ," ତାହା ଏକ ସମ୍ମାନର ବିଷୟ। "ମାତ୍ର ଜଣେ ଅଧାର୍ମିକ ତାଙ୍କ ରକ୍ତରେ ଜଳ ସଦୃଶ ଅଟେ," ତାହା ତାଙ୍କର ଜୀବନ ଅଟେ। ସେ କହିଲେ, "ଏକ ହଜାର ମଧ୍ୟରେ ଜଣେ ଧାର୍ମିକ ଲୋକକୁ ପାଇପାରିବେ," ଶଲୋମନ ଏହା କହିଲେ, "କିନ୍ତୁ," କହିଲେ, "ଆପଣ ଏକ ହଜାର ମଧ୍ୟରେ ଜଣେ ଧାର୍ମିକ ସ୍ତ୍ରୀଲୋକକୁ ପାଇପାରିବେ ନାହିଁ।" ଶଲୋମନ ଏହା କହିଲେ, ଦେଖନ୍ତୁ। ତେବେ ଧ୍ୟାନ ଦିଅନ୍ତୁ ଯେ, ଏହା କିପରି ଅଟେ।

275 ମାତ୍ର, ଆପଣ ଦେଖନ୍ତୁ, ସ୍ତ୍ରୀଲୋକ, ଆପଣ—ଆପଣ ଏକ ଅଳଙ୍କାର ଅଟନ୍ତି ଯଦି ଆପଣ ଏକ ଅଳଙ୍କାର ହେବାକୁ ଚାହାଁନ୍ତି, ମାତ୍ର ସେହି ଇଚ୍ଛା ଆପଣଙ୍କଠାରୁ ହେବା ଆବଶ୍ୟକ। ଏବଂ ଆପଣ ଦେଖନ୍ତୁ ଯେ ସେହି *ବିବାହ ଏବଂ ଛାଡପତ୍ର* ବିଶଯ କାହିଁକି ଥିଲା, ଯେ ଯୀଶୁ ତାହାକୁ ଇଙ୍ଗିତ କରି ପଛକୁ ଦେଖାଇଲେ, କାରଣ ଏହା ଆପଣଙ୍କର ପ୍ରଜାତି ଥିଲା ଯାହାକି ସମସ୍ତ ପ୍ରକାରର ପାପର କାରଣ ଥିଲା। ସେହି କାରଣରୁ ହିଁ ବହୁବିବାହ ଏବଂ ଛାଡପତ୍ର, ଏବଂ ବିଷୟଗୁଡିକ, ପ୍ରଥମ କରି ଆସିଲା। ଆଦ୍ୟରେ ଏହା ସେପରି କେବେ ହେଁ ନ ଥିଲା, ଏବଂ ଏହା ଆର ପାରି ଜଗତରେ ବି ରହିବ ନାହିଁ।

276 ଯାକୁବକୁ ଦେଖନ୍ତୁ, ଯାହାଙ୍କଠାରୁ ପିତୃପୁରୁଷମାନେ ଆସିଥିଲେ। ତାଙ୍କର ଅତିକମରେ ଏକ ଡଜନ ପତ୍ନୀ ଥିଲେ। ସେ ଦୁଇ ଭଉଣୀଙ୍କୁ ବିବାହ କରିଥିଲେ ଏବଂ ଏହା ବ୍ୟତୀତ ଉପପତ୍ନୀମାନ ଥିଲେ, ସାଧାରଣ-ଆଇନଗତ ସ୍ତ୍ରୀଲୋକମାନେ ଯାହାଙ୍କ ସହିତ ସେ ରହିଥିଲେ। ଏବଂ ସେହି ପିତୃପୁରୁଷମାନେ ଠିକ୍ ସେହି ଉପପତ୍ନୀମାନଙ୍କ ଠାରୁ ଜନ୍ମ ହୋଇଥିଲେ। କଅଣ ତାହା ଠିକ୍ ଅଟେ? ଦେଖନ୍ତୁ, ଆପଣଙ୍କୁ ତ ବାକ୍ୟକୁ ସୁଗମ କରିବାକୁ ପଡିବ।

277 ଓଃ, ମୋ ପାଖରେ ସେଗୁଡ଼ିକ ଉପରେ ପୃଷ୍ଠାମାନ ଅଛି। ଯଦି ଜଣେ ଧର୍ମଗୁରୁ ମୋତେ ଏହା ଉପରେ ପ୍ରଶ୍ନ କରନ୍ତି, ଏବଂ ଆମେ ଏକାଠି ହୋଉ, ତେବେ ଆମେ ଏହା କଥା ହୋଇପାରିବା। ମାତ୍ର ନିଶ୍ଚିତ ଭାବରେ, ଯଦି ତାହାଙ୍କ ପାଖରେ କିଛି ବି ଆତ୍ମିକତା ଥାଏ, ତାହାହେଲେ ସେ ଏଠାରେ ଦେଖିପାରିବେ ଯେ ଏହା ସତ୍ୟ ଅଟେ। ଏଥିରେ କୌଣସି ପ୍ରଶ୍ନ ନାହିଁ।

278 ଜଣେ ଭଲ ସ୍ତ୍ରୀ ଏକ ଉତ୍ତମ ବିଷୟ ଅଟେ। ମୁଁ ତାହା ଜାଣେ। ମୁଁ ଏହାକୁ ପ୍ରକୃତ ସ୍ତ୍ରୀଲୋକଙ୍କ ଦ୍ୱାରା ଜାଣେ। ମୁଁ ପ୍ରକୃତ ସ୍ତ୍ରୀଲୋକମାନଙ୍କୁ ଭେଟିଅଛି ଯେଉଁମାନେକି ଅସଲି ଅଟନ୍ତି, ଠିକ୍ ସେତିକି ଅସଲି ଯେତିକି କୌଣସି ପୁରୁଷ ହୋଇପାରେ ଯିଏକି କେବେ ଧରାପୃଷ୍ଠରେ ଚାଲିଥାନ୍ତି।

279 ସେ ପୁରୁଷର ଏକ ଉପ-ଉତ୍ପାଦ ଏବଂ ତାର ଏକ ଖଣ୍ଡ ଅଟେ, ଏବଂ ପତନରେ ସେ ସେହି ସ୍ତ୍ରୀର କଥା ଶୁଣିଥିଲେ। ସେ କେବଳ…ସେହି ସ୍ତ୍ରୀ ତାଙ୍କର ଏକ ଅଂଶ ଅଟେ। ମାତ୍ର, ଏହା

ସେହି ସ୍ତ୍ରୀ ଉପରେ ନିର୍ଭର କରେ, ସେ ସେହିପରି ଭାବରେ ନିର୍ମିତ ଅଟେ ଯେପରିକି ସେ ଅଶୁଚି ହୋଇପାରେ, ଆଉ ତାକୁ ସେହି ବିଷୟକୁ ପ୍ରତ୍ୟାଖ୍ୟାନ କିମ୍ବା ଗ୍ରହଣ କରିବାକୁ ଅଧିକାର ଦିଆଯାଇଅଛି । ତାହା ଆଦ୍ୟରେ ଥିବା ସେହି ମୂଳ ପ୍ରକୃତିର ବିପରୀତ ଅଟେ, ଦେଖନ୍ତୁ, କିନ୍ତୁ ସେଠାରେ ଆପଣ ଅଛନ୍ତି ।

280 ବର୍ତ୍ତମାନ ଏହା ବାର ଘଟିକା ହେଲାଣି, ଏଣୁ ମୁଁ ଏଠାରେ କିଛି ମିନିଟ୍ ପାଇଁ କିଛି ବିଷୟକୁ ଛାଡିଦେବି । ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ ।

281 ତେବେ ମନେରଖନ୍ତୁ, ମୁଁ ଏହାକୁ କେବଳ ମୋର ଦଳକୁ କହୁଅଛି । ଏବଂ ଆକାଶ ତଳେ, ମୁଁ ଏହାକୁ କେବଳ ମୋ ନିଜର ଅନୁସରଣକାରୀମାନଙ୍କୁ କହୁଅଛି । ଏହି ବାର୍ତ୍ତାଟି କେବଳ ସେମାନଙ୍କ ପାଇଁ ଅଟେ, ଏବଂ ଯାହା ମୁଁ ଏଠାରେ କହିବାକୁ ଯାଉଅଛି ।

282 ଯେକୌଣସି ସେବକ, ସେ, ଯାହାକି ତାଙ୍କର, ହଁ, ସେ ପଲର ପାଳକ ଅଟନ୍ତି, ତାଙ୍କର ଯାହା ଇଚ୍ଛା ସେ ତାହା କରନ୍ତୁ । ତାହା ତାଙ୍କର ଏବଂ ପରମେଶ୍ୱରଙ୍କ ମଝିରେ ଅଟେ । ଯେକୌଣସି ଯାଜକ, ଯେକୌଣସି ପ୍ରଚାରକ, ତାହା ଆପଣଙ୍କ ଉପରେ ନିର୍ଭର କରେ, ମୋ ଭାଇ ।

283 ମୁଁ କେବଳ ଏଠାରେ ଜେଫର୍ସନ୍‌ଭିଲେରେ କହୁଅଛି, ଏକମାତ୍ର ସ୍ଥାନ ଯେଉଁଠାରେକି ମୁଁ ଏହା କୁହେ, କାରଣ ଏହା ମୋର ନିଜର ପଲ ଅଟେ । ଏହା ସେହି ପଲ ଅଟେ ଯାହା ଉପରେ ତଦାରଖ କରିବାକୁ ପବିତ୍ରଆତ୍ମା ମୋତେ ବୁଝିବା ପାଇଁ ଦେଇଛନ୍ତି, ଏବଂ ସେ ମୋତେ ଏଥିପାଇଁ ଦାୟୀ କରିବେ । ଏବଂ ମୋର ଏହି ଲୋକମାନେ ସମଗ୍ର ଦେଶରୁ ଏଠାରେ ମନ ଫେରଣ କରିଛନ୍ତି, ଯାହାଙ୍କୁ ମୁଁ ଖ୍ରୀଷ୍ଟଙ୍କ ନିକଟକୁ କଢେଇ ନେଇଅଛି । ଏବଂ, ଛୋଟ ପିଲାମାନେ, ମୁଁ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଏଠାରେ ଅଛି, ଆଉ ମୁଁ ଆପଣଙ୍କର ବନ୍ଧୁ ଅଟେ । ଆପଣ ଭାବିପାରନ୍ତି ଯେ ମୁଁ ଆପଣଙ୍କ ବିରୁଦ୍ଧରେ କହୁଅଛି; ମୁଁ ଏହା କହୁଅଛି, ଦେଖନ୍ତୁ, ଆପଣଙ୍କର ମଙ୍ଗଳ ପାଇଁ । ମୁଁ ଆପଣଙ୍କୁ ପ୍ରେମ କରେ । ଏବଂ ଯଦି ତାହା ସେପରି ନୁହେଁ, ତେବେ ପରମେଶ୍ୱର ମୋର ବିଚାରକର୍ତ୍ତା ଅଟନ୍ତି । ଆପଣ ଜାଣନ୍ତି ଯେ ଆପଣଙ୍କୁ ପ୍ରେମ କରେ ।

284 ଏହା ଏକ ଭୟଙ୍କର କଠିନ ବିଷୟ ଅଟେ, ମୁଁ ଜାଣେ ନାହିଁ ଯେ ଏହାକୁ କିପରି ଉପସ୍ଥାପିତ କରିବାକୁ ଅଛି । ମୁଁ କଅଣ କରିବି, ଯେତେବେଳେ ମୋ ପାଖରେ ଏଠାରେ ମୋ ମଣ୍ଡଳୀରେ ଏପରି ପୁରୁଷ ଏବଂ ସ୍ତ୍ରୀଲୋକମାନେ ବସିଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ତ ଦୁଇଥର କିମ୍ବା ତିନିଥର ବିବାହ କରିଛନ୍ତି? ଭଲ ପୁରୁଷ ଏବଂ ଭଲ ସ୍ତ୍ରୀଲୋକମାନେ, ସମସ୍ତେ ମିଶ୍ରିତ ହୋଇଯାଇଛନ୍ତି! ଏହା କଅଣ ପାଇଁ ହେଲା? ଭଣ୍ଡ ଶିକ୍ଷା, ଅବିକଳ ଠିକ୍, ପ୍ରଭୁଙ୍କଠାରେ ଅପେକ୍ଷା ନ କରିବା ।

285 "ପରମେଶ୍ୱର ଯାହା ସଂଯୁକ୍ତ କରିଛନ୍ତି, କୌଣସି ମନୁଷ୍ୟ ତାହା ବିଭିନ୍ନ ନ କରୁ ।" ମଣିଷ ଯାହା ସଂଯୁକ୍ତ କରିଛି ତାହା ନୁହେଁ; ଯାହା "ପରମେଶ୍ୱର" ସଂଯୁକ୍ତ କରିଛନ୍ତି! ଯେତେବେଳେ

ଆପଣ ପରମେଶ୍ୱରଙ୍କଠାରୁ ଏକ ସିଧାସଳଖ ପ୍ରକାଶନ ପାଇଥାନ୍ତି, ଯାହାକି ଆପଣଙ୍କର ପତ୍ନୀ ଅଟେ, ଏବଂ ସେହି ସମାନ ବିଷୟ, ତାହା ଆପଣଙ୍କ ଶେଷ ଜୀବନସାରା, ଆପଣଙ୍କର ହିଁ ଅଟେ । ଦେଖନ୍ତୁ? ମାତ୍ର ଯାହା ମଣିଷ ସଂଯୁକ୍ତ କରେ, ତାକୁ ଯେକେହି ବିଭିନ୍ନ କରିପାରେ । ମାତ୍ର ଯାହା ପରମେଶ୍ୱର ସଂଯୁକ୍ତ କରନ୍ତି, କୌଣସି ମନୁଷ୍ୟ ତାହାକୁ ସ୍ପର୍ଶ ସୁଦ୍ଧା କରିବାକୁ ସାହସ ନ କରୁ । "ପରମେଶ୍ୱର ଯାହା ସଂଯୁକ୍ତ କରିଛନ୍ତି," ସେ କହିଲେ, "କୌଣସି ମନୁଷ୍ୟ ତାହା ବିଭିନ୍ନ ନ କରୁ ।" ଏପରି ନୁହେଁ ଯେ କୌଣସି ଅର୍ଦ୍ଧ-ମଦ୍ୟପ ବିଚାରପତି କିମ୍ବା ଅନ୍ୟ କେହି ସଂଯୁକ୍ତ କରିଛନ୍ତି, କିମ୍ବା କୌଣସି ପଶ୍ଚାତଗମନକାରୀ ପ୍ରଚାରକ କେତେକ ନିୟମଗୁଡିକୁ ଏକ ପୁସ୍ତକରେ ରଖି, ଯାହା ସେମାନଙ୍କୁ ଜଗତରେ କିଛି ବି କରିବାକୁ ଅନୁମତି ଦେଇଥାଏ, ଏବଂ ପରମେଶ୍ୱରଙ୍କ ବାକ୍ୟ ଠିକ୍ ସେହିଠାରେ ପଡ଼ି ରହିଥାଏ । ବୁଝିଲେ? ମୁଁ ତାହା ବିଷୟରେ କହୁଅଛି ଯାହା ପରମେଶ୍ୱର ସଂଯୁକ୍ତ କରିଛନ୍ତି ।

286 ତେବେ ମୁଁ ଆପଣଙ୍କୁ ଏହା କହିବାକୁ ଯାଉଅଛି । ମୁଁ ସେଥିପ୍ରତି ଅତ୍ୟଧିକ ଯତ୍ନବାନ ଅଟେ ଯାହା ମୁଁ ଆପଣଙ୍କୁ କୁହେ । ମୋର ଅଭିପ୍ରାୟ ଆପଣ ଲୋକମାନଙ୍କ ସହିତ ରୁକ୍ଷ ହେବା ନୁହେଁ । ମୋର ପାଳକ ଭାଇମାନେ, ମୋର ଅଭିପ୍ରାୟ ଆପଣମାନଙ୍କ ସହିତ ରୁକ୍ଷ ହେବା ନୁହେଁ । ମୋର ଅଭିପ୍ରାୟ ତାହା ନୁହେଁ । କିନ୍ତୁ ମୁଁ ଦାୟୀ ଅଟେ, ଏହା ହୃଦୟଙ୍ଗମ କରି ଯେ ଏହାକୁ ମୋ ହାତରେ ଦିଆଯାଇଅଛି, ଆଉ ଯଦି...ମୁଁ ଏହାକୁ ଧରି ରଖିପାରୁ ନାହିଁ, ଏବଂ ଏହାକୁ କିପରି ଦେବାର ଅଛି ମୁଁ ଜାଣେ ନାହିଁ, ଆଉ ମୁଁ ଜାଣେ ଯେ ଏହି ଟେପ୍ ହେବ...ଓଃ, ମୋର ପ୍ରଭୁ, ମୁଁ ବର୍ତ୍ତମାନ ପ୍ରସ୍ତୁତ ହେବି, କାର୍ଯ୍ୟାଳୟ ଖୋଲ ରଖିବି, କାରଣ ଏଠାରେ ଏହା ଆସୁଅଛି । ବୁଝିଲେ?

287 ଠିକ୍ ଯେପରିକି ଏହା *ସର୍ପବଂଶ* ଉପରେ ଥିଲା, ମାତ୍ର ଏହା ସମ୍ପୂର୍ଣ୍ଣରୂପେ ଠିକ୍ ବୋଲି ପ୍ରମାଣିତ ହୋଇଅଛି । ଠିକ୍ ଏଠାରେ ମୋ ପାଖରେ କାଗଜପତ୍ରମାନ ଅଛି, ଖବରକାଗଜରୁ, ଯେଉଁଠାରେକି ସ୍ତ୍ରୀଲୋକମାନେ ଠିକ୍ ବର୍ତ୍ତମାନ ହିଁ...ଆଉ ଏପରିକି ସେହି ମହାନରେ—ରେ...କେତେକ ମହାନ ଧାର୍ମିକ ମଣ୍ଡଳୀକ୍ଷେତ୍ରମାନଙ୍କ ପାଖରେ ସେହି ମୂଳର ଫଟୋଚିତ୍ରମାନ ଅଛି, ଜଣେ ସ୍ତ୍ରୀଲୋକଙ୍କ ଗୋଡରେ ଏକ ସାପ ଗୁରୁଣ୍ଡୁଛି, ଏବଂ ଏହା କିପରି ତାର ଚାରି ପାଖରେ ଘେରି ଯାଉଅଛି; ତାକୁ ସମସ୍ତ ପ୍ରକାରର ସମ୍ବେଦନା ଏବଂ ପ୍ରଭୃତି ବିଷୟସବୁ ହେଉଛି, ଏପରି କିଛି ଯାହାକି ଜଣେ ପୁରୁଷ ତାକୁ କେବେବି ସ୍ପର୍ଶ କରିପାରିବ ନାହିଁ, ଆଉ ଏହି ବିଶାଳ ସାପଟି ତାର ଚାରିପାଖରେ ଗୁଡ଼ାଇ ହେଉଛି, ଏବଂ ପ୍ରଭୃତି । ତାହା ଅବିକଳ ସତ୍ୟ ଅଟେ । ଏବଂ ଏହା ଅଧିକ ଖରାପରୁ ଖରାପ ହେବାକୁ ଯାଉଅଛି, ଏବଂ ଖରାପ ହେବ । ସର୍ପ, ଯାହାକି ସେ ନ ଥିଲା...ସେ ତାହା ସହିତ ଯୌନ ସମ୍ପର୍କ ରଖିପାରେ ନାହିଁ ଯେତେବେଳେ ସେ ଏକ ସର୍ପ ଥିଲା, ମାତ୍ର ମନେରଖନ୍ତୁ...

288 ଅନ୍ୟ ଦିନ ମୁଁ ଜଣକା ସହିତ ଏକ ତର୍କବିତର୍କ କରୁଥିଲି...ଏକ ତର୍କ ନୁହେଁ, କେବଳ ଅସେମ୍ବଲୀ ଅଫ୍ ଗଡର ଜଣେ ସେବକ ଏବଂ ସହଯୋଗୀ, କହିଲେ, "ଆପଣ ସେଥିରେ,

ଭୁଲ୍ ଅଟନ୍ତି ।”

ମୁଁ କହିଲି, “ହଁ, ମୁଁ ହୋଇପାରେ । ମୁଁ ଚାହେଁ ଯେ ଆପଣ ମୋତେ ତାହା କୁହନ୍ତୁ ।”

289 ସେ କହିଲେ ତାହାପରେ, ସେ ଆଗକୁ ଯାଇ ଏହା ବିଷୟରେ କଥାବାର୍ତ୍ତା କରିବାକୁ ଲାଗିଲେ । ପ୍ରଥମ ବିଷୟ ଆପଣ ଜାଣନ୍ତି, ସେ ନିଜେ କଅଣ କହୁଛନ୍ତି ତାହା ଜାଣି ନ ଥିଲେ । ଏବଂ ଗୋଟିଏ କଥା ସେ କହିଲେ, ସେ କହିଲେ, “ଭାଇ ବ୍ରାନହାମ୍, ସେହି ପ୍ରଜାତି କେଉଁଠାରେ ଅଛି? ପରମେଶ୍ୱର କହିଛନ୍ତି ‘ତାର ଏକ ପ୍ରଜାତି ।’ ତେବେ ଆପଣ କହୁଥିବା ସେହି ପ୍ରଜାତି କେଉଁଠାରେ ଅଛି ଯିଏକି ମନୁଷ୍ୟ ଏବଂ ପଶୁ ମଝିରେ ଥିଲା, ଯାହାକୁ ବିଜ୍ଞାନ ବର୍ତ୍ତମାନ ଖୋଜି ପାଉ ନାହିଁ? ସେ କେଉଁଠାରେ ଅଛି?” କହିଲେ, “କଅଣ ସେ ପୃଥିବୀରେ ଅଛି କି? କଅଣ ସେ ଏକ ଚିମ୍ପାଞ୍ଜି ଥିଲା କି?”

290 “ନା, କାରଣ ଏକ ଚିମ୍ପାଞ୍ଜିର ରକ୍ତ ଜଣେ ସ୍ତ୍ରୀଲୋକଙ୍କ ସହିତ ମିଶିବ ନାହିଁ, ଅନ୍ୟ କୌଣସି ପ୍ରାଣୀ ତାହା ସହିତ ମିଶିବ ନାହିଁ । ନା, ଏହା ହେବ ନାହିଁ, କିମ୍ୱା ଜଣେ ପୁରୁଷର ଶୁକ୍ରାଣୁ ମଧ୍ୟ ସେହି—ସେହି ସ୍ତ୍ରୀ ସହିତ ମିଶ୍ରିତ ହେବ ନାହିଁ । ଏହା ତାହା କରିବ ନାହିଁ ।”

291 “ତେବେ ସେହି ନିର୍ଦ୍ଦିଷ୍ଟ ପଶୁ କେଉଁଠାରେ ଅଛି? ତେବେ, ପରମେଶ୍ୱର କହିଲେ, ‘ସବୁକିଛି ନିଜ ନିଜ ସ୍ୱଜାତିର ଉତ୍ପନ୍ନ କରୁ ।’”

292 ମୁଁ ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କଲି । ଏବଂ ପବିତ୍ରଆତ୍ମାଙ୍କର ମଧୁରତା କହିଲା, “ତାଙ୍କୁ କୁହ, ‘ତାହା ଏଠାରେ ଅଛି ।’”

ତେବେ, ପ୍ରଥମେ ମୁଁ କହିଲି, “ହଉ, ଏହା ଲୋପ ପାଇ ଯାଇଥିବ ।”

ସେ କହିଲେ, “ମାତ୍ର, ଭାଇ ବ୍ରାନହାମ୍, ତାହା, ଆମେ ବାକ୍ୟ ବିଷୟରେ କଥା କହୁଅଛୁ, ନୁହେଁ କି?”

293 ମୁଁ କହିଲି, “ହଁ, ଆଜ୍ଞା ।” ଏବଂ ମୁଁ କହିଲି, “ସେମାନେ, ଅବଶ୍ୟ, ଦାବି କରନ୍ତି ଯେ ଅନ୍ୟାନ୍ୟ ବିଷୟମାନ, ଡାଇନାସୋର ପରି ଏବଂ—ଏବଂ ବିଶାଳକାୟ ଦନ୍ତା ହାତୀ ମାମୋଥ୍ ପରି, ଏବଂ ଅନ୍ୟାନ୍ୟ ପରି, ମାମାଲ୍ସ, କିମ୍ୱା ମାମୋଥ୍ ପରି, ବରଂ, ସେମାନେ ଲୋପ ପାଇଛନ୍ତି, ଏବଂ ଇତ୍ୟାଦି ।” ମୁଁ କହିଲି, “ଏହା ତାହା ହୋଇ ଥାଇପାରେ ।”

294 ସେ କହିଲେ, “ଭାଇ ବ୍ରାନହାମ୍, ଆମେ ବାକ୍ୟର ପ୍ରମାଣ ବିଷୟରେ କଥା ହେଉଅଛୁ । ଯଦି ପାପ ଏଠାରେ ଅଛି, ତେବେ, ସେହି ମୂଳ ପାପ, ତାହାକୁ ମଧ୍ୟ ଏଠାରେ ରହିବା ଉଚିତ୍ ।”

295 ଏବଂ ମୁଁ କହିଲି, “ପ୍ରଭୁ ଯୀଶୁ, ତୁମେ କହିଛ, ‘ମନୁଷ୍ୟ ସମ୍ମୁଖରେ ଆସିବାବେଳେ ତୁମେ କଅଣ କହିବ ତାହା ଚିନ୍ତା କର ନାହିଁ, କାରଣ ତାହା ସେହି ଘଟିକାରେ ତୁମକୁ ପ୍ରଦାନ କରାଯିବ ।’ ପ୍ରଭୁ, ମୁଁ କଅଣ କହିବି?” ସେ କହିଲା, “ତାଙ୍କୁ କୁହ, ‘ତାହା ଏଠାରେ ଅଛି ।’” ଠିକ୍ ସେହି ସମାନ ଭାବରେ ଯେପରିକି ମୁଁ ମଞ୍ଚ ଉପରେ ଦର୍ଶନ ଦେଖିଥାଏ ।

296 ମୁଁ କହିଲି, “ତାହା ଏଠାରେ ଅଛି,” ଏହା ନ ଜାଣି ଯେ ତାହା କେଉଁଠାରେ ଅଟେ ।

ସେ କହିଲେ, "କେଉଁଠାରେ?"

ଏବଂ ଏପରିକି ମୁଁ ଭାବି ପାରିଥାନ୍ତି ତାହାର ପୂର୍ବରୁ, ସେ କହିଲେ, "ଏହା ସର୍ପ ଅଟେ ।"

297 ତାହାହିଁ ଅବିକଳ ଯାହାକି ସେ ଥିଲା, କାରଣ ସେ ଆଉ ଅଧିକ ଏକ ପଶୁ ନୁହେଁ । ତାକୁ ଅଭିଶାପ ଦିଆ ଯାଇଥିଲା ଏବଂ ତାକୁ ତାର ଅବଶିଷ୍ଟ ଦିନ ପେଟରେ ଗୁରୁଣ୍ଡିବା ପାଇଁ ଛାଡ଼ି ଦିଆଗଲା । ସେ ଏଠାରେ ଅଛି । କଅଣ ଏହା ଠିକ୍ ଅଟେ? ଏବଂ ତଥାପି ସେହି କାର୍ଯ୍ୟରେ ଯାହା ସେ କରିଥିଲା, ଏବେ ସୁଦ୍ଧା ସେହି ସମାନ ପାପ ଜଣେ ସ୍ତ୍ରୀଲୋକର ଚାରିପାଖରେ କାମ କରେ, ଯେପରିକି ଏକ ପୁରୁଷ ଲିଙ୍ଗ କାମ କରିଥାଏ । ସେହିଠାରେ ହିଁ ଅଟେ ଯେଉଁଠାରେକି ସେ ତାର ଏହି ଲୋକ ଲୋଚନରେ କାମୁକ ଅବସ୍ଥା ଏବଂ ବିଷୟମାନ ପାଇଅଛି, ଯେତେବେଳେ ତାହ ପାଖରେ ଏପରି ଅତ୍ୟଧିକ ସମ୍ବେଦନଶୀଳତା ରହିଛି ଯାହାକି କୌଣସି ପୁରୁଷ କେବେ କରିପାରେ ।

298 ମୁଁ ସେଠାରେ ଅଟକି ଯିବି କାରଣ ଆମେ ଏକ ମିଶ୍ରିତ ଭିଡ଼ରେ ଅଛୁ । ମୁଁ କିଛି ପୁରୁଷମାନଙ୍କୁ ନେବି, ମୁଁ କରିବି...ଆମେ ଏହା ବିଷୟରେ ଅଧିକ ଆଲୋଚନା କରିବା । ସମସ୍ତ କାଗଜପତ୍ର ଏବଂ ସବୁକିଛି ବିଷୟ ଠିକ୍ ଏଠାରେ ରଖା ହୋଇଛି, ଠିକ୍ ବର୍ତ୍ତମାନ ମୋ ହାତରେ ଅଛି, ଏବଂ ମୁଁ ଆଜି ସକାଳେ ଏହାକୁ ଆପଣଙ୍କ ନିକଟକୁ ଆଣିବାକୁ ଯାଉଥିଲି । ମୁଁ ଏଥିରେ ପୁରା ଦିନ ନେବାକୁ ଯାଉଥିଲି, ମାତ୍ର ମୁଁ ବର୍ତ୍ତମାନ ଏହା କହି ବନ୍ଦ କରିବି ।

299 ଏହା କେବଳ ମୋର ମଣ୍ଡଳୀ ପାଇଁ ଅଟେ । ମୋର ମଣ୍ଡଳୀ ନୁହେଁ...ସେହି ଛୋଟ ପଲ ଯାହାକି ମୋତେ ବିଶ୍ୱାସ କରନ୍ତି ଏବଂ ମୋତେ ଅନୁସରଣ କରନ୍ତି, ଏହା ସେମାନଙ୍କ ପାଇଁ ଅଟେ ।

300 ସେହି ଅନ୍ୟ ଦିନ, ଏହା ଜାଣି ଯେ ଯେତେବେଳେ ମୁଁ ଆପଣମାନଙ୍କୁ କିଛି କହିବି, ଏହା ନିଶ୍ଚିତ ଭାବରେ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ହେବ, ତା'ପରେ ମୋ ପାଖରେ ସେହି ଶାସ୍ତ୍ରଗୁଡ଼ିକ ଥିଲା ଯେପରିକି ସେ ଏହାକୁ ମୋ' ନିକଟରେ ପ୍ରକାଶ କରିଥିଲେ । ମାତ୍ର, "ପ୍ରଭୁ ପରମେଶ୍ୱର, ମୁଁ ସେହି ମଣ୍ଡଳୀକୁ କଅଣ କହିପାରେ? ମୋ ପାଖରେ ଭାଗ ଭାଗ ହୋଇଯିବ । ପୁରୁଷ ବାରଣ୍ଡା ଉପରେ ଏବଂ ବାହାରେ ଅଗଣାରେ, ଏବଂ ଅନ୍ୟ ସବୁ ସ୍ଥାନରେ ବସି ଚିନ୍ତା କରିବେ, 'କଅଣ ମୁଁ ତାକୁ ପରିତ୍ୟାଗ କରିଦେବି କି?' ସ୍ତ୍ରୀମାନେ, 'କଅଣ ମୁଁ ମୋର ସ୍ୱାମୀଙ୍କୁ ପରିତ୍ୟାଗ କରିବି କି?' 'ମୁଁ କଅଣ କରିବି?'" ମୁଁ କହିଲି, "ପ୍ରଭୁ, ମୁଁ କଅଣ କରିପାରେ?"

301 କିଛି ଗୋଟାଏ ମୋତେ କହିଲା, "ପର୍ବତ ଉପରକୁ ଯାଅ, ଏବଂ ମୁଁ ତୁମ ସହିତ କଥା ହେବି ।"

302 ଏବଂ ଯେତେବେଳେ ମୁଁ ପର୍ବତ ଉପରେ ଥିଲି, ଏହା ଜାଣି ନ ଥିଲି ଯେ ଟୁ୍ୟସାନ୍‌ରେ ସେମାନେ ଏହାକୁ ଦେଖୁଥିଲେ । ମାତ୍ର ଏପରିକି ଶିକ୍ଷକମାନେ ମଧ୍ୟ ପିଲାମାନଙ୍କୁ ଡାକିଲେ...ମୋର ଛୋଟ ଝିଅ ଏବଂ ସେମାନେ, ବିଦ୍ୟାଳୟ କକ୍ଷରୁ, ଏବଂ କହିଲେ, "ସେହି ପର୍ବତ ଉପରକୁ ଦେଖ! ସେଠାରେ ଏକ ଜ୍ୱଳନ୍ତ-ଦିଶୁଥିବା ସୁବର୍ଣ୍ଣ ହଳଦିଆ ମେଘ ଆକାଶରେ

ଉପରକୁ ଯାଉଥିଲା ଏବଂ ତଳକୁ ଆସୁଥିଲା, ଆକାଶରେ ଉପରକୁ ଯାଉଥିଲା ଏବଂ ତଳକୁ ଆସୁଥିଲା ।" ପରମେଶ୍ୱରଙ୍କ ଗୌରବ ହେଉ ।

303 ଶ୍ରୀମତୀ ଇଭାନ୍ସ, ଆପଣ ଏଠାରେ ଅଛନ୍ତି କି? ରୋନି, ତୁମେ ଏଠାରେ ଅଛ କି? ମୁଁ ତଳକୁ ଓହ୍ଲାଇ ଆସିବାବେଳେ ସେହି ଷ୍ଟେସନରୁ ହେଇକି ଆସିଲି, ଏହି ଯୁବା ପିଲାଟି ସେହି ପୂର୍ତ୍ତି ଷ୍ଟେସନ, ସେଠାରେ ଇଭାନ୍ସ ପୂର୍ତ୍ତି ଷ୍ଟେସନରେ ରହିଥିଲା । ଏବଂ ଏହା ପୂର୍ବରୁକି ମୁଁ ଜାଣନ୍ତି ଯେ ସେହି ପିଲାଟି କଅଣ କହିବାକୁ ଯାଉଥିଲା, ସେ ମୋର ପାଦ ଧରି ପକାଇଲା, ସେ କହିଲା, "ଭାଇ ବ୍ରାନହାମ୍, ଆପଣ ସେହି ପର୍ବତ ଉପରକୁ ଯାଇଥିଲେ, ନୁହେଁ କି?"

304 ମୁଁ କହିଲି, "ତୁମେ କଅଣ କହିବାକୁ ଚାହୁଁଛ, ରୋନି? ନା," ଦେଖନ୍ତୁ, ତାହା ଦେଖିବା ପାଇଁ ଯେ ସେ କଅଣ କରିବାକୁ ଯାଉଥିଲା । ଅନେକ ଥର ଘଟଣାଗୁଡିକ ଘଟିଥାଏ, ମୁଁ କରେ ନାହିଁ, ଆପଣ ଏହାକୁ ଲୋକମାନଙ୍କୁ କୁହନ୍ତି ନାହିଁ । ଏହା ହୋଇଗଲା...ଏହାର ବିଷୟ ହେଉଛି, ଆପଣ ଏତେ ଅଧିକ ବିଷୟ ଘଟୁଥିବାର ଦେଖନ୍ତି, ଯେ ଏହା ଆପଣଙ୍କ ପାଇଁ ସାଧାରଣ ହୋଇଯାଏ । ଦେଖନ୍ତୁ? ମୁଁ ଲୋକମାନଙ୍କୁ ତାହା କେବଳ କୁହେ ନାହିଁ । ମୁଁ କହିଲି, "ରୋନି, ତୁମେ କଅଣ ଥିଲ..."

305 ସେ କହିଲା, "ମୁଁ ଆପଣଙ୍କୁ ଠିକ୍ ଦେଖାଇପାରେ ଯେ ଆପଣ କେଉଁଠାରେ ଥିଲେ ।" କହିଲା, "ମୁଁ ମାମାଙ୍କୁ ଡାକିଲି, ଏବଂ ଆମେ ଏଠାରେ ଛିଡ଼ା ହୋଇ ସେହି ମେଘକୁ ସେଠାରେ ଉପରେ ଝୁଲି ରହିଥିବାର, ପୁଣି ଉପରକୁ ଓ ତଳକୁ ହେଉଥିବାର ଦେଖିଲୁ । ମୁଁ କହିଲି, 'ଏହା ତ ଭାଇ ବ୍ରାନହାମ୍ ସେଠାରେ ଉପରେ କୌଣସିଠାରେ ରହିଥିବେ । ତାହା ତ ପରମେଶ୍ୱର ତାଙ୍କ ସହ କଥାବାର୍ତ୍ତା କରୁଛନ୍ତି ।'"

306 ଏବଂ ସମଗ୍ର ସହର, ଲୋକମାନେ, ଏହାକୁ ଦେଖିଲେ । ଏକ ଉଜ୍ଜ୍ୱଳ ଦିନରେ କୌଣସି ମେଘ କୌଣସିଠାରେ ନ ଥାଇ, ଏହି ବଡ ସୁବର୍ଣ୍ଣ ହଳଦିଆ ମେଘ ସେଠାରେ ଝୁଲି ରହିଥିଲା; ଏକ କାହାଳୀ ପରି ଆକାରରେ ତଳକୁ ଆସିଥିଲା, ଏବଂ ଚୌଡା ହୋଇ ପଛକୁ ବିସ୍ତାରିତ ହୋଇଥିଲା ।

307 ବନ୍ଧୁଗଣ, ଏବଂ ତାହାପରେ ମୁଁ ସମାପ୍ତ କରୁଛି, ଆପଣ ଏଥିରୁ ଯାଇପାରିବେ । ସେତେବେଳେ ହିଁ ଅଟେ ଯେତେବେଳେକି ଏହା ମୋ ନିକଟରେ ପ୍ରକାଶ କରାଯାଇଥିଲା, ଯାହା ମୁଁ ବର୍ତ୍ତମାନ ଆପଣଙ୍କୁ କହିବାକୁ ଯାଉଅଛି, ଏଣୁ ଏହାକୁ ଶୁଣିବାରେ ବିଫଳ ହୁଅନ୍ତୁ ନାହିଁ ।

308 ତେବେ ମୁଁ କେବଳ ଆମର ଅନୁସରଣକାରୀମାନଙ୍କୁ କହୁଅଛି, ଯିଏକି ମୋତେ ଏବଂ କେବଳ ଏହି ବାର୍ତ୍ତାକୁ ଅନୁସରଣ କରୁଛନ୍ତି, ବାହ୍ୟ କାହାରିକୁ ନୁହେଁ । ପରମେଶ୍ୱରଙ୍କ ସମ୍ମୁଖରେ ମୁଁ ଏହି ବିଷୟର ରେକର୍ଡ ରଖେ । କେବଳ ଏହି ଗୋଷ୍ଠୀକୁ!

309 ତେବେ ଆମେମାନେ ଈଶ୍ୱର ସମ୍ବନ୍ଧୀୟ ଜ୍ଞାନର ଭୁଲ୍ ବ୍ୟାଖ୍ୟା ଯୋଗୁଁ ଏହି ବିଶୃଙ୍ଖଳାରେ ରହିଅଛୁ । କଅଣ ଏହା ଠିକ୍ କି? ସେଥିପାଇଁ ଆପଣ ସ୍ତ୍ରୀଲୋକମାନେ ଦ୍ୱିତୀୟ ଥର ବିବାହ

କଲେ, ଏବଂ ଆପଣ ପୁରୁଷମାନେ, କାରଣ ଈଶ୍ୱର ସମ୍ବନ୍ଧୀୟ ଜ୍ଞାନର ଭୁଲ୍ ବ୍ୟାଖ୍ୟା। ବର୍ତ୍ତମାନ ମୁଁ ଆପଣମାନଙ୍କୁ କିଛି ଦେଖାଇବାକୁ ଚାହେଁ ଯାହା ସେ ମୋତେ କହିଥିଲେ।

310 ଏବଂ ଯଦି ପରମେଶ୍ୱର, ଆମର ସୃଷ୍ଟିକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କୁ, ଯେତେବେଳେ ସେ ଏଠାରେ ପୃଥିବୀରେ ଥିଲେ ପ୍ରଶ୍ନ କରାଯାଇଥିଲା; ଏବଂ ଯେତେବେଳେ ତାହାଙ୍କର ଉଦ୍ଧାରକାରୀ ଭବିଷ୍ୟଦ୍‌ବକ୍ତା, ମୋଶା, ତଳେ ମିସରକୁ ଆସିଲେ, ସେହି ସନ୍ତାନମାନଙ୍କୁ ମିସରରୁ—ରୁ ବାହାର କରି ଆଣି, ସେମାନଙ୍କୁ ପ୍ରତିଜ୍ଞାତ ଦେଶରେ ରଖିବା ପାଇଁ; ଆଉ ଯୀଶୁ ଏଠାରେ କହିଲେ ଯେ ମୋଶା ଲୋକମାନଙ୍କୁ ଏହି ଅବସ୍ଥାରେ ଦେଖିଥିଲେ ଏବଂ ସେ ସେମାନଙ୍କୁ ଛାଡପତ୍ରର ଅନୁମତି ବିଷୟ ଲେଖିଥିଲେ, କାରଣ ପରିସ୍ଥିତି ତାହା ଥିଲା ଯାହାକି ଏହା ଥିଲା। ମୋଶା ଏପରି ପାଇଲେ, ଯଥା, "ତେବେ ସେ ଏହା କରୁ..." ପରମେଶ୍ୱର ମୋଶାଙ୍କୁ, ସେହି ଭବିଷ୍ୟଦ୍‌ବକ୍ତାଙ୍କୁ ଲୋକମାନଙ୍କ ନିକଟକୁ ପ୍ରେରଣ କରି, ସେମାନଙ୍କୁ ଛାଡପତ୍ରର ଏହି ଲେଖା ପ୍ରଦାନ କରିବାକୁ ଅନୁମତି ଦେଲେ।

311 ଏବଂ ପ୍ରଥମ କରିନ୍ଥୀୟରେ, ତାର—ତାର 7ମ ପର୍ବ, 12ଶ ଏବଂ 15ଶ ପଦ, ସେହି ନୂତନ ନିୟମ ଭବିଷ୍ୟଦ୍‌ବକ୍ତାଠାରେ, ପାଉଲଙ୍କଠାରେ, ଯିଏକି ମଣ୍ଡଳୀରେ ସେହି ସମାନ ବିଷୟକୁ ସମ୍ମୁଖିନ ହୋଇଥିଲେ ଏବଂ ଏହା କହିଥିଲେ, "ଏହା ମୁଁ ଅଟେ, ପ୍ରଭୁ ନୁହଁନ୍ତି।" କଅଣ ତାହା ଠିକ୍ ଅଟେ? କାରଣ ଛାଡପତ୍ର ପରିସ୍ଥିତି ହେତୁ।

312 "ଆଦ୍ୟରୁ ତାହା ସେପରି ନ ଥିଲା।" ମାତ୍ର ମୋଶା ତାହାକୁ ଅନୁମତି ଦେଲେ, ଏବଂ ପରମେଶ୍ୱର ଏହାକୁ ଧାର୍ମିକତା ଗଣନା କଲେ। ଏବଂ ପାଉଲଙ୍କର ମଧ୍ୟ ଏକ ଅଧିକାର ଥିଲା, ଯେତେବେଳେ ସେ ତାଙ୍କର ମଣ୍ଡଳୀକୁ ସେହି ଅବସ୍ଥାରେ ପାଇଲେ।

313 ତେବେ ଆପଣ ଏହା ସତ୍ୟ ବୋଲି ବିଶ୍ୱାସ କରନ୍ତୁ, ଏବଂ ଏହା ପରମେଶ୍ୱରଙ୍କଠାରୁ ଆସିଅଛି ବୋଲି ବିଶ୍ୱାସ କରନ୍ତୁ! ଏବଂ ତାହାଙ୍କର ମେଘ ଏବଂ ତାହାଙ୍କ ବାର୍ତ୍ତାର ସୁପ୍ରମାଣ ଦ୍ୱାରା ଯାହାକି ମୋତେ ଏ ପର୍ଯ୍ୟନ୍ତ କଢେଇ ନେଇଆସିଛି, ପରମେଶ୍ୱର କଅଣ ପର୍ବତ ଉପରେ ମୋତେ ସେହି ସମାନ ବିଷୟକୁ କରିବା ପାଇଁ ଅନୁମତି ଦେବେ ନାହିଁ, ଯେ ଆପଣଙ୍କୁ ସେହି ମାର୍ଗରେ ଯିବାକୁ ବାଧ୍ୟ କରେ ଯେଉଁଥିରେକି ଆପଣମାନେ ଚାଲିଛନ୍ତି, ଏବଂ ଆଉ ଅଧିକ ସେପରି ନ କରନ୍ତୁ! ନିଜ ସ୍ତ୍ରୀମାନଙ୍କ ପାଖକୁ ଯାଆନ୍ତୁ ଏବଂ ଶାନ୍ତିରେ ରୁହନ୍ତୁ, କାରଣ ସମୟ ବିଳମ୍ବ ହେଉଛି। ପ୍ରଭୁଙ୍କ ଆଗମନ ସନ୍ନିକଟ ଅଟେ। ଏହି ବିଶୟଗୁଡିକୁ ଭାଙ୍ଗିବା ପାଇଁ ଆମ ପାଖରେ ସମୟ ନାହିଁ। ଆପଣ ଏହାକୁ ପୁଣିଥରେ କରିବା ପାଇଁ ଚେଷ୍ଟା କରିବାକୁ ସାହସ କରନ୍ତୁ ନାହିଁ! ମୁଁ କେବଳ ମୋର ମଣ୍ଡଳୀକୁ ଏହା କହୁଅଛି। କିନ୍ତୁ ଯଦି ଆପଣ ବିବାହିତ ଅଟନ୍ତି...ଆଉ ପରମେଶ୍ୱର ପର୍ବତ ଉପରେ, ମୋତେ ତାହାର ସାକ୍ଷୀ କଲେ, ଯେପରିକି ମୁଁ ଏହା କହିପାରେ, ସପ୍ତ ମୁଦ୍ରା ଖୋଲାଯିବା ହେତୁରୁ, ଏକ ଅଲୌକିକ ପ୍ରକାଶନ ଅଟେ, ଏବଂ ଏହା ପରମେଶ୍ୱରଙ୍କ ବାକ୍ୟରେ ଏକ ପ୍ରଶ୍ନ ଅଟେ। "ସେମାନେ ଯେପରି ଅଛନ୍ତି ସେମାନଙ୍କୁ ସେହିପରି ଯିବାକୁ ଦିଅ, ଆଉ ପାପ କର ନାହିଁ!"

314 "ଆଦ୍ୟରୁ ତାହା ସେପରି ନ ଥିଲା।" ତାହା ଠିକ୍, ତାହା ସେପରି ନ ଥିଲା, ଏବଂ ତାହା ଶେଷରେ ମଧ୍ୟ ହେବ ନାହିଁ। ମାତ୍ର ଆଧୁନିକ ପରିସ୍ଥିତିରେ, ପରମେଶ୍ୱରଙ୍କ ସେବକ ଭାବରେ...ମୁଁ ନିଜକୁ ତାହାଙ୍କର ଭବିଷ୍ୟଦ୍‌ବକ୍ତା ବୋଲି କହିବି ନାହିଁ; ମାତ୍ର ମୁଁ ବିଶ୍ୱାସ କରେ ଯେ ବୋଧହୁଏ, ଯଦି ମୋତେ ତାହାପାଇଁ ପଠାଯାଇ ନ ଥାନ୍ତା, ତେବେ ତାହାଙ୍କର ଆସିବା ପାଇଁ ମୁଁ ତାହାଙ୍କ ନିମନ୍ତେ ଏକ ଭୂମି ତିଆରି କରୁଅଛି। ତେଣୁ ଆଧୁନିକ ପରିସ୍ଥିତିରେ, ମୁଁ ଆଜ୍ଞା କରେ ଯେ ଆପଣ ବର୍ତ୍ତମାନ ନିଜର ଘରକୁ ଯାଆନ୍ତୁ ଏବଂ ନିଜ ପତ୍ନୀଙ୍କ ସହିତ ରୁହନ୍ତୁ। ଯଦି ଆପଣ ତାଙ୍କ ସହିତ ଖୁସି ଅଟନ୍ତି, ତେବେ ତାଙ୍କ ସହିତ ରୁହନ୍ତୁ, ପରମେଶ୍ୱରଙ୍କ ଭୟ ଭକ୍ତିରେ ନିଜର ସନ୍ତାନମାନଙ୍କୁ ବଢାନ୍ତୁ। ମାତ୍ର ଯଦି ଆପଣ ତାହା ପୁଣିଥରେ କରନ୍ତି ତେବେ ପରମେଶ୍ୱର ଆପଣଙ୍କ ପ୍ରତି ଦୟା କରନ୍ତୁ! ଆପଣ ନିଜର ପିଲାମାନଙ୍କୁ କଦାପି ସେପରି ଏକ କାର୍ଯ୍ୟ ନ କରିବାକୁ ଶିଖାନ୍ତୁ, ସେମାନଙ୍କୁ ପରମେଶ୍ୱରଙ୍କ ଭୟ ଭକ୍ତିରେ ବଢାନ୍ତୁ। ଆଉ ତେବେ ଯେତେବେଳେକି ଆପଣ ଯେପରି ଅଛନ୍ତି ସେପରି ଥାଆନ୍ତୁ, ତାହାହେଲେ ଆସନ୍ତୁ ବର୍ତ୍ତମାନ ଯିବା, ଏହି ବିଳମ୍ବିତ ସନ୍ଧ୍ୟାରେ ଯେଉଁଥିରେକି ଆମେମାନେ ରହୁଅଛୁ, ଏବଂ "ଖ୍ରୀଷ୍ଟଙ୍କଠାରେ ଥିବା ସେହି ସର୍ବୋଚ୍ଚ ଆହ୍ୱାନର ଚିହ୍ନ ଆଡ଼କୁ ଅଗ୍ରସର ହେଉ," ଯେଉଁଠାରେ ସମସ୍ତ ବିଷୟ ସମ୍ଭବ ହେବ।

315 ଯେପର୍ଯ୍ୟନ୍ତ ମୁଁ ଆପଣମାନଙ୍କୁ ଆଜି ରାତି ଦେଖେ ନାହିଁ, ପ୍ରଭୁ ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ, ଯେତେବେଳେକି ଆମେ ପ୍ରାର୍ଥନା କରୁ।

316 ପ୍ରଭୁ ପରମେଶ୍ୱର, ଆମେ ତୁମକୁ ଧନ୍ୟବାଦ ଦେଉଅଛୁ। ଆମେ ତୁମକୁ ପ୍ରଶଂସା କରୁଅଛୁ। ତୁମେ ସେହି ମହାନ ସଦାପ୍ରଭୁ ଅଟ ଯିଏକି ମୋଶାଙ୍କୁ ବାଧ୍ୟ କରିଥିଲ। ମୋଶା, ସେହି ସେବକ, ଏବଂ ସେ ନିଜର ଲୋକମାନଙ୍କୁ କଅଣ କହିଥାନ୍ତେ? ଏବଂ, ପରମେଶ୍ୱର, ତୁମେ ତାଙ୍କୁ ଛାଡପତ୍ରର ଏକ ଲେଖା ଦେବାକୁ ବାଧ୍ୟ କଲ। ପାଉଲ, ସେହି ମହାନ ପ୍ରେରିତ ଯିଏକି ନୂତନ ନିୟମର ଲେଖକ ଥିଲେ, ଯେପରି ମୋଶା ପୁରାତନର ଥିଲେ। ମୋଶା ବ୍ୟବସ୍ଥାଗୁଡିକୁ ଏବଂ ବ୍ୟବସ୍ଥାର ବିତରଣର ଏକ ସମୟାବଧିକୁ ଲେଖିଲେ। ଅନେକ ଭବିଷ୍ୟଦ୍‌ବକ୍ତାମାନେ, ସେମାନଙ୍କର ବାକ୍ୟଗୁଡିକୁ ଏଥିରେ ଯୋଗ କରାଗଲା, ମାତ୍ର ମୋଶା ବ୍ୟବସ୍ଥାଗୁଡିକୁ ଲେଖିଥିଲେ। ଏବଂ ତୁମେ ତାଙ୍କୁ ଏକ ଲେଖା ଦେବା ପାଇଁ, ସେମାନଙ୍କ ହୃଦୟର କଠିନତା ହେତୁ, ସେମାନଙ୍କୁ ଛାଡପତ୍ରର ଏକ ନିୟମ ଲେଖିବା ପାଇଁ ବାଧ୍ୟ କଲ।

317 ସେହି ମହାନ ସାଧୁ ପାଉଲ, ନୂତନ ନିୟମର ଲେଖକ ହୋଇଥିବା ହେତୁ, ସେ ମଧ୍ୟ ଏପରି ଏକ ଦୃଢ ଭାରୋକ୍ତି ଦେଇପାରନ୍ତି, ଯଥା, "ମୁଁ ଏହି ପରିସ୍ଥିତିରେ କହୁଅଛି; ମୁଁ କୁହେ, ପ୍ରଭୁ ନୁହେଁ।"

318 ପ୍ରଭୁ ପରମେଶ୍ୱର, ଆଜି ମଧ୍ୟ ଠିକ୍ ସେହିପରି ଅଟେ, ଜଗତର ଅନ୍ତରେ, ଯେତେବେଳେକି ଆମେ ଏଠାରେ ପରମେଶ୍ୱରଙ୍କ ଦୟା ତଳେ ଅଛୁ, ଏହା ଜାଣି ଯେ ଆମକୁ ଶୀଘ୍ର ତାହାଙ୍କ ଉପସ୍ଥିତିରେ ଉତ୍ତର ଦେବାକୁ ଅଛି। ଏବଂ ପ୍ରଭୁ, ତୁମେ ଏତେ

ଅଧିକ କରିଅଛ, ମୁଁ ନିଶ୍ଚିତ ଯେ, ଏହି ଲୋକମାନଙ୍କ ଦୃଷ୍ଟିରେ, ସେମାନେ ଏହା ସହିତରେ ଲାଗି ରହିଥିବେ ଯେପରିକି ଏହା ତୁମଠାରୁ ଆସିଅଛି । ଏବଂ ଆଜି ଏଠାରେ ରେକର୍ଡରେ ରଖିବା ହେତୁ, ଏଠାରେ ବସିଥିବା ଅନେକ ଲୋକମାନଙ୍କ ମଧ୍ୟରୁ ସେମାନେ ମଧ୍ୟ ଅଛନ୍ତି ଯେଉଁମାନେକି ପର୍ବତ ଉପରେ ସେହି ଚିହ୍ନକୁ ଦେଖିଥିଲେ, ଯେଉଁଠାରେ ପ୍ରଭୁଙ୍କ ଦୂତମାନେ ଏକ ଘୂର୍ଣ୍ଣିବାତ୍ୟାରେ ଆସିଥିଲେ, ଯେଉଁଠାରେ ଏହା ସାତୋଟି ଦୂତମାନଙ୍କ ମଧ୍ୟରେ ଆସିଥିଲା, ଯେଉଁଠାରେ ସପ୍ତ ନିଗୁଢ ରହସ୍ୟ ଖୋଲା ଯାଇଥିଲା; ଏବଂ ସେହି ସମାନ ଦୂତ, ସେହି ସମାନ ଦିଗରେ, ସେହି ସମାନ ପର୍ବତ ଉପରେ ରହିଥିଲେ, ସେହି ଦିନ ଯେତେବେଳେକି ଏହା ପ୍ରକାଶିତ ହୋଇଥିଲା!

319 ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ଲୋକମାନେ ଘରକୁ ଫେରିବା ବେଳେ ଧନ୍ୟବାଦ ଅର୍ପଣ କରିବେ ଯେ ପରମେଶ୍ୱର ସେମାନଙ୍କୁ ଏହି ଅନୁଗ୍ରହ ପ୍ରଦାନ କରିଛନ୍ତି । ପ୍ରଭୁ, ମୁଁ ତ କେବଳ, ଏହାକୁ ଅନୁମତିରେ, କହିଲି । ଏବଂ ମୁଁ କେବଳ ଅନୁମତି ମାଧ୍ୟମରେ ଏହା କୁହେ, ପ୍ରଭୁ । ଏବଂ ଲୋକମାନେ ଏତେ କୃତଜ୍ଞ ହୁଅନ୍ତୁ ଯେ ସେମାନେ ଆଉ ସେହି ପାପକୁ ଆଉ କଦାପି କରିବାକୁ ଚେଷ୍ଟା କରିବେ ନାହିଁ! ଏବଂ ହେଉ ଯେ ସେମାନେ କଦାପି କୌଣସି ପାପ କରିବାକୁ ଚେଷ୍ଟା ନ କରନ୍ତୁ, ମାତ୍ର ସେମାନଙ୍କର ସମସ୍ତ ହୃଦୟରେ ତୁମକୁ ପ୍ରେମ କରନ୍ତୁ । ପ୍ରଭୁ, ଏହି ପରିବାରଗୁଡ଼ିକୁ ଖୁସି କର, ଏବଂ ସେମାନେ ପରମେଶ୍ୱରଙ୍କ ଭୟ ଭକ୍ତିରେ ନିଜର ସନ୍ତାନମାନଙ୍କୁ ବଢାନ୍ତୁ ।

320 କାରଣ, ମୋର ଏହି ବାର୍ତ୍ତା ଯାହା ମୋର ହୃଦୟରେ ଥିଲା ପରିବେଷଣ କରାଯାଇଅଛି, ପ୍ରଭୁ । ମୁଁ ସେହି ସବୁ କରିଅଛି ଯେପରିକି ମୁଁ ଜାଣେ ଯେ ତାହା କିପରି କରିବାକୁ ଥିଲା । ଏବଂ ଶୟତାନ ସପ୍ତାହ ସପ୍ତାହ ଧରି ମୋ ସହିତ ଯୁଦ୍ଧ କରିଛି, ଏବଂ ମୁଁ ଘଣ୍ଟା ଘଣ୍ଟା ଶୋଇ ନାହିଁ । ମାତ୍ର ବର୍ତ୍ତମାନ ପ୍ରଭୁ, ମୁଁ ଏହି ଲୋକମାନଙ୍କୁ ଆଦେଶ ଦେଉଅଛି ଯେ, ସେମାନେ ଏହାକୁ ଅଧ୍ୟୟନ କରନ୍ତୁ, ଏବଂ ଯାଇ ତୁମ ପାଇଁ ଜୀବନ ଯାପନ କରନ୍ତୁ । ହେ ପ୍ରଭୁ, ଏହା ପ୍ରଦାନ କର । ଏହା ବର୍ତ୍ତମାନ ମୋ କାନ୍ଧରୁ ହଟି ଯାଇଛି । ସେମାନେ ତୁମ ହାତରେ ଅଛନ୍ତି । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କୁ ଆଶୀର୍ବାଦ କରିବ ।

321 ପ୍ରଭୁ, ଏହି ରୁମାଲଗୁଡିକୁ ଆଶୀର୍ବାଦ କର, ଯାହାକି ବର୍ତ୍ତମାନ ଏଠାରେ, ରୋଗୀ ଏବଂ ପୀଡିତମାନଙ୍କ ପାଇଁ ରଖା ହୋଇଛି । ଏହା ହେଉ ଯେ ଏହି ରାତିଟି ସବୁଠୁ ମହାନ, ଶକ୍ତିଶାଳୀ ରାତିମାନଙ୍କ ମଧ୍ୟରୁ ଗୋଟିଏ ହେଉ, ଯେ ସମସ୍ତ ଲୋକ ସୁସ୍ଥ ହୁଅନ୍ତୁ । ହେ ପ୍ରଭୁ, ଏହା ପ୍ରଦାନ କର । ଆମକୁ ଏକାଠି ଆଶୀର୍ବାଦ କର ।

322 ଏପରି ହେଉ ଯେ ଆମେ ଶାନ୍ତିରେ, ଖୁସିରେ, ଆନନ୍ଦରେ ଯାଉ, କାରଣ ସୃଷ୍ଟିର ପରମେଶ୍ୱର ଆମକୁ ଦେଖାଇଅଛନ୍ତି "ଆଦ୍ୟରୁ," ଏବଂ ଏହି ଶେଷ ଦିନରେ, ତାହାଙ୍କର ଅନୁଗ୍ରହକୁ ପୁନର୍ବାର, ଆମେ ରହିଥିବା ଏହି ବିଶୃଙ୍ଖଳା ମଧ୍ୟରେ, ବିସ୍ତାର କରିଛନ୍ତି । ହେ ମହାନ ଏବଂ ଅନନ୍ତଜୀବୀ ପରମେଶ୍ୱର, ଆମେ ଏଥିପାଇଁ ତୁମକୁ କିପରି ଧନ୍ୟବାଦ ଦେଉ!

ଏବଂ ଆମର ହୃଦୟଗୁଡିକ ଏତେ ଖୁସି ହେଉ ଯେ, ତୁମ ବିରୁଦ୍ଧରେ ପାପ କରିବାକୁ ଆମର ଆଉ କଦାପି ଇଚ୍ଛା ରହିବ ନାହିଁ । ଯୀଶୁଙ୍କ ନାମରେ । ଆମେନ୍ ।

ମୁଁ ତାହାଙ୍କୁ ପ୍ରେମ କରେ, (ତୁମେ ତାଙ୍କୁ କାହିଁକି ପ୍ରେମ କରିବ ନାହିଁ?)
ମୁଁ ତାହାଙ୍କୁ ପ୍ରେମ କରେ
କାରଣ ପ୍ରଥମେ ସେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀରେ...

323 ମୁଁ ବର୍ତ୍ତମାନ ଏହା କହୁଛି ଯେପରିକି ସେବକଗଣ ବୁଝିବେ । ଏହା ସେମାନଙ୍କ ପାଇଁ ଅଟେ ଯେଉଁମାନେକି କେବଳ ଏହି ବାର୍ତ୍ତାକୁ ଅନୁସରଣ କରନ୍ତି!

324 ଓଃ, କଅଣ ଆପଣମାନେ ଖୁସି କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ମୁଁ ଆପଣମାନଙ୍କୁ ସତ୍ୟ କହିଅଛି, ସର୍ବଦା ସବୁବେଳେ, **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ କହିଅଛି! ["ଆମେନ୍!"]

325 ତେବେ ଆସନ୍ତୁ ଛିଡ଼ା ହେବା ଏବଂ ଆମର ହାତଗୁଡିକୁ ଉଠାଇବା, ଯେତେବେଳେକି ଆମେ ଏହାକୁ ପୁଣି ଥରେ ଗାଉ, "ମୁଁ ତାହାଙ୍କୁ ପ୍ରେମ କରେ ।" ମୁଁ ତାହାଙ୍କୁ ତାଙ୍କ ଅନୁଗ୍ରହ ପାଇଁ ପ୍ରେମ କରେ । ମୁଁ ତାହାଙ୍କୁ ତାଙ୍କ ଦୟା ପାଇଁ ପ୍ରେମ କରେ । ମୁଁ ତାହାଙ୍କୁ ତାଙ୍କ ବାକ୍ୟ ପାଇଁ ପ୍ରେମ କରେ । "ଏବଂ ପ୍ରଭୁଙ୍କ ବାକ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ନିକଟକୁ ଆସିଲା!"

ମୁଁ...

326 ଭାଇ, ଆସନ୍ତୁ । ଆଗକୁ ଯାଆନ୍ତୁ ।

**ବିବାହ ଏବଂ ଛାଡ଼ପତ୍ର** ORI65-0221M

(Marriage And Divorce)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଫେବୃୟାରୀ 21, ୧୯65, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ପାର୍କଭ୍ୟୁ ଜୁନିୟର୍ ହାଇସ୍କୁଲଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org